ପୂର୍ବ ମନ୍ତବ୍ୟ ନେଇ ଭୁଲ ସ୍ୱୀକାର କଲେ ସୁଶୀଲ ସିନ୍ଧେ
ପୃଷ୍ଠା ୫

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 207 | ଭାଗ ୩୨ | ସଂଖ୍ୟା୨୦୭ | Bhubaneswar | Monday 21 October 2024 | Page 8 Rs. 4.00 | ଭୁବନେଶ୍ୱର | ସୋମବାର ୨୧ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

ଟାଟାକୁ ବାଲିଆପାଳବାସୀଙ୍କ ଚରମବାଣୀ

'ଗୁଳି ଖାଇବୁ ପଛେ ଭିଟାମାଟି ଛାଡିବୁନି'

ବାଲେଶ୍ୱର, ୨୦।୧୦ (ସଂଚାର ବ୍ୟୁରୋ): ଟାଟା କମ୍ପାନୀର ବହୁ ପ୍ରତିକ୍ଷିତ ସୁବର୍ଣ୍ଣରେଖା ବହୁମୁଖୀ ବନ୍ଦର ବିରୋଧରେ ଜନଅସନ୍ତୋଷ ତୀବ୍ର ହୋଇଛି। ଗୋଟିଏ ପଟେ ଜନଶୁଣାଣୀର କାଉଣ୍ଟଡାଉନ ଆରମ୍ଭ ହୋଇଥିବା ବେଳେ ଅନ୍ୟପଟେ ଟାଟା କମ୍ପାନୀ ଡାଉନ ଡାଉନ୍ ସ୍ଲୋଗାନ ବଢ଼ିବାରେ ଲାଗିଛି। ୧୪ ବର୍ଷ ପରେ ବନ୍ଦର ପ୍ରକଳ୍ପର ଜନଶୁଣାଣୀ ଆଗାମୀ ୨୨ ତାରିଖରେ ହେବାର ଅଛି। ଠିକ ସେହି ସମୟରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଚଉମୁଖ ପଞ୍ଚାୟତରେ ଜନଶୁଣାଣୀ ବିରୋଧରେ ଜବରଦସ୍ତ ପ୍ରତିବାଦ ଦେଖିବାକୁ ମିଳିଛି। ଶେଷ ଥର ପାଇଁ ଜନଶୁଣାଣୀ ୨୦୧୦ ମସିହାରେ ହୋଇଥିଲା। ମାତ୍ର ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ ଓ ବିଜେଡି ଗୁଣ୍ଡାଙ୍କ ହିଂସା ଯୋଗୁଁ ଜନଶୁଣାଣୀ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଏବଂ ପୋଲିସକୁ ଲାଠି ଓ ଗୁଳି ଚାଳନା ଦ୍ୱାରା-୬

ଟାଟା ପ୍ରେମ ପାଇଁ ବିଜୁବାବୁଙ୍କୁ ଧୋକାଦେଲେ ନବୀନ

ଟାଟା ପାଇଁ ନବୀନ ବାବୁଙ୍କର ଏଭଳି ଦୁର୍ବଳତା ଥିଲା ଯେ, ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପକୁ ସରକାରୀ ସହାର୍ଯ୍ୟ ଯୋଗାଇଦେବା ପାଇଁ ନିଜ ବାପା ବିଜୁ ବାବୁଙ୍କର ନିଷ୍ପତ୍ତିକୁ ମଧ୍ୟ ଏଡାଇ ଦେଇଥିଲେ। ୯୦ ଦଶକରେ ବାଲିଆପାଳରେ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କ୍ଷେପଣାସ୍ତ୍ର ଘାଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବାଲିଆପାଳବାସୀଙ୍କ ବିରୋଧ ଏଭଳି ପ୍ରଖର ଥିଲା ଯେ, ସେ ସମୟରେ ବିରୋଧୀ ଦଳର ନେତା ଭାବରେ ବିଜୁ ବାବୁ ବାଲିଆପାଳ ଆନ୍ଦୋଳନରେ ସାମିଲ ହୋଇଥିଲେ। କେବଳ ସେ ନିଜେ ନୁହେଁ, ସେ ସମୟରେ ଭାରତର ବହୁ ନାମୀଦାମୀ ନେତାଙ୍କୁ ଆଣି ବାଲିଆପାଳ ଆନ୍ଦୋଳନରେ ସାମିଲ କରାଇଥିଲେ। ପରିଶେଷରେ ବାଲିଆପାଳବାସୀଙ୍କ ପ୍ରତିବାଦ ଆଗରେ ଭାରତ ସରକାର ମୁଣ୍ଡ ନୁଆଇଁ ଥିଲେ। କ୍ଷେପଣାସ୍ତ୍ର ଘାଟି ନିଷ୍ପତ୍ତିକୁ ପରିବର୍ତ୍ତନ କରାଯାଇଥିଲା। ସେସମୟରେ ବିଜୁ ବାବୁ ଗୋଟିଏ କଥା ସ୍ପଷ୍ଟ ଭାବରେ କହିଥିଲେ, ସମଗ୍ର ବାଲିଆପାଳ ହେଉଛି ଅତି ଉର୍ବର ଓ ବହୁମୁଖୀ କୃଷି କ୍ଷେତ୍ର। ତେଣୁ ଏସ୍ଥାନରେ କେବେ ବି କୌଣସି ଅଣକୃଷି ଶିଳ୍ପ ପ୍ରତିଷ୍ଠା କରାଯିବନି। ପରବର୍ତ୍ତି ସମୟରେ ବିଜୁ ବାବୁ ମୁଖ୍ୟମନ୍ତ୍ରୀ ହେବା ପରେ ଟାଟା କମ୍ପାନୀ ପକ୍ଷରୁ ବହୁ ପ୍ରୟାସ କରାଯାଇଥିଲା ସୁବର୍ଣ୍ଣରେଖା ମୁହାଣରେ ବନ୍ଦର କରିବା ପାଇଁ। ମାତ୍ର ବିଜୁବାବୁ କେବେ ବି ଏ ପ୍ରସ୍ତାବର ଫାଇଲକୁ ଟେବୁଲ ଉପରେ ରଖିବାକୁ ମୌକା ଦେଇନଥିଲେ। ମାତ୍ର ନବୀନ ବାବୁ ବିଜୁବାବୁଙ୍କୁ ଏଡାଇଯାଇ ଟାଟା କମ୍ପାନୀକୁ ସୁବର୍ଣ୍ଣରେଖା ବନ୍ଦର ପାଇଁ ଅନୁମତି ଦେଇଦେଇଥିଲେ। ଚଉମୁଖ ବାସିନ୍ଦାଙ୍କ କହିବା କଥା, ଆମର ବିରୋଧକୁ ବିଜୁବାବୁ ସାଥ୍ ଦେଇଥିଲେ। ତେଣୁ ଆଜି ବି ସାରା ଓଡ଼ିଶାରେ ପ୍ରବାଦ ପୁରୁଷ। ଦ୍ୱାରା-୬

ବନ୍ଦର ଚଲାଇବ ନା ବିକି ଦେଇ କମିଶନ ଖାଇବ ?

ଭିଟାମାଟି ସୁରକ୍ଷା କମିଟି ସଦସ୍ୟଙ୍କ ବଡ ଅଭିଯୋଗ ହେଲା ସୁବର୍ଣ୍ଣରେଖା ବନ୍ଦରକୁ ନେଇ ଟାଟା କମ୍ପାନୀର ଉଦ୍ଦେଶ୍ୟ ସନ୍ଦେହରେ। ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ କରି ତାକୁ ଚଲାଇବା ଟାଟା କମ୍ପାନୀର ଅସଲ ଉଦ୍ଦେଶ୍ୟ ନୁହେଁ। ବରଂ ବନ୍ଦର ନିର୍ମାଣ କରି ଆଉ ଏକ ବଡ ସଂସ୍ଥାକୁ ବିକି ଦେଇ ବଡ ମୁନାଫ କମାଇବା ହେଉଛି ଟାଟାର ଭିତରି ଉଦ୍ଦେଶ୍ୟ ବୋଲି ଅଭିଯୋଗ କରିଛନ୍ତି ଚଉମୁଖ ଜିଲ୍ଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ। ଚଉମୁଖର ଶହ ଶହ ଏକର ଜମି ଅଧିଗ୍ରହଣ କଲା ପରେ ବନ୍ଦର ନିର୍ମାଣ କରିଦେଇ ଅନ୍ୟ କମ୍ପାନୀକୁ ବିକିଦେବ ଟାଟା। ତାର ସବୁଠାରୁ ବଡ ଉଦାହାରଣ ହେଲା ଧାମରା ବନ୍ଦର। ଯଦି ବନ୍ଦର କରିବା ପାଇଁ ଟାଟା ଏତେ ଆଗ୍ରହୀ ତେବେ ଭଦ୍ରକ ଜିଲ୍ଲାର ଧାମରା ବନ୍ଦରକୁ ନଚଲାଇ ଆଦାନୀକୁ କାହିଁକି ବିକ୍ରି ଦେଲା ବୋଲି ପ୍ରଶ୍ନ କରିଛନ୍ତି ଦେହୁରୀ। ଧାମରାରେ ବନ୍ଦର କରିବା ପାଇଁ ଟାଟା ପାଇଁ ରାଜ୍ୟ ସରକାର ହଜାର ହଜାର ଏକର ଜମି ଅଧିଗ୍ରହଣ କଲେ, ବହୁ ଲୋକଙ୍କୁ ବିସ୍ଥାପିତ କଲେ। ମାତ୍ର ଟାଟା ସେଠାରେ ବନ୍ଦର ଚଲାଇଲା ନାହିଁ। ସମାନ ଯୋଜନାରେ ସୁବର୍ଣ୍ଣରେଖା ବନ୍ଦରକୁ ଟାଟା ବିକ୍ରି କରି କମିଶନ ଖାଇବା ଚକ୍କରରେ ଦ୍ୱାରା-୬

ଟାଟା ବନ୍ଦର ପ୍ରକଳ୍ପକୁ ବିରୋଧ କାହିଁକି ?

ଉତ୍ତର ଓଡ଼ିଶାର ବାଲିଆପାଳ ବ୍ଲକର ଚଉମୁଖ ପଂଚାୟତର ଗ୍ରାମ୍ୟ ଓ କୃଷି ଅର୍ଥନୀତି ଅତ୍ୟନ୍ତ ସମ୍ପନ୍ନ। ଚଉମୁଖ ପଂଚାୟତର ଯେଉଁଆଡେ ଅନେଇବେ ଧାନ ଚାଷ ଠାରୁ ଆରମ୍ଭ କରି ପାନବରଜ, ବିଭିନ୍ନ ପନିପରିବା, ମାଛ ଚାଷ, ପାନ ବ୍ୟବସାୟ। ଏହାବ୍ୟତିତ ଚଉମୁଖର ପ୍ରାୟ ହଜାରେ ଜନସଂଖ୍ୟା ମାଛ ଧରା ଓ ମାଛ ବ୍ୟବସାୟ ଉପରେ ନିର୍ଭର କରନ୍ତି। ଟାଟା ପ୍ରକଳ୍ପକୁ ଚଉମୁଖ ବାସିନ୍ଦାଙ୍କ ଦ୍ୱାରା ଗଠିତ ଏକ ସଂଗଠନ ଉପକୂଳ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ବିରୋଧ କରାଯାଉଛି। ସେମାନଙ୍କ କହିବା କଥା, ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପଂଚାୟତ ହେଉଛି ଚଉମୁଖ ପଂଚାୟତ। ପରିବେଶ ପ୍ରଭାବ ଆକଳନ (ଇଆଇଏ) ଆଇନ ୨୦୦୬ ଅନୁଯାୟୀ ପ୍ରକଳ୍ପ ଦ୍ୱାରା ଯେଉଁ ସ୍ଥାନ ପ୍ରଭାବିତ ହେବ ସେହି ସ୍ଥାନରେ ପ୍ରଭାବିତ ବାସିନ୍ଦାଙ୍କୁ ନେଇ ଜନଶୁଣାଣୀ ଆୟୋଜିତ ହେବ। ମାତ୍ର ଏପର୍ଯ୍ୟନ୍ତ ଜନଶୁଣାଣୀ ଦ୍ୱାରା-୬

ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ଆଇନକୁ ଫୁ'

ଟାଟା କମ୍ପାନୀକୁ ଜମି ଦେବା ପାଇଁ ବାଲିଆପାଳରେ ସରକାର ଆଇନ କାନୁନକୁ ଆଖିବନ୍ଦ କରିଦେଇଛନ୍ତି। ପ୍ରସ୍ତାବିତ ପ୍ରକଳ୍ପରେ ଟାଟା କମ୍ପାନୀ ଜନବିରୋଧ ପରେ ଯାହା ସବୁଠୁ ବଡ ସମସ୍ୟା ଭାବେ ଉଭା ହୋଇଛି ତାହା ହେଉଛି ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ଆଇନ। ପ୍ରସ୍ତାବିତ ଅଂଚଳରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଭୟ ସରକାର ଓ ଟାଟା ପାଇଁ କଣ୍ଟା ହୋଇଛି। ଚଉମୁଖ ବେଳାଭୂମୀ ହେଉଛି ବିରଳ ନୀଳରକ୍ତ କଙ୍କଡାଙ୍କ ବାସସ୍ଥଳୀ। ଯାହାକି ଓଡ଼ିଶାର ଏକମାତ୍ର ସ୍ଥାନ ଯେଉଁଠି ବହୁ ପରିମାଣର ନୀଳରକ୍ତ କଙ୍କଡା ଦ୍ୱାରା-୬

ତହସିଲଦାରଙ୍କୁ ତାଗିଦ

ଲୋକଙ୍କ କାମ ନ କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୦।୧୦ (ସଂଚାର ବ୍ୟୁରୋ): ତହସିଲଦାର, ଆରଆଇ, ଅମିନଙ୍କୁ ରାଜସ୍ୱ ବିଭାଗର ତାଗିଦ। ଡ୍ୟୁଟିରେ ଅବହେଳା କଲେ ତ୍ରାହି ନାହିଁ। ଲୋକଙ୍କ କାମ ନ କଲେ ୧୫ ଦିନ ଭିତରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ। ସମସ୍ତ ଜିଲ୍ଲାପାଳଙ୍କ ଚିଠି ଲେଖି ରାଜସ୍ୱ ବିଭାଗ ଅବଗତ କରିଛି।

ଜିଲ୍ଲାପାଳଙ୍କୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ ରହିଛି, ଗ୍ରାଉଣ୍ଡରେ ଥିବା କିଛି ବିଭାଗୀୟ ଅଧିକାରୀ ଲୋକଙ୍କୁ ସେବା ଦେବାରେ ଅବହେଳା କରୁଛନ୍ତି। ଅଭିଯୋଗର ସମାଧାନ କରୁନାହାନ୍ତି। ଯେଉଁଥିପାଇଁ ଲୋକଙ୍କୁ ଉପରସ୍ତରକୁ ଏମିତିକି ଭୁବନେଶ୍ୱର ଯାଏଁ ଆସିବାକୁ ପଡୁଛି। ଏହାଦ୍ୱାରା ଲୋକଙ୍କ ଉପରେ ଆର୍ଥିକ ଚାପ ଓ କଷ୍ଟ ସହିବାକୁ ପଡୁଛି। ଏହା ମଧ୍ୟ ନଜରକୁ ଆସିଛି ଯେ, ଅଭିଯୋଗ ବିନା ଶୁଣାଣିରେ ନିୟମିତ ପ୍ରକ୍ରିୟାରେ ଖାରଜ ହେଉଛି। ଗ୍ରାଉଣ୍ଡରେ ଥିବା ଫିଲ୍ଡ ଅଧିକାରୀ ଉତ୍ତର ଦାୟିତ୍ୱ ନେଉ ନ ଥିବାରୁ ଏହି ସମସ୍ୟା ହେଉଛି। ଆଉ ଅବହେଳା କରିଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଉପରିସ୍ଥ ଅଧିକାରୀ ନେଉ ନାହାନ୍ତି ବୋଲି ଚିଠିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛି ବିଭାଗ। ଏଣିକି ଏମିତି ଅଭିଯୋଗ ଆସିଲେ ସଂପୃକ୍ତ ଅଧିକାରୀଙ୍କ ବିରୋଧେର ୧୫ ଦିନ ଭିତରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବବୋଲି କୁହାଯାଇଛି।

ସ୍ପା ଓ ପାର୍ଲରରେ ହେବ ମାରାଥନ୍ ରେଡ୍

- ବଟି ନେଉଥିବା ଥାନାଧିକାରୀଙ୍କୁ ତ୍ରାହି ନାହିଁ
- ଅନୈତିକ କାରବାର ରୋକିବାକୁ ନିର୍ଦ୍ଦେଶ ଦେଲେ ଡିସିପି

ଭୁବନେଶ୍ୱର,୨୦।୧୦ (ସଂଚାର ବ୍ୟୁରୋ): ରାଜଧାନୀରେ କିଭଳି ଚାଲିଛି ଦେହବେପାର? ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଗ୍ରାଉଣ୍ଡ ଜିରୋରେ ପହଁଚିଥିଲେ ଆମ ରିପୋର୍ଟର । ବଡ଼ଗଡ଼ ଥାନା କେସୁରା ଛକରେ ଥିବା ଏହି ପାର୍ଲର ର ରିସେପ୍ସନିଷ୍ଟ ପୋଲିସର ମାସିକିଆ ବଟି ଠାରୁ ଆରମ୍ଭ କରି ବିଦେଶୀ ଯୁବତୀଙ୍କ ସ୍ପେଶାଲ ଟ୍ରିଟମେଣ୍ଟ, ସବୁ କିଛି ବୟାନ କରିଥିଲେ। କ୍ୟାମେରାରେ ଦେହ ବେପାରର ଗୁମର କଥା ରେକର୍ଡ ହେବା ପରେ ଅକ୍ଟୋବର ୪ ତାରିଖରେ ଏ ନେଇ ଖବର ପ୍ରକାଶ ହୋଇଥିଲା। ଆଉ ଏବେ ଖବର ଆ ଧ । ର ୧ ର ଆକ୍ସନ ମୋଡ୍‌କୁ ଆସିଛନ୍ତି ଡିସିପି। କିଛି ଅଫିସରଙ୍କ ଅପାରଗତା ପାଇଁ ଏଭଳି ଧନ୍ଦା ଚାଲିଥିବା ସ୍ୱୀକାର କରିବା ସହ ଆଗାମୀ ଦିନରେ ପ୍ରତେକ ଥାନାରେ ଥିବା ସ୍ପା ଓ ପାର୍ଲରରେ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସିଟି ସ୍ମାର୍ଟ ହେବା ସଂଗେ ଦ୍ୱାରା-୬

ଭାବବିହ୍ୱଳ ହେଲେ ହବିଷ୍ୟାଳି ମା'

ଭୁବନେଶ୍ୱର, ୨୦।୧୦ (ସଂଚାର ବ୍ୟୁରୋ): ହବିଷ୍ୟାଳୀ ମା' ମାନଙ୍କ ଅସୁବିଧାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ତଥା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପୁରୀରେ କାର୍ତ୍ତିକ ବ୍ରତ କରିବାକୁ ଆସିଥିବା ହବିଷ୍ୟାଳୀ ମା' ମାନଙ୍କୁ ବ୍ରତ ସରଞ୍ଜାମ ପ୍ରଦାନ କରିଛନ୍ତି। ଏଥିରେ ଶାଢୀ, ଚଦର, ଉତ୍ତରୀୟ, ରାଇ ଦାମୋଦର ବ୍ରତ ବହି, ଶୁଖିଲି ମହାପ୍ରସାଦ ପ୍ରଭୃତି ରହିଛି। ପ୍ରାୟ ୩୦୦୦ ହବିଷ୍ୟାଳୀ ମା'ଙ୍କ ପାଇଁ ରହିବାର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ହବିଷ୍ୟାଳୀ ମା' ମାନଙ୍କୁ ଦଣ୍ଡବତ ହୋଇ ଆଶୀର୍ବାଦ କାମନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ଏସବୁ ପ୍ରଦାନ କରି ଏହା ମୋ ନିଜର ମା'ଙ୍କୁ ଦେବା ପରି ଅନୁଭବ କରୁଛି'। ସେ କହିଛନ୍ତି ଯେ, ଆପଣମାନେ ସମସ୍ତେ ଏହାକୁ ବ୍ରତ ପାଳନ ବେଳେ ବ୍ୟବହାର କରିବେ। ଏ ମାସ ସାରା ଆପଣମାନେ ଯେପରି ଖୁବ୍ ଭଲ ଭାବରେ ହବିଷ କରିବେ, ମହାପ୍ରଭୁଙ୍କ ଦର୍ଶନ କରିବେ, ମହାପ୍ରସାଦ ସେବନ କରିବେ, ଭଜନ କୀର୍ତ୍ତନ ଶୁଣିବେ ଓ ଖୁସି ମନରେ ଘରକୁ ଫେରିବେ, ସେଥିପ୍ରତି ଯତ୍ନବାନ ହେବାକୁ ମୁଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛି ବୋଲି ସେ କହିଥିଲେ। ମା' ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଡାକ୍ତର ବ୍ୟବସ୍ଥା ମଧ୍ୟ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ଭଲରେ ରୁହନ୍ତୁ, ଆନନ୍ଦରେ ରୁହନ୍ତୁ। ନିଜ ପରିବାର ତଥା ରାଜ୍ୟର ସମୃଦ୍ଧି ଓ ବିକାଶ ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରନ୍ତୁ। ଓଡ଼ିଶା ବାହାରେ ଥିବା ସମୟରେ କିଛି ହବିଷ୍ୟାଳୀ ମା' ମାନଙ୍କ ଅସୁବିଧା ସମ୍ପର୍କରେ ସୂଚନା ପାଇବା ପରେ ସେ ତୁରନ୍ତ ଏହାର ସମାଧାନ କରିବାକୁ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ତଥା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ବୋଲି ସେ ପ୍ରକାଶ କରିଥିଲେ। ସେ ଦ୍ୱାରା-୬

ପ୍ରାୟ ୩୦୦୦ ହବିଷ୍ୟାଳିଙ୍କ ପାଇଁ ବନ୍ଦୋବସ୍ତ

ଦଣ୍ଡବତ ହୋଇ ଆଶୀର୍ବାଦ ନେଲେ ମୁଖ୍ୟମନ୍ତ୍ରୀ

ଶଙ୍କା ବଢ଼ାଇଲା ବାତ୍ୟା

ଦାନା

ଭୁବନେଶ୍ୱର,୨୦।୧୦ (ସଂଚାର ବ୍ୟୁରୋ): ଆସନ୍ତା ୨୩ ତାରିଖରେ କେନ୍ଦ୍ରୀୟ ବଙ୍ଗୋପସାଗରେ ସୃଷ୍ଟି ହେବାକୁ ଯାଉଛି ବାତ୍ୟା 'ଦାନା'। ଏନେଇ ଆଗୁଆ ସତର୍କ କରାଇଛି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆଗାମୀ ୨୪ ଘଣ୍ଟାରେ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରରେ ଏହା ଲଘୁଚାପର ରୂପ ନେବ । ପରେ ଏହା ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସହ ୨୨ ତାରିଖ ସକାଳ ସୁଦ୍ଧା ଅବପାତ ରୂପ ନେବ। ୨୩ ସକାଳ ସୁଦ୍ଧା ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟାର ରୂପ ନେବ ଲଘୁଚାପ । ଏହା ଉତ୍ତର-ପଶ୍ଚିମ ଦିଗକୁ ଗତି କରି ୨୪ ତାରିଖ ସକାଳ ସୁଦ୍ଧା ଉତ୍ତର-ପଶ୍ଚିମ ବଙ୍ଗୋପସାଗର ନିକଟସ୍ଥ ସମୁଦ୍ର ମଧ୍ୟରେ ଓଡ଼ିଶା-ପଶ୍ଚିମବଙ୍ଗ ନିକଟରେ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ରହିଛି।

ଏ ଯାଏଁ ବାତ୍ୟାର ପ୍ରଭାବ କେତେ ରହିବ ତାହା ସ୍ପଷ୍ଟ ହୋଇନାହିଁ। ଲଘୁଚାପ ସୃଷ୍ଟି ହେବା ପରେ ହିଁ ଚିତ୍ର ଓ ଏହାର ଗତିପଥ ସ୍ପଷ୍ଟ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ବାତ୍ୟା ନେଇ ସତର୍କ କରିଛନ୍ତି। ସେ କହିଛନ୍ତି, ଉପକୂଳ ଛୁଇଁଲା ବେଳେ ସମୁଦ୍ରରେ ପବନର ବେଗ ୧୦୦ରୁ ୧୨୦ କିମି ପର୍ଯ୍ୟନ୍ତ ରହିବ। ୨୩ରୁ ଓଡ଼ିଶା ଉପକୂଳରେ ୪୦ରୁ ୫୦ କିମି ବେଗରେ ପବନ ବହିବ। ବର୍ତ୍ତମାନ ସୁଦ୍ଧା ସୁପର ସାଇକ୍ଲୋନ ସମ୍ଭାବନା ନାହିଁ। କିନ୍ତୁ ଅତି ଭୀଷଣ ବାତ୍ୟା ପର୍ଯ୍ୟନ୍ତ ଏହାର ପ୍ରକୋପ ରହିପାରେ । ଏଥିପାଇଁ ଆସନ୍ତା ୨୪ ଓ ୨୫ ତାରିଖ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ସାମୁଦ୍ରିକ ଜୁଆର ମଧ୍ୟ ଆସିପାରେ। ୨୨ରୁ ସମୁଦ୍ର ଅଶାନ୍ତ ହେବ। ଏହାକୁ ଦୃଷ୍ଟିରେ ରଖି ମତ୍ସଜୀବୀମାନେ ୨୫ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ବାତ୍ୟା ପ୍ରଭାବରେ ୨୩ ତାରିଖରୁ ୨୫ ତାରିଖ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ୨୪ ଓ ୨୫ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ୨୪ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଏବଂ ଗଜପତି ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି । ବର୍ଷା ସହ ବିଜୁଳି ଘଡ଼ଘଡ଼ି ମଧ୍ୟ ରହିବ। ସେହିପରି ୨୫ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଭୀଷଣ ବର୍ଷାର ସମ୍ଭାବନା ରହିବ । ବିଶେଷ କରି ଭୀଷଣ ବର୍ଷା ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ ଜଗତସିଂହପୁର ଜିଲ୍ଲାରେ ହେବାକୁ ଥିବାବେଳେ ଏସବୁ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି କେନ୍ଦ୍ରାପଡା, କଟକ, ନୟାଗଡ଼, କନ୍ଧମାଳ ଓ ଗଜପତିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଦ୍ୱାରା-୬



୨୪ରେ ଛୁଇଁବ ସ୍ଥଳଭାଗ, ୧୨୦ କିମି ବେଗରେ ବହିବ ପବନ

ପ୍ରବଳରୁ ଅତି ପ୍ରବଳ ବର୍ଷା, ୪ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ

କେବେ ପଞ୍ଜୀକୃତ ହେବେ ନୂଆ ସାଂସ୍କୃତିକ ଦଳ ?

- ସଂସ୍କୃତି ବିଭାଗ ସ୍ଥାଣୁ, ୱେବ୍‌ସାଇଟ୍‌ରେ ଲେଖା ହେଇଛି 'କମିଂ ସୁନ୍'
- ପୁରୁଣା ଟ୍ରପ୍‌ଙ୍କୁ ନେଇ ଚାଲିଛି ବେପାର

ଭୁବନେଶ୍ୱର, ୨୦।୧୦ (ସଂଚାର ବ୍ୟୁରୋ): ଓଡ଼ିଶାର କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଉଦ୍ୟମ ଜାରି ରଖିଛି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ। ଯେଉଁ ଅନୁଷ୍ଠାନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ଚାହିଁବେ ସରକାର ତାଙ୍କୁ ମାଗଣାରେ ସାଂସ୍କୃତିକ ଦଳ ଯୋଗାଇ ଦେବେ। ଅର୍ଥାତ୍ ସାଂସ୍କୃତିକ ଦଳକୁ ଆର୍ଥିକ ସହାୟତା ଯୋଗାଇ ଦେବେ, ଆୟୋଜକ ଅନୁଷ୍ଠାନକୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ନାହିଁ। ଏଥିପାଇଁ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭା

ଦୁଇଟି ଏକପଦୀ

ବିବୁଧ ମହାକ୍ତି

ରବିପ୍ରିୟ ଦାଶ

ଅଭ୍ୟାସ

କାହା ପାଇଁ କିଏ ଜୀବନ ଦେବେନି
ଖାଲି ଯାହା ଏତ' ଅଭ୍ୟାସ ମାତ୍ର,
ଧୀରେ ଧୀରେ ସବୁ ମଳିନ ପଡ଼ିବ
ବଦଳି ଯିବେ ବି ସବୁ ଚରିତ୍ର।

ସମ୍ପର୍କ

ସମ୍ପର୍କ ଏମିତି ସୂତା ଖିଅଟିଏ
ବାନ୍ଧି ହୁଏ ଯାଇ ବିଶ୍ୱାସ ହେଲେ,
କାନ କୁହା ଯେତେ କହିବେ କୁହକୁ
ଛିଡ଼ି ଥାଏ ଯାଇ ଧୋକା ଖାଇଲେ।

ମୁଣ୍ଡହତା, ଜାକଟପୁର, ପୁରୀ
ମୋବାଇଲ୍: ୯୪୩୯୪୯୪୯୮୭

ହେ ଗାନ୍ଧୀ ଆସି ଦେଖିଯାଅ

ମାନସ ଦାସ

ହେ ଗାନ୍ଧୀ,
ଆସି ଦେଖିଯାଅ

କୁଟି ଖାଅ କାଟି ପିନ୍ଧ ବାରତାକୁ
ଦେଇଥିଲ ତୁମେ ବାଣ୍ଟି
ଆସି ଦେଖିଯାଅ,ଆସି ଦେଖିଯାଅ
ଆଜି ମଣିଷ କୁଟୁଛି ମଣିଷ ପିଠିରେ
ସ୍ୱାର୍ଥ ପାଇଁ କାଟେ ଡଣ୍ଟି
ଏଠି ତେଲିଆ ମୁଣ୍ଡରେ ତେଲ ବୋଳାହୁଏ
ନୁଖୁରାର ଶୂନ୍ୟ ଅଣ୍ଟି ।

ଆଜି ତୁମେ ନାହଁ ବୋଲି,
ଏଠି ପବନ ବହିଲେ ବାତ୍ୟା
ଏଠି ମୁହଁ ଖୋଲିଦେଲେ ହତ୍ୟା
ମୁଣ୍ଡ ନୁଆଁଉଛି ସତ୍ୟ ଦୟା କ୍ଷମା
ମୁକୁଟ ପିନ୍ଧୁଛି ମିଥ୍ୟା

ତୁମେ ଅହିଂସାର ମନ୍ତ୍ର ବୁଣିଥିଲ
ତୁମେ ଶାନ୍ତି, ମୈତ୍ରୀ ସୂତ୍ର କହିଥିଲ
ତୁମେ ରାମରାଜ୍ୟ ସ୍ୱପ୍ନ ଦେଖିଥିଲ
ଏହି ଭାରତ ମାତାର କୋଳେ
ଆସି ଦେଖିଯାଅ, ଆସି ଦେଖିଯାଅ
ଆତତାୟୀ ଆଜି ହତ୍ୟାର ଆନନ୍ଦେ
ହିଂସାର ମଶାଲ ଜାଳେ

ହେ ଗାନ୍ଧୀ
ଆସି ଦେଖିଯାଅ
ଆସି ଦେଖିଯାଅ

ଧାନବିଆ, ରାଜନଗର
କେନ୍ଦ୍ରାପଡ଼ା
ମୋବାଇଲ୍: ୮୯୮୪୦୨୮୬୩୨

ବିଷ୍ଣୁ ପ୍ରସାଦ ମିଶ୍ର

ଶରଦ

ଆସିଲା ଶରଦ ହସିଲା ଧରା ଆନନ୍ଦ ମନେ,
କିଣିଲା ମାନସ ପଚ୍ଛଳ ମୋହି ନବ ଚେତନେ।
ନୀଳମେଘି ପାଟେ ଆଚ୍ଛାଦି ମହୀ ନିଜ ଶରୀର,
ପୁଲକ ଜଗାଏ ମନରେ ଆଣି ନାନା ସଂମ୍ଭାର।
ପଲ୍ଲବ ଗହଳେ ତରୁଏ ଭରା ଶୋଭା ବଢ଼ାନ୍ତି,
ବଲ୍ଲଭ ଆଗମେ ତରୁଣୀ ନବ ଆଶା ଭରନ୍ତି।
ଦୁର୍ଲଭ ଦୃଶ୍ୟକୁ ଶରଦ ହସି ରାଜିତ କରେ,
ସୁଲଭ ଜଗାଏ ଭଗିନୀ ଭାତୃ ସେନେହ ତୀରେ।
ନବ ନବ ଯାନିଯାତରା ନବ ଉଦ୍ଦୀପନାରେ
ଜାଗରୀତ ଦିଏ ଜନତା ମନେ ଆନନ୍ଦତା ରେ।
ରାକ୍ଷୀ ରେଖା ସାତପୁରୀ ଓ ଗଣପତି ପୂଜନ,
ନୁଆଁଖାଇ ଷଠୀ ପରବ ଶ୍ରୀକୃଷ୍ଣ ଜନ୍ମ ମାନ।
ଖୁଦୁରୁକୁଣି ଜନ୍ମିଓଷ୍ଟା ପିତୃପୁରୁଷ ପୂଜା,
ଶାରଦୀୟ ନବରାତ୍ରୀ ଏ ଆଦି ପରବେ ସଜା।
ଚାଷୀଙ୍କ ମନରେ ଅସୀମ ଆଶା ଚାଷ ଜମିରେ,
ନବ ପୁଷ୍ପବତୀ ଲଭନ୍ତି ବୃକ୍ଷ ଲତିକା ଧୀରେ।
ନୂତନ କାକଲି କରନ୍ତି ନବ ଦ୍ୱିଜ କୋମଳେ,
କମଳେ ପୁରିତ ସରଣି କୋକନଦ ଙ୍କ ମେଳେ।
ଭିନ୍ନ ଭିନ୍ନ ପୁଷ୍ପେ ରାଜିତ ନବ ଲତିକା କୋଳ,
ଭରି ଉଠେ ବୀଜ ଜାତୀୟ ନାନା ସୁସ୍ୱାଦୁ ଫଳ।
ଶିଶିର ପରଶେ ବିକାଶେ ନାନା ସୁଗନ୍ଧ ମୋହ,
ମନ କୁ କିଣଇ ମୋଦ ରେ ସ୍ୱଳ୍ପ ପବନେ ସ୍ନେହ।
ଜଳେ ପୂର୍ଣ୍ଣ ଜଳ ଆଶ୍ରୟ ସ୍ଥଳ ଶସ୍ଥ ଶ୍ୟାମଳୀ,
ବୃକ୍ଷ ପଲ୍ଲବିତେ ରାଜିତ ହୁଏ ନୂତନ କଳି।
ଶରଦ ଦିଅଇ ଆମୋଦ ପରିବେଶ ସୁଶୋଭା,
ସଜାଏ ମନରେ ଅପୂର୍ବ ନବ ଅମୀୟ ପ୍ରଭା।

କୋରାପୁଟ
ମୋବାଇଲ୍: ୯୧୨୪୦୪୯୧୨୯

ପୁଷ୍ପଲତା ମିଶ୍ର

ଛାଇ ଆଲୋକ



ସକାଳ ହେଲେ ପୁରବୀ ନିଦରୁ ଉଠି ରାଧାମାଧବଙ୍କ ପାଇଁ ଫୁଲ ତୋଳି ଆଣେ, ଫୁଲକୁ ସଜାଇ ସୁନ୍ଦର ମାଳା କରି ରାଧାମାଧବଙ୍କୁ ପିନ୍ଧାଇ ଦେବା ପାଇଁ ମନ୍ଦିର ବେଢ଼ାରେ ବସି ରହେ। ଥରକୁ ଥର ମନ୍ଦିର ପୂଜକଙ୍କୁ ପଚାରେ ନନା ମୋ ଫୁଲମାଳ ରାଧା ମାଧବ ପିନ୍ଧିଲେ ନା ! ମନ୍ଦିର ନନା ପୂଜା ବ୍ୟସ୍ତ ରେ କହନ୍ତି ସେ ପିନ୍ଧିବେ ତୁ ଘରକୁ ଯା...। କିନ୍ତୁ ମନ ମାନେନି ପୁରବୀର ଅପେକ୍ଷା କରି ଜଗି ବସି ଥାଏ। କଣ ସେ ପାଏ କେଜାଣି ରାଧା ମାଧବଙ୍କ ଗଳାରେ ସେ କରିଥିବା ମାଳାଟିକୁ ଦେଖି ଖୁସିରେ ନାଚି ନାଚି ଘରକୁ ଚାଲି-ଯାଏ। ଏଇଟା ପୁରବୀ ର ଥିଲା ନିତିଦିନିଆ କାମ ଘରକୁ ଗଲେ ଅନାନ୍ୟ କାମରେ ବ୍ୟସ୍ତ ରୁହେ ପୁରବୀ। କାଳିଆ ବଳିଆଙ୍କୁ କୁଣ୍ଢା ପାଣି ନ ମୋହିଲେ ସେମାନେ ସେ ଦିନ ହଳ ବି ଭଲରେ କରନ୍ତି ନାହି। ହଳୁଆ ଆସି ବସିଥିବ ଏହି କଥା ମନେପଡ଼ିବାରୁ ତର ତରହେଇ ରାସ୍ତାରେ ଘରକୁ ଫେରୁ ଫେରୁ ମୁଣ୍ଡ ବୁଲେଇ ଦେଲା ପୁରବୀର। ପଡ଼ିଯାଇଛି ପୁରବୀ କିଛି ବି ଜାଣିପାରିନାହି। ପୁରବୀକୁ ଭଲ ପାଉଥିବା ତାର ମନୋଜ ଭାଇ ତାକୁ ଦେଖି ପାଣି ଛାଟି ତା ପାଖରେ ବସି ରହିଲା ତାର ଚେତା ଫେରିବା ପର୍ଯ୍ୟନ୍ତ। କିଛି ସମୟ ପରେ ପୁରବୀର ଚେତା ଫେରି ଆସିଲାରୁ ଆଶ୍ଚର୍ଯ୍ୟ ହୋଇ ଗଲା ପୁରବୀ। ଆରେ ମନୋଜ ଭାଇ ତୁମେ ଏଠି ମୋର କଣ ହେଇଥିଲା ? ନାଇଁ ଲୋ ପୁବି ତୁ ପରା ଏଠି ପଡ଼ି ଯାଇଥିଲୁ, ମୁଁ ଦେଖିଲି ସିନା କଣ ଯେ ତୋ ଅବସ୍ଥା ହେଇ ଥାଆନ୍ତା, ହଉ ଚାଲେ ଚାଲେ ତୋତେ ତୁମ ଘରେ ଛାଡ଼ି ଆସିବି ଦେଖିଲୁ କଳାହାଣ୍ଡିଆ ମେଘ ଘୋଟି ଆସିଲାଣି ଆମେ ଓଦା ହେଇଯିବ। ନାଇଁ ମନୋଜ ଭାଇ ତୁମ ସହିତ ମତେ କିଏ ଦେଖିଲେ ବହୁତ ଅସୁବିଧା ହେଇଯିବ। ଆମ ଘର ପର୍ଯ୍ୟନ୍ତ ଯାଅନି ମନୋଜ ଭାଇ ମୁଁ ଏକା ପଳେଇବି, ତୁମ ସହ ମତେ ମୋ ନୂଆ ମାଆ ଦେଖିଲେ ଘରେ ଅନର୍ଥ କରି ବସିବେ, ମିଛ ସତର ନାଟକରେ ତରଙ୍ଗାୟିତ କରି ବସିବେ ଆମ ପରିବାର କୁ...। ପ୍ରେମ ଭୋଗର ବିଳାସ ନୁହେଁ ଏହା ତ୍ୟାଗ ସମର୍ପଣ ଓ ସେବାର ପରମ କର୍ତ୍ତବ୍ୟ। ଯାହା ହେଲେ ବି ମୁଁ ତୋତେ ଏକା ଛାଡି ଦେବି ପୁଣି ଏ ଅବସ୍ଥା ରେ ? ତୋତେ ନେଇ ତୁମ ଘରେ ଛାଡ଼ି ଆସିବି। ଆଉ ଗୋଟେ କଥା ଶୁଣ ପୁରବୀ ମୁଁ ସହର କୁ ଯାଉଛି ଚାକିରି ଉଦ୍ଦେଶ୍ୟରେ। ମୁଁ ଆସିଲେ ତୋ ସହ ବାହାଘର କଥା ପକ୍କା କରିବି ସେ ପର୍ଯ୍ୟନ୍ତ ତୋତେ ଅପେକ୍ଷା କରିବାକୁ ପଡ଼ିବ। ସବୁ ପରେ ବି ଗୋଟେ ଝିଅର ଯନ୍ତ୍ରଣା ଅଧିକ, ସାହାସ ବାନ୍ଧି କହି ପାରେନି ନିଜର ମନର କଥାକୁ ସହଜେ ତ ସାବତ ମା, ସେ ବା କାହୁଁ ବୁଝିବ ସାବତ ଝିଅର ମନକଥା। ଦୁଃଖିନୀ ପୁରବୀ ବାପାଙ୍କଠାରୁ ସ୍ନେହ ଶ୍ରଦ୍ଧା ଟିକେ ପାଇବାକୁ କେତେ ଆଗ୍ରହରେ ଚାହିଁ ବସିଥାଏ ପୁରବୀ ! କିନ୍ତୁ ନୂଆ ମାଆ ର କୋପ ରେ ବାପା ସ୍ନେହ କରିବା ବଦଳରେ ଏମିତି କରନ୍ତି ଯେ ଘରେ ଘୋଟି ଯାଏ କଳା ବାଦଲ, 'କେତେ ଜନମର ତପୋବଳରେ କୋଳେ ଆସେ କନ୍ୟା ରତ୍ନ ଆକାଶକୁ ଛୁଏଁ ଅନନ୍ୟ ଉଡାଣ କଲେ କୋଟି ଯତ୍ନ' କିନ୍ତୁ ଏହା ନ ଥିଲା ପୁରବୀ ଭାଗ୍ୟରେ...। ବାପା ଓ ନୂଆ ମାଆର କଡା ତାଗିଦ୍ ଯେ ମୋର ଅନ୍ୟତ୍ର ବିବାହ କରି ଦେବାକୁ ବସିଛନ୍ତି। ମନୋଜ ଭାଇ ତୁମେ କେବେ ଆସିବ ଏ ପୁରବୀ ଅପେକ୍ଷା କରିବା କଷ୍ଟ କର ହେଇ ପଡୁଛି।କେବେ ଫେରିବେ ମନୋଜ ଭାଇ ଅପେକ୍ଷା ଗୋଟେ ପ୍ରତିବନ୍ଧକ ସାଜିଛି, ଅପେକ୍ଷା କରିବାର ଗୋଟିଏ ସୀମା ଥାଏ।ଆଉ ଦିନ କେଇଟା ପରେ ମୋର ବାହାଘର, ତୁମେ ସହି ପାରିବନି ମନୋଜ ଭାଇ ମୋର ବାହାଘର ପୁଣି ଗୋଟେ ଦୋବେଇ ବର ସହ ତାର ଦୁଇଟି ଛୁଆ ଅଛନ୍ତି। ଏ ପୁରବୀ କଣ କରିବ ତାର ମୁଣ୍ଡ ଗୋଳ ମାଳ ହେଇ ଯାଉଛି, ଅଡୁଆ ସୂତାରେ ଛନ୍ଦି ହେଇ ପଡୁଛି ତୁମ ପୁରବୀ!! ଏପଟେ ଭରପୁର ନଦୀ ତ ସେପାଖେ ଘାଇଲା ବାଘ! ସମୟ ଅତି କ୍ରାନ୍ତ ମନୋଜ ଅଫିସ ରୁ ଛୁଟି ନେଇ ବାହାରିଛି ଗାଁକୁ ରାଧାମାଧବଙ୍କ ପାଖେ କଥା ଦେଇଥିଲା ପୁରବୀକୁ ବିବାହ କରିବ ବୋଲି.. ହେଲେ ବିଧିର ବିଧାନ ବଡ଼ ନିଷ୍ଠୁର। କଥା ଦେଇଥିବା ମନୋଜ ଗାଁରୁ ବହୁତ ଦୂରକୁ ଚାଲି ଗଲା କର୍ତ୍ତବ୍ୟର ତାଡନାରେ, ଆଶା ଅଭିଳାଷ ଓ ସ୍ୱପ୍ନ ଯେମିତି ଧୂଳିସାତ ହେଇଗଲା ଆଜି ସମସ୍ତ କାମକୁ ପଛରେ ପକାଇ ଗାଁକୁ ବାହାରିଲେ ମନୋଜ! ଟ୍ରେନରେ ବସିଲା ପରେ ନିଦ ଲାଗିଯାଇ ଥିଲା ସେ ଜାଣି ପାରି ନାହିଁ। ଟ୍ରେନ ଅଟକିବା। ଶବ୍ଦରେ ନିଦ ଭାଙ୍ଗିଗଲା ମନୋଜର ତରତରରେ ଟ୍ରେନରୁ ଓହ୍ଲେଇ ବସକୁ ଅପେକ୍ଷା କରିଛି, ସେହି ସମୟରେ ଗୋଟିଏ ଅଟୋ ଆସି ତା ପାଖରେ ଠିଆହେଲା, ଅଟୋବାଲାଟି କହିଲା ବାବୁ ସୁଜନ ପୁରକୁ ଯିବେ କି ଆସନ୍ତୁ ବସ ପଳେଇ ଗଲାଣି ଏ ଅଟୋ ଛାଡ଼ିଲେ ଆଉ ସେ ଗାଁ କୁ ଗାଡି ନାହିଁ। ତର ତର ହେଇ ମନୋଜ ଅଟୋ ରେ ବସିଲା। ମନେ ମନେ ଖୁସି ହେଇ ଗଲ।ମନୋଜ ଯାହା ହଉ ଅଟୋ ଟା ମିଳିଗଲା। ଗାଁ ରେ ଶୀଘ୍ର ପହଁଚିଲେ ପୁରବୀକୁ ଚମକେଇଦେବି ଆଉ କହିବି, ଆସନ୍ତା ମାସରେ ବାହାଘର ପାଇଁ ତିଥି ଠିକ୍ କରିବାକୁ ଆସିଛି। ହଁ ଏ ପ୍ରେମର କଣ ବୟସ ଅଛି ଠିକ୍ ସେ ଲାଜକୁଳୀ ଲତା ପରି, ମନେପଡେ ଆଜି ତୁମ କଥା ମନ୍ଦିରରୁ ଫେରିବା ବାଟରେ ମୂର୍ଚ୍ଛାହେଇ ପଡ଼ିଯାଇଥିବା କଥା। ସେଦିନ ବର୍ଷାରେ କେତେ ଭିଜି ଥିଲେ, ଲାଗୁଥିଲା ଯେପରି ମତେ ସବୁ କିଛି ମିଳିଯାଇଛି। ବର୍ଷାର ଶୀତଳ ଛୁଆଁ ଆଉ ତୋ ଦେହର ମାଦକତା! ଅଟୋବାଲାର ଡାକରେ ଭାବନା ରାଇଜରୁ ଫେରି ଆସିଲା ମନୋଜ! ଅଟୋରୁ ଓହ୍ଲାଉ ଓହ୍ଲାଉ ଗ୍ରାମରୁ ଭାସି ଆସୁଥିଲା ସାହାନାଇର ଶବ୍ଦ, ଆଜି କାହାର ବାହାଘର ? ଯୋଡ଼ିମହୁରୀ ଶବ୍ଦରେ ଗାଁ ଉଛୁଳିପଡୁଛି, ପାଣିଗରା କାଖେଇ କେତି ନୂଆବୋଉ ଯାଉଥିଲା ମତେ ଦେଖି ସେ କହିଲା ଡେରି କରିଦେଲ ମନୁ ଆଜି ପୁରବୀର ବାହାଘର ଯାଅ ଯାଅ ଭଲ ସେ ଡାଲି ଭାତ ଖାଇବ। ପାଦତଳୁ ମାଟି ତଳକୁ ତଳକୁ ଖସିଗଲା ମନୋଜର ଆପେ ଆପେ ପାଦ ଚାଲିଗଲା ପୁରବୀର ବେଦୀ ପାଖକୁ ଓଢଣା ତଳରୁ ପୁରବୀର ମୁଁହ ଝାପସା ଦିଶି ଯାଉଥିଲା, ତୁ ମତେ ଛାଡ଼ି ଯାଉଛୁ ସତ, ତୁ ମତେ ଭୁଲି ପାରିବୁନି କାହିଁକି ନା ତୁ ଜାଣିଛୁ କୌଣସି ସ୍ୱାର୍ଥରଖି ଭଲ ପାଇନଥିଲି। ରାଗ ରାଗିଣୀରେ ଅନୁବନ୍ଧିତ ଜୀବନର ପରିଭାଷା କାହା ଲାଗି ଜୀବନ ମରୁମରୀଚିକା ଆଉ କାହାର ପଣତ ଥିଲା ଭରପୁର !! ଜୀବନଟା ଆଜି ବାୟାବସା ପରି ପବନରେ ଦୋହଲୁଛି କେତେବେଳେ ଛାଇ ତ କେତେବେଳେ ଆଲୋକ।

ଭୁବନେଶ୍ୱର
ମୋବାଇଲ୍: ୯୩୩୮୨୯୪୬୫୭

ଶ୍ୟାମା କିଙ୍କର ମହାକ୍ତି

ଭଲ ଲୋକ

ଏଇ ସହରର ଯେଉଁ ଆପାର୍ଟମେଂଟରେ ମୁଁ ରହୁଛି ସେଠି ଶହେ ଆଠ ଫ୍ଲାଟ। ବିଭିନ୍ନ ବୃତ୍ତିର ବିଭିନ୍ନ ଭାଷାର ବିଭିନ୍ନ ଚେହେରାର ତଥା ବିଭିନ୍ନ ବୟସର ଲୋକେ ଏଠି ରୁହନ୍ତି। ପରସ୍ପର ସହ ମିଳାମିଶା ବହୁତ କମ ହେଲେ ବି ଗୋଟିଏ ସମାନତା ଏଠି ଏୟା ଯେ ସକାଳ ହେଲେ ଏଠୁ ଗୁଡାଏ ଲୋକ ମର୍ନିଂ ୱାକରେ ବାହାରନ୍ତି ବିଭିନ୍ନ ଗୋଷ୍ଠୀରେ। ସଂଯୋଗ ଏହି ଯେ ପାଖାପାଖି ସମାନ ସମୟରେ ଆମେ ବାହାରୁ, ମୁଁ ଏକା ଆଉ ସେମାନେ ତିନିଜଣ, ଦାସବାବୁ / ରାଜେଶ ଆଉ ମହାକ୍ତି ଅଙ୍କଲ। ହଁ, ଆମ ଆପାର୍ଟମେଂଟରୁ ସାତଶ କି ଆଠଶ ମିଟର ଦୂରରେ ଗୋଟେ ସୁନ୍ଦର ସବୁଜ ପାର୍କ। ସମସ୍ତଙ୍କ ଗନ୍ତବ୍ୟ ସ୍ଥଳ ସେଇଠିକୁ। ଦାସବାବୁ ବୃତ୍ତିରେ ଜଣେ ଅଧ୍ୟାପକ, ରାଜେଶ ସରକାରୀ ଅଫିସରେ ସେକ୍ସନ ଅଫିସର ଆଉ ମହାକ୍ତି ଅଙ୍କଲ ଅବସରପ୍ରାପ୍ତ ରେଳବାଇ କର୍ମଚାରୀ। କିନ୍ତୁ ସେମାନଙ୍କ ମଧ୍ୟରେ ସମାନତା ହେଲା ସେମାନେ ସମସ୍ତେ କବିତା ଲେଖନ୍ତି, ତେଣୁ ସେମାନଙ୍କୁ କବି କିମ୍ବା ସାହିତ୍ୟିକ କୁହାଯାଇ ପାରେ। ମୁଁ ହେଲି ବୃତ୍ତିରେ ସଫ୍ଟୱେର ଇଂଜିନିୟର। ଆମ ପାଇଁ ଦିନ ରାତି ସବୁ ସମାନ। କବିତା ସହ ସମ୍ପର୍କ ନାହିଁ, ତେଣୁ ଅଣସାହିତ୍ୟିକ। ଲ୍ୟାପଟପ୍ ସହ କାମ କରି କରି ମୁଣ୍ଡ ଟିଶ। ଚାଳିଶ ଛୁଇଁଲା ପରେ ଦୁନିଆ ବେମାରୀ। ଡାକ୍ତରଙ୍କ ପରାମର୍ଶରେ ମତେ ସକାଳୁ ମର୍ନିଂ ୱାକ ଆଉ କିଛି ୱାର୍କ ଆଉଟ କରିବାକୁ ପଡୁଛି। ପାର୍କର ଯେଉଁ ନିର୍ଦ୍ଦିଷ୍ଟ ଜାଗାରେ ମୁଁ ୱାର୍କ ଆଉଟ୍ କରେ ତା ପାଖ ବେଞ୍ଚରେ ସେମାନେ ଯାଇ ବସନ୍ତି। ମୋ ସହିତ ସାଧାରଣ ହାୟ ହ୍ୟାଲୋ ପରେ ସେମାନେ ମଜ୍ଜି ଯାଆନ୍ତି ସାହିତ୍ୟ ଚର୍ଚ୍ଚାରେ। ଲେଖିଥିବା କବିତାକୁ ଜଣେ ଅନ୍ୟ ଦୁଇ ଜଣଙ୍କୁ ଶୁଣାନ୍ତି। ବାଃ ବାଃ କରନ୍ତି। ତା ସହିତ କେଉଁ ପତ୍ରିକାରେ କି ସମ୍ବାଦପତ୍ରରେ ବାହାରିଥିବା ଆଉ କାହାର କବିତା ବିଷୟରେ ଚର୍ଚ୍ଚା କରନ୍ତି। କବିତାରୁ ବାହାରି ପୁଣି ଆରମ୍ଭ ହୁଏ ସେମାନଙ୍କ ଯାବତୀୟ ଆଲୋଚନା : କୋଉ ଲୋକ ଭାରି ଯୋଗାଡ଼ିଆ ଅଛି , ଆବୁରୁ ଜାବୁରୁ ଲେଖୁଛି କିନ୍ତୁ ଗୁଡ଼ାଏ ପୁରସ୍କାର ହାତେଇ ନଉଛି। କୋଉ ଲେଖିକା ସୁନ୍ଦରୀ ବୋଲି ତାକୁ ଲୋକେ ଫେସବୁକ୍ ରେ ଲାଇକ କମେଣ୍ଟ ଗଦେଇ ପକାଉଛନ୍ତି। ଅମୁକ ପତ୍ରିକାର ସମ୍ପାଦକ ପଇସା ନେଇକି ଯା ତା ଲେଖା ବାହାର କରୁଛି। ସମୁକ ପ୍ରକାଶକ ପାଖେ ବହି କଲେ କମ ଖର୍ଚ୍ଚ ହେଉଛି। ସେମାନଙ୍କ ଆଲୋଚନା ଶେଷ ହେଉ ନ ଥାଏ। ମୁଁ କିନ୍ତୁ ଅଧଘଣ୍ଟାଏ ଭିତରେ ପାର୍କରୁ ବାହାରି ଆସେ।

ସବୁଦିନ ପରି ଆଜି ବି ପାର୍କରୁ ବାହାରି ଆସିଲା ପରେ ବାଟରୁ ପୁଲାଏ ସଜନା ଶାଗ ଆଉ ଚାରି ବିଡା କଖାରୁ ଫୁଲ ଧରି ଘରକୁ ଫେରୁଥାଏ। ଆପାର୍ଟମେଣ୍ଟ ଗେଟ୍ ପାଖରେ ଦେଖିଲି ରାଜେଶର ଷ୍ଟାଣ୍ଡାର୍ଡ ସେଭେନ୍ ରେ ପଢୁଥିବା ଝିଅ ସ୍କୁଲ ଡ୍ରେସ ପିନ୍ଧି ବାରମ୍ବାର ରାସ୍ତାକୁ ଅନାଉଛି। ହୁଏତ ସ୍କୁଲ ଛାଡ଼ିବା ପାଇଁ ବାପାଙ୍କୁ ଅପେକ୍ଷା କରିଛି। ଟିକେ ଆଗକୁ ଗଲା ବେଳକୁ ଦାସ ବାବୁଙ୍କ ମିସେସ ଗ୍ୟାରେଜ ପାଖରେ ଠିଆ ହୋଇଛନ୍ତି। ଦାସ ବାବୁଙ୍କୁ ଦେଖିଥିଲେ କି , ପଚାରିଲେ ମୋତେ। ହଁ , ପାର୍କରେ ଅଛନ୍ତି , ମୁଁ କହିଲି। ଓହୋ କି ଲୋକ ଟିକେ ସମୟ ଜ୍ଞାନ ନାହିଁ ତାଙ୍କର...ସେ ବର୍ଷିବା ଆରମ୍ଭ କଲା ବେଳକୁ ମୁଁ ଖସି ଆସି ଲିଫ୍ଟ ପାଖରେ। ଘରେ ପହଞ୍ଚିଲା ପରେ ଦେଖା ହେଲେ ମହାକ୍ତି ଆଣ୍ଟି। ସେ ଆମ ପଡୋଶୀ। ଗୁଡ ମର୍ଣିଂ ଆଣ୍ଟି , କଣ ଦେହ ଭଲ ନାହିଁ କି , ମୁଁ ପଚାରିଲି। ନା ମ ଟୁଟୁ , ଦେହ ଭଲ ଅଛି ଯେ ତମ ଅଙ୍କଲକୁ ଦେଖୁନ , ଘରେ କ୍ଷୀର ସରିଯାଇଛି , ସକାଳୁ ଚା ପିଇନି , ଏ ବାବୁ କେତେବେଳେ ଆସିବେ ଯାଇ ଓମଫେଡଟେ ଆଣିବେ କେଜାଣି ...। ମୁଁ କହିଲି ଆସନ୍ତୁ ଆମ ଘରେ ଚା ପିଇ ନେବେ।

ଆଣ୍ଟିଙ୍କୁ ଚା ପିଆଇ ବିଦା କଲା ପରେ ମୋ ସ୍ତ୍ରୀ ନନ୍ଦିନୀକୁ ଦାସ ବାବୁଙ୍କ ସ୍ତ୍ରୀ ଓ ରାଜେଶର ଝିଅ କଥା ବି କହିଲି। ପଲିଥିନରୁ ସଜନା ଶାଗ ଆଉ କଖାରୁ ଫୁଲ ଦେଖି ନନ୍ଦିନୀ କହିଲା , ଆରେ ବହୁତ୍ ଦିନ ହେଲା କଖାରୁଫୁଲ ଖାଇ ନ ଥିଲି। ଯାଉଛି ପିଠଉ ଦେଇ ବରା କରିବି। ମନ ଜାଣି ଆଜି କେମିତି ଆଣିଛ ! ପୁଣି ସଜନା ଶାଗ ବାଛୁଥିବାରୁ ହସି ହସି କହିଲା , ଯା ହେଉ , ତମେ ଆମର ଭଲ ଲୋକ , ସେ କବିତା ଫବିତା ଚକ୍କର ରେ ପଡ଼ିନ।

ନିଜକୁ ଦୁଃଖୀ ଭାବନ୍ତୁ ନାହିଁ

ଏଇତ ଜୀବନ

ଶ୍ୱେତା ରାଉତ

ଦୁଃଖ କାହାର ନାହିଁ।କେହି ଜାଣିନଥାଏ ଦୁଃଖ କେଉଁ ରୂପରେ କେଉଁଠି କେତେବେଳେ ସମୟ ସୁଅରେ ଆସି କାହାକୁ ଦଳିଚକଟି ଦିଏ ତ କେତେବେଳେ ଦୁଃଖକୁ ପିଇ ପିଇ ମଣିଷ ସ୍ଥାଣୁ ହୁଁ ପାଲଟିଯାଏ।ସେଇମାନେ ହିଁ ଦୁଃଖକୁ ସରଳ ସ୍ରୋତରେ ନେଇପାରନ୍ତି,ଯେଉଁମାନେ ଦୁଃଖର ଚାବୁକ୍ ସହି ହସିବା ଶିଖିଥାନ୍ତି ଓ ଅନ୍ୟକୁ ହସାଇଥାନ୍ତି। ନୂଆବର୍ଷ ଆସୁଛି।ଆପଣଙ୍କ ଜୀବନର ପୁରୁଣା ଦୁଃଖସବୁକୁ ଛାତି ତଳେ କବର ଦେଇ ହସଖୁସିର ନୂଆ ଚାରାଟିଏ ରୋପଣ କରନ୍ତୁ।ଦୁଃଖକୁ ଆପଣ ଯେତେ ବେଶୀ ଭାବିହେବେ,ସେ ଆପଣଙ୍କୁ ସେତେ ବେଶୀ ଜାବୁଡି ଧରିବ,କେବେ ବି ଆପଣଙ୍କ ପାଖ ଛାଡିବ ନାହିଁ।ଯଦିଓ ହୃଦୟର କ୍ଷତ ସହଜେ ଭରିହୁଏନା ତଥାପି ଦୁଃଖ ସବୁବେଳେ ଗୋଟେ ଅତୀତ ଭାବନ୍ତୁ, ତାକୁ ବର୍ତ୍ତମାନର ଆଇନାରେ ଦେଖିବାକୁ ଚେଷ୍ଟା କରନ୍ତୁ ନାହିଁ।

ଛୋଟ ଉଦାହରଣଟିଏ କହୁଛି,ଥରେ ମୋ ପୁଅର ହାତ କଟିଗଲା।କାନ୍ଦି କାନ୍ଦି ମୋ ପାଖକୁ ଆସି କହିଲା"ମାମା'ମୋ ହାତ କଟିଗଲା,କେତେ ରକ୍ତ ବାହାରୁଛି!ମୁଁ ପାଠ କେମିତି ଲେଖିବି,ବହୁତ ଯୋରରେ କାଟୁଛି"ପୁଅ କଥାରେ ମୁଁ କିଛି ପ୍ରତିକ୍ରିୟା ନଦେବାରୁ,ସେ ଭାବିଲା"ମୋ ହାତ କଟିଯାଇଛି,ମୁଁ କାନ୍ଦୁଛି ଅଥଚ ମାମାକୁ କିଛି ଫରକ ପଡୁନି" !ପୁଅ ମୋ ମୁହଁକୁ ଚାହିଁଥାଏ,ମୁଁ ଟେବୁଲ ଡ୍ର ରୁ ବ୍ୟଣ୍ଡେଡ୍ ବାହାରକରି ଲଗେଇ ଦେଲି ଆଉ ତାକୁ ରୁମ୍ ର ପଛପଟ ବାଲକୋନିକୁ ଡାକି ନେଇ ଆମ ଘର ପଛ ବସ୍ତି ଆଡକୁ ଚାହିଁବାକୁ କହିଲି।ତା ହାତ ଏତେ ଯୋରରେ କଷ୍ଟ ଦେଉଥିଲା ଯେ,ସେ ଅନିଚ୍ଛା ସତ୍ତ୍ୱେ ବାଧ୍ୟ ହୋଇ ମୋ ସହିତ ଯାଇ ବସ୍ତି ଆଡେ ଚାହିଁଲା। ସେଠି ଜଣେ ଲୋକକୁ ମୁଁ ସବୁବେଳେ ଦେଖେ ଲୁଗା ସଫା କରୁଥାଏ,ବାଲଟିରେ ପାଣି ନେଉଥାଏ,ତା ପୁଅକୁ ଗାଧୋଇ ଦେଉଥାଏ,ଲୁଗାପଟା ଖରାରେ ଶୁଖାଉଥାଏ,ହେଲେ ଦୁଃଖର କଥା ସେ ଏତେ ସବୁ କାମ ତା କହୁଣିରେ କରୁଥାଏ !କାରଣ ତା ହାତ ଦୁଇଟି ଟ୍ରେନ୍ ରେ କଟି ଯାଇଛି।ପୁଅକୁ ମୁଁ ସେଇ ଲୋକକୁ ଯେତେବେଳେ ଦେଖେଇଦେଲି,ଲୋକଟି କହୁଣିରେ କାମ କରୁଥିବାର ଦେଖି ପୁଅ ବୁଝି ସାରିଥିଲା ଯେ ଇଶ୍ୱର ତାକୁ ଦୁଇଟି ସୁସ୍ଥ ସବଳ ହାତ ଦେଇଛନ୍ତି ଆଉ ତାକୁ ସୁରକ୍ଷିତ ରଖିଛନ୍ତି।ନିଜ ଅବହେଳା ଯୋଗୁଁ ଖାଲି ଟିକେ କଟି ଯାଇଛି,ଯାହାର କ୍ଷତ ଦୁଇ ଚାରି ଦିନରେ ଭଲ ହୋଇଯିବ। ପୁଅ ଦୁଇହାତ ନଥିବା ସେ ବ୍ୟକ୍ତିକୁ ଦେଖିବା ପରେ,ନିଜ ଦୁଇ ହାତ ଯୋଡି ଇଶ୍ୱରଙ୍କୁ କୃତଜ୍ଞତା ଜଣାଇଲା,ଏହା ଭାବି ଯେ ଇଶ୍ୱର ତାକୁ ଦୁଇଟି ସୁସ୍ଥ ସବଳ ହାତ ଦେଇଛନ୍ତି ଓ ସୁରକ୍ଷିତ ରଖିଛନ୍ତି।ସେତେବେଳେ

ଭାରତର ଅଭିବୃଦ୍ଧି ଯାତ୍ରାରେ ଯୋଗଦାନ ପାଇଁ ଆହ୍ୱାନ

ସିଙ୍ଗାପୁର-ଭାରତ ଭାଗିଦାରିକୁ ମଜଭୁତ୍ କରିବାରେ ପ୍ରବାସୀ ଭାରତୀୟମାନେ ଗୁରୁତ୍ୱପୂର୍ଣ୍ଣ

ସିଙ୍ଗାପୁରରେ ଧର୍ମେନ୍ଦ୍ର

- ଭାରତର ଯୁବକମାନଙ୍କୁ ଦକ୍ଷ କରିବାରେ ଜାତୀୟ ଶିକ୍ଷା ନୀତିର ଭୂମିକା ଉପରେ ଆଲୋଚନା
- ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ,୨୦।୧୦: ସିଙ୍ଗାପୁର ଓ ଅଷ୍ଟ୍ରେଲିଆ ସହ ଶିକ୍ଷା କ୍ଷେତ୍ରରେ ସମ୍ପର୍କକୁ ମଜଭୁତ୍ କରିବା ପାଇଁ ୭ ଦିନିଆ ବିଦେଶ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗସ୍ତର ପ୍ରଥମ ଦିନରେ ସିଙ୍ଗାପୁରରେ ରହୁଥିବା ଭାରତୀୟ ସମୁଦାୟଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିଛନ୍ତି । ପ୍ରବାସୀ ଭାରତୀୟ ମାନଙ୍କ ଆତିଥେୟତାକୁ ପ୍ରଶଂସା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଦେଶରେ ଭାରତୀୟଙ୍କ ଗହଣରେ ରହିବା ଏବଂ ସେମାନଙ୍କ ସହ ଭୋଜନରେ ସାମିଲ ହେବା ମୋ ପାଇଁ ଖୁସିର ବିଷୟ । ସିଙ୍ଗାପୁର- ଭାରତ ଭାଗିଦାରୀକୁ ଅଧିକ ମଜଭୁତ୍ କରିବାରେ ଆମର ପ୍ରବାସୀ ଭାରତୀୟମାନେ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ସେମାନେ ବାହାରେ ରହି ମଧ୍ୟ ଭାରତର ସଂସ୍କୃତିକୁ ପାଳନ କରୁଛନ୍ତି । ସିଙ୍ଗାପୁରର ପ୍ରଗତିରେ ତାଙ୍କର ଯୋଗଦାନ ଅନେକ ରହିଛି । ବର୍ତ୍ତମାନ ସମୟରେ ପୁଞ୍ଜିନିବେଶ ଏବଂ ସୁଯୋଗ ପାଇଁ ଭାରତ ହେଉଛି ବିଶ୍ୱର ସବୁଠୁ ଆକର୍ଷଣୀୟ ସ୍ଥାନ । ପ୍ରବାସୀମାନେ ଭାରତରେ ଥିବା ନିଜର ଆତ୍ମୀୟ ଏବଂ ସଂସ୍କୃତି ସହିତ ସବୁବେଳେ ଯୋଡ଼ି ହୋଇ ରହିବା ସହ ଭାରତର ଅଭିବୃଦ୍ଧି ଯାତ୍ରାରେ ଯୋଗଦାନ ରଖିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଭାରତ ଓ ସିଙ୍ଗାପୁରକୁ ଗର୍ବିତ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ସିଙ୍ଗାପୁରରେ ପ୍ରବାସୀଙ୍କ ସହ ଆଲୋଚନା କାଳରେ ଭାରତର ଯୁବକମାନଙ୍କୁ ଦକ୍ଷ କରିବାରେ ଜାତୀୟ ଶିକ୍ଷା ନୀତି - ୨୦୨୦ର ଭୂମିକା ଏବଂ ଭାରତରେ ଶିକ୍ଷାର ବ୍ୟାପକତା ଉପରେ ଆଲୋକପାତ କରିଥିଲେ ଶିକ୍ଷା ମନ୍ତ୍ରୀ । ଭାରତ ୫ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥନୀତିର ଲକ୍ଷ୍ୟ ନେଇ କାମ କରିବା ତଥା ଏହା ଦ୍ୱାରା ହେବାକୁ ଥିବା ବିକାଶ ଉପରେ ଚର୍ଚ୍ଚା କରିଥିଲେ । ସେହିପରି ୨୦୭୦ ସୁଦ୍ଧା ନେଟ୍ ଜିରୋ ଆଡକୁ ଅଗ୍ରସର ହେବା ଏବଂ ବିଶ୍ୱ ସବୁଜ ଉର୍ଜା ମଡେଲକୁ ଆକାର ଦେବା ପାଇଁ ପ୍ରବାସୀଙ୍କ ସମ୍ଭାବନା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଭାରତର ଐତିହ୍ୟ ସହ ଜଡ଼ିତ ବିଷୟ ସହ ଯୋଡି ହୋଇ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ଶ୍ରୀ ପ୍ରଧାନ ପ୍ରବାସୀଙ୍କୁ ଆହ୍ୱାନ ଦେଇଥିଲେ ।

ଏହି ସିଙ୍ଗାପୁର ଗସ୍ତ କାଳରେ ଶ୍ରୀ ପ୍ରଧାନ ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍, ଉପପ୍ରଧାନମନ୍ତ୍ରୀ ଗାନ୍ କିମ୍ ୟୋଙ୍ଗ୍, ଶିକ୍ଷା ମନ୍ତ୍ରୀ ଚାନ୍ ଚୁନ୍ ସିଂ ଏବଂ ବୈଦେଶିକ ମନ୍ତ୍ରୀ ଭିଭିଆନ୍ ବାଲକ୍ରିଷ୍ଣନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।



ଦୁଇଦିନିଆ 'ଲାଇଟ୍‌ହାଉସ ପର୍ଯ୍ୟଟନ ମହୋତ୍ସବ' ଉଦ୍‌ଯାପିତ

ଭୁବନେଶ୍ୱର,୨୦।୧୦ (ସଂଚାର ବ୍ୟୁରୋ): ଆଜି ପୁରୀରେ ଦୁଇ ଦିନିଆ 'ଲାଇଟ୍‌ହାଉସ ପର୍ଯ୍ୟଟନ ମହୋତ୍ସବ' ଉଦ୍‌ଯାପିତ ହୋଇଛି । ଭାରତରେ ଲାଇଟହାଉସ ପର୍ଯ୍ୟଟନର ବିକାଶ ପାଇଁ କେନ୍ଦ୍ର ବନ୍ଦର, ଜାହାଜ ପରିବହନ ଓ ଜଳମାର୍ଗ ମନ୍ତ୍ରାଳୟ ପକ୍ଷରୁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଓଡିଶାର ପର୍ଯ୍ୟଟନ ସ୍ଥଳଗୁଡିକ ମଧ୍ୟରେ ବତୀଘର ଗୁଡିକ ମଧ୍ୟ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ସ୍ଥାନ ପାଇବ। ସୂଚନାଯୋଗ୍ୟ ଯେ, ଗତ ବର୍ଷ ଗୋଆରେ ପ୍ରଥମ ଲାଇଟହାଉସ ପର୍ଯ୍ୟଟନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏ ବର୍ଷ ଓଡିଶାରେ ଦ୍ୱିତୀୟ ଲାଇଟହାଉସ ପର୍ଯ୍ୟଟନ ମହୋତ୍ସବ ଅନୁଷ୍ଠିତ ହେଉଛି। ବତୀଘର ପର୍ଯ୍ୟଟନରେ ଓଡିଶାକୁ ଯେଉଁ ଗୁରୁତ୍ୱ ଦିଆଯାଇଛି, ସେଥିପାଇଁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। ସ୍ୱାଧୀନତାର ୭୫ ବର୍ଷ ଅବସରରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ଦେଶର ୭୫ଟି ଲାଇଟହାଉସର ବିକାଶ କରାଯାଇଛି। ଏଥିରେ ଓଡିଶାର ୫ଟି ଲାଇଟହାଉସ ସ୍ଥାନ ପାଇଛି। ଏଗୁଡିକ ହେଲା- ଗୋପାଳପୁର, ପୁରୀ, ଚନ୍ଦ୍ରଭାଗା, ଫଲ୍‌ସ ପଏଣ୍ଟ ଓ ପାରାଦୀପ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବତୀଘରକୁ ଯେ ଏକ ପର୍ଯ୍ୟଟନ ସ୍ଥଳୀ ଭାବେ ବ୍ୟବହାର କରାଯାଇପାରିବ, ଏହା ସାମାନ୍ୟ ଚିନ୍ତାଧାରାର ବାହାରେ ଥିଲା। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଅସାଧାରଣ ଚିନ୍ତାଧାରା ଓ ଦୂରଦୃଷ୍ଟି ଯୋଗୁ ଆଜି ଆମର ବତୀଘର ଗୁଡିକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ସ୍ଥାନ ପାଇବା ସହିତ ଆମର ନୌବାଣିଜ୍ୟ ଐତିହ୍ୟର ପ୍ରସାର କରୁଛନ୍ତି। ସୂଚନାଯୋଗ୍ୟ ଯେ, ଲାଇଟହାଉସ ଗୁଡିକୁ ବିକଶିତ କରାଯାଇ ଏଥିରେ ଲୋକଙ୍କୁ ଆକର୍ଷିତ କରିବା ପାଇଁ ଅନେକ ସୁବିଧାର ବିକାଶ ମଧ୍ୟ କରାଯାଇଛି।

ପ୍ରଧାନମନ୍ତ୍ରୀଙ୍କୁ କାଞ୍ଚି ଶଙ୍କରାଚାର୍ଯ୍ୟ ପ୍ରଶଂସା

ନୂଆଦିଲ୍ଲୀ,୨୦।୧୦: ପ୍ରଧାନମନ୍ତ୍ରୀ ମୋଦୀ ଆଜି ଉତ୍ତରପ୍ରଦେଶର ବାରାଣାସୀରେ ଆର ଜେ ଶଙ୍କରା ଚକ୍ଷୁ ଚିକିତ୍ସାଳୟର ଉଦଘାଟନ କରିଛନ୍ତି। ଏହି ଅବସରରେ କାଞ୍ଚି କାମକୋଟି ପୀଠର ଜଗଦଗୁରୁ ଶ୍ରୀ ଶଙ୍କର ବିଜୟେନ୍ଦ୍ର ସରସ୍ୱତୀ ସ୍ୱାମୀଗାଲ କହିଛନ୍ତି ଯେ ଆମ ଦେଶ ବହୁତ ବଡ ସଫଳତା ହାସଲ କରୁଛି ଏବଂ ଏହି ପ୍ରଗତି ପଛରେ ଏକ ପ୍ରମୁଖ କାରଣ ହେଉଛି ଦୃଢ ନେତୃତ୍ୱ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱକୁ ପ୍ରଶଂସା କରି ସେ କହିଛନ୍ତି ଯେ ଆମ ମଧ୍ୟରେ ପିଏମ ମୋଦୀଙ୍କ ଭଳି ଭଲ ନେତା ରହିବା ଭଗବାନଙ୍କ ଆଶୀର୍ବାଦ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାଧ୍ୟମରେ ଭଗବାନ ବିଭିନ୍ନ ମହତ୍ କାର୍ଯ୍ୟ କରୁଛନ୍ତି।

ସେ ଏନଡିଏ ସରକାରର ଶାସନ ପାଇଁ ଏକ ଆକ୍ଷରିକ ଶବ୍ଦ ରଚନା କରିଥିଲେ - 'ନରେନ୍ଦ୍ର ଦାମୋଦରଦାସ କା ଅନୁଶାସନ' - ନାଗରିକମାନଙ୍କର ସୁରକ୍ଷା, ସୁବିଧା ଏବଂ କଲ୍ୟାଣ ଉପରେ ଧ୍ୟାନ ଦେଇଥିବା ଶାସନର ଏକ ମଡେଲ। ଶଙ୍କରାଚାର୍ଯ୍ୟ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଜଣେ ସାଧାରଣ ଲୋକ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ବୁଝନ୍ତି ଏବଂ ସେଗୁଡିକୁ ଦୂର କରିବା ଦିଗରେ କାର୍ଯ୍ୟ କରନ୍ତି । ସେ କହିଛନ୍ତି ଯେ ଏନଡିଏ ସରକାର ନାଗରିକମାନଙ୍କ ପାଇଁ ଦୟାର ସହ କାମ କରନ୍ତି ଏବଂ କୋଭିଡର ଉଦାହରଣ ଦେଇ କହିଛନ୍ତି ଯେ ଯେଉଁଠାରେ ସରକାର କୌଣସି ନାଗରିକଙ୍କୁ ଭୋକିଲା ଶୋଇବାକୁ ଦେଇ ନାହାଁନ୍ତି ଏବଂ ସମସ୍ତଙ୍କୁ ଖାଇବାକୁ ଦେଇଛନ୍ତି - ପ୍ରଧାନ ମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ଉଦାହରଣ ଦେଇଥିଲେ । ସେ କହିଛନ୍ତି ଯେ ଏନଡିଏ ସରକାର ସମଗ୍ର ବିଶ୍ୱରେ ଶାସନ ପାଇଁ ଏକ ଆଦର୍ଶ ଯାହାକି ଅନ୍ୟ ଦେଶମାନେ ଅନୁକରଣ କରିପାରିବେ। ବୃଦ୍ଧି ପାଉଥିବା କ୍ଷମତା ଏବଂ ଉଜ୍ଜ୍ୱଳ ଭବିଷ୍ୟତ ସହିତ ଭାରତ ବିଶ୍ୱ ଶାନ୍ତି ପାଇଁ ପ୍ରେରଣା ଦେବ ଏବଂ ଭାରତର ସମୃଦ୍ଧତା ବିଶ୍ୱ ସମୃଦ୍ଧିରେ ସହାୟକ ହେବ । ଶଙ୍କରାଚାର୍ଯ୍ୟ ଆହୁରି ମଧ୍ୟ କହିଛନ୍ତି ଯେ ଦେଶର ଭିତ୍ତିଭୂମି ବିକାଶ ସହିତ ସରକାର ସାଂସ୍କୃତିକ ନବୀକରଣ ଉପରେ ମଧ୍ୟ ଧ୍ୟାନ ଦେଇଛନ୍ତି, ସେ ସୋମନାଥ ଏବଂ କେଦାରନାଥରେ କରାଯାଇଥିବା କାର୍ଯ୍ୟର ଉଦାହରଣ ଦେଇଛନ୍ତି।

ସ୍ୱାପରୁ ହସ୍ତଶିଳ୍ପ ପ୍ରସ୍ତୁତ କରୁଛି ପୂର୍ବତଟ ରେଳବାଇ

ଭୁବନେଶ୍ୱର,୨୦।୧୦ (ସଂଚାର ବ୍ୟୁରୋ): ଅବିରତ ଭାବେ ସ୍ୱଚ୍ଛତା ଅଭିଯାନକୁ ବଜାୟ ରଖିବା ପାଇଁ ପୂର୍ବତଟ ରେଳପଥ ନେଇଥିବା ପ୍ରତିବଦ୍ଧତାର ଏକ ଅଂଶ ଭାବରେ ବର୍ଜ୍ୟବସ୍ତୁ ଏବଂ ସ୍ୱାପକୁ ଚମତ୍କାର ହସ୍ତଶିଳ୍ପରେ ପରିଣତ କରିବାକୁ ଲକ୍ଷ୍ୟ ରଖି ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟିକରି ନିଜକୁ ଗର୍ବିତ କରିପାରିଛି। ଡିଜେଲ ଏବଂ ଇଲେକ୍ଟ୍ରିକ୍ ଲୋକୋ ଶେଡ୍, ଟ୍ରାକ୍ସନ୍ ସବ୍ ଷ୍ଟେସନ୍, ଏବଂ ଟ୍ରାକ୍ସନ୍ ବଣ୍ଟନ ବିଭାଗର କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ଏହି ସୃଜନଶୀଳ ପ୍ରୟାସ କେବଳ ରେଳ ପରିସରର ସୌନ ର୍ଯ୍ୟକୁ ବୃଦ୍ଧି କରୁନାହିଁ ବରଂ ପରିବେଶ ସୌନ ର୍ଯ୍ୟକରଣ ଓ ସ୍ୱଚ୍ଛତା ଅଭିଯାନ ସହିତ ସଚେତନତାକୁ ମଧ୍ୟ ପ୍ରୋତ୍ସାହିତ କରୁଛି।

ସ୍ୱଚ୍ଛତା ହିଁ ସେବା ଏବଂ ସ୍ୱଚ୍ଛତା ପକ୍ଷ୍ୟ ପାଳନ ଅଭିଯାନର ଏକ ଅଂଶ ଭାବରେ, ରେଳ ଇଞ୍ଜିନ ସହିତ ଇଲେକ୍ଟ୍ରିକାଲ ଯନ୍ତ୍ରପାତି ଗୁଡିକର ବର୍ଜନ ହୋଇଥିବା ସାମଗ୍ରୀର ବ୍ୟବହାରକରି ରେଳ କର୍ମଚାରୀମାନେ ବିଭିନ୍ନ ପ୍ରକାର ଆଶ୍ଚର୍ଯ୍ୟଜନକ ପ୍ରତିକୃତି ନିର୍ମାଣ କରି ସେମାନଙ୍କର କର୍ମକ୍ଷେତ୍ର ପରିସରକୁ ସୌନ ର୍ଯ୍ୟ କାରଣ କରିପାରିଛନ୍ତି। ଏହି ବର୍ଜନ ହୋଇଥିବା ଯନ୍ତ୍ରପାତି ଓ ଯନ୍ତ୍ରାଂଶ ଗୁଡିକ ମଧ୍ୟରୁ ବୁଲ ଗିୟର, ଟ୍ରକ୍ସନ ବାର, ଫେଉମାଟିକ ପାଇପ, କମ୍ପ୍ରେସର ଭାଲବ ସହିତ ଅନ୍ୟାନ ଅନୁପଯୋଗ ଯନ୍ତ୍ରାଂଶ ଦ୍ୱାରା ଆଖିଦୃଶିଆ କଳାକୃତି ନିର୍ମାଣ କରାଯାଇ ସ୍ୱଚ୍ଛତା ପାଇଁ ସୌନ ର୍ଯ୍ୟକରଣ କରାଯାଇ ଅଛି। ଏହି ଅଭିନବ କଳାକୃତି ଗୁଡିକୁ କାର୍ଯ୍ୟସ୍ଥଳ, କାରଖାନା ପରିସର ମଧ୍ୟରେ ସୁସଜ୍ଜିତ କରାଯାଇଅଛି। କଳାକୃତି ଗୁଡିକ ମଧ୍ୟରୁ ତ୍ରିରଙ୍ଗା ସହିତ ଭାରତର ମାନଚିତ୍ର, କୁତବ ମିନାର, ବ୍ରିଜ ଓ ଟନେଲ ଭଳି ବହୁ ପ୍ରସିଦ୍ଧ ଲ୍ୟାଣ୍ଡମାର୍କର ମଡେଲ, ଏବଂ ଡାଇନୋସର, ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ସୃଜନଶୀଳ ରୂପର ଚମତ୍କାର ମୂର୍ତ୍ତି ଅନ୍ତର୍ଭୁକ୍ତ। ସ୍ୱଚ୍ଛତା ଏବଂ ପରିବେଶ ପରିଚାଳନା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପହଞ୍ଚାଇବା ପାଇଁ ବର୍ଜ୍ୟବସ୍ତୁ ସାମଗ୍ରୀର ସମ୍ଭାବନାକୁ ଦର୍ଶାଇ ଏହି ପଦକ୍ଷେପ ଯାତ୍ରା ଏବଂ ସ୍ଥାନୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି। ପୂର୍ବତଟ ରେଳପଥ ମୁଖ୍ୟାଳୟ ଭୁବନେଶ୍ୱରର ରେଳ ସଦନରେ ପ୍ରଦର୍ଶିତ ପୂର୍ବରୁ ସ୍ଥାପନ ହେଇଥିବା ବିଭିନ୍ନ କଳାକୃତି ଅଧିକ ସୃଜନଶୀଳତାକୁ ପ୍ରେରଣା ଦେଇ ଏକ ଉଦାହରଣ ସୃଷ୍ଟି କରିଛି।

କଳାକୃତି ମଧ୍ୟରେ ନୃତ୍ୟ ଶୈଳୀରେ ବର୍ଜ୍ୟବସ୍ତୁରୁ ନିର୍ମାଣ ହୋଇଥିବା ପ୍ରେଅତିମୁର୍ତ୍ତି, ସ୍ନାପ୍ ଧାତୁରୁ ତିଆରି ଏବଂ ଜଟିଳ ଡିଜାଇନରେ ଗଢାଯାଇଥିବା ମାନବ ଚିତ୍ର ଅଛି। କ୍ୟାମ ଗିଅର ଏବଂ ପିଷ୍ଟନ୍ କ୍ୟାରିୟର ପରି ଉପାଦାନରୁ ନିର୍ମିତ ଏହି ପ୍ରତିମୁର୍ତ୍ତି ଗୁଡ଼ିକ, ପରିତ୍ୟକ୍ତ ସାମଗ୍ରୀଗୁଡିକର କିପରି ସୁନ୍ଦର କଳା ଅଭିବ୍ୟକ୍ତିରେ ରୂପାନ୍ତରିତ ହୋଇପାରିବ, ଏହାର ଉଦାହରଣ ଦେଇଥାଏ।

ଏହା ସହିତ, ଏହି ପଦକ୍ଷେପ ରେଳ କର୍ମଚାରୀଙ୍କ ମଧ୍ୟରେ ଦକ୍ଷତା ବିକାଶ ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ। କର୍ମଚାରୀ ମାନଙ୍କ ଅବକାଶ ସମୟରେ ବିଶାଖାପାଟନମ୍, ବିଜୟନଗରମ୍, ଏବଂ ଆରାକୁ ସମେତ ସ୍ଥାନଗୁଡିକର କର୍ମଚାରୀମାନେ କଳା ମାଧ୍ୟମରେ ନିଜ ଆଖପାଖକୁ ସୌନ ର୍ଯ୍ୟକରଣ କରିବାରେ ସକ୍ରିୟ ଭାବରେ ନିୟୋଜିତ ହୋଇଥିଲେ। ନିକଟ ଭବିଷ୍ୟତରେ ଅଧିକ ରେଳ ଷ୍ଟେସନରେ ଅଧିକ କଳାକୃତି ସ୍ଥାପନ ପାଇଁ ଯୋଜନା ଥିବା ସହିତ ବିଶାଖାପାଟନମ୍ ଷ୍ଟେସନ୍, ରେଳ ଷ୍ଟାଡିୟମ୍ ଏବଂ ଡିଜେଲ୍ ଲୋକୋ ଶେଡ୍ ରେ ସେମାନଙ୍କର କିଛି ପ୍ରତିକୃତି ପୂର୍ବରୁ ଦେଖିବାକୁ ମିଳେ। ସୃଜନଶୀଳତା ଏବଂ ସ୍ୱଚ୍ଛତାର ସ୍ଥାୟୀତ୍ୱକୁ ଗ୍ରହଣ କରି ପୂର୍ବତଟ ରେଳପଥ କିପରି ପରିଷ୍କାର ପରିଚ୍ଛନ୍ନତା ଏବଂ ପରିବେଶ ସଚେତନତା କରିବା ସହିତ ସ୍ଥାନୀୟ ଅଞ୍ଚଳର ସଂସ୍କୃତିକୁ ପ୍ରତିପାଦିତ କରି ଏହିପରିକ କଳାକୃତି ସ୍ୱଚ୍ଛତା ପାଇଁ ଉଦାହରଣ ସୃଷ୍ଟି କରିଛି।

ସାଂସଦ ପ୍ରତାପଙ୍କୁ ଦିଲ୍ଲୀରୁ ଡାକରା

ଭୁବନେଶ୍ୱର,୨୦।୧୦ (ସଂଚାର ବ୍ୟୁରୋ): ରାଜ୍ୟ ବିଜେପି ସାଂଗଠନିକ ନିର୍ବାଚନ ଅଧିକାରୀ ନିଯୁକ୍ତି ପରେ ବାଲେଶ୍ୱର ବିଜେପି ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ଦିଲ୍ଲୀରୁ ମିଳିଛି ଡାକରା । ଦିଲ୍ଲୀରେ ବିଜେପି ସାଂଗଠନିକ ନିର୍ବାଚନିକ ବୈଠକରେ ଯୋଗଦେବା ପାଇ ପ୍ରତାପ ଷଡ଼ଙ୍ଗୀଙ୍କୁ ଦିଲ୍ଲୀ ଡକାଯାଇଥିଲା ସୂଚନା । ଆଜି ସନ୍ଧ୍ୟାରେ ଦିଲ୍ଲୀଯାଇ କାଲି ଅନୁଷ୍ଠିତ ହେବାକୁଥିବା ବୈଠକରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ଏହା ପରେ ବାଲେଶ୍ୱର ବିଜେପି ସାଂସଦ ପ୍ରତାପ ଷଡ଼ଙ୍ଗୀ ଗଣମାଧ୍ୟମରେ କହିଛନ୍ତି ବିଜେପି ଆରମ୍ଭରୁ ଲୋକତାନ୍ତ୍ରିକ ଦଳ । ଏଥିରେ ନିର୍ବାଚନ ପଦ୍ଧତିରେ ନେତା ନିର୍ବାଚିତ ହୁଅନ୍ତି,ମନୋନିତ ନେତା ନିର୍ବାଚିତ ହୁଅନ୍ତି ନାହିଁ । ପରିବାରବାଦୀ , ଏକଚ୍ଛତ୍ରବାଦୀ ଦଳ ପାଇଁ ନିର୍ବାଚନ ନୂଆ କଥା , ବିଜେପିର ଡିଏନଏରେ ନିର୍ବାଚନ ଅଛି । ସୂଚନାଯୋଗ୍ୟ ; ଖୁବଶୀଘ୍ର ରାଜ୍ୟ ବିଜେପିର ସାଂଗଠନିକ ନିର୍ବାଚନ ହେବାକୁ ଯାଉଛି । ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ମିଳିଥିବା ବେଳେ ନିର୍ବାଚନ ଅଧିକାରୀ ଭାବେ ୩ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ସାଂସଦ ସୁକାନ୍ତ ପାଣିଗ୍ରାହୀ, ସୁକେଶି ଓରାମ, ଯତୀନ ମହାନ୍ତିଙ୍କୁ ସହ ନିର୍ବାଚନ ଅଧିକାରୀ ଦାୟିତ୍ୱ ମିଳିଛି।

ବିଜେବି ଏମଏଜେଏମସିର ପ୍ରଥମ ଆଲୁମିନି ମିଟ୍

- ପରିବେଶ ସୁରକ୍ଷା ବାର୍ତ୍ତା ନେଇ ବାଣ୍ଟିଲେ ଚାରା

ଭୁବନେଶ୍ୱର,୨୦।୧୦ (ସଂଚାର ବ୍ୟୁରୋ): ବିଜେବି କଲେଜ୍ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ପୁରାତନ ଛାତ୍ରଛାତ୍ରୀଙ୍କ ପ୍ରଥମ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗଠନ ହୋଇଥିବା ଆଲୁମିନି ଆସୋସିଏସନ୍ ପକ୍ଷରୁ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ହୋଇଛି । ଭୁବନେଶ୍ୱର ଖଣ୍ଡଗିରି ନିକଟସ୍ଥ ଜୟଦେବ ବାଟିକାରେ ଆୟୋଜିତ ଏହି ମିଳନ ପର୍ବରେ ୨ ଶହରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇ ସ୍ମୃତି ସାଉଁଟିଛନ୍ତି । ଏହି ଅବସରରେ ସମସ୍ତେ ନିଜ ନିଜର ଅଭିଜ୍ଞତା ଆଦାନ ପ୍ରଦାନ କରିବା ସହ କଲେଜରେ

ବିତିଥିବା ସ୍ମରଣୀୟ ମୁହୂର୍ତ୍ତକୁ ପୁନଃ ସ୍ମରଣ କରିଥିଲେ । ତା ସହିତ ନାଚଗୀତ ଓ ଭୋଜିଭାତର ମଜା ନେଇଥିଲେ । ଆଜିର ଦିନ ଆଲୁମିନାର ସମସ୍ତ ସଦସ୍ୟଙ୍କ ପାଇଁ ଏକ ସୁବର୍ଣ୍ଣ ଦିନ ଥିଲା । ଏହି ଅବସରରେ ସବୁଜ ପରିବେଶ ଲକ୍ଷ୍ୟରେ 'ବୃକ୍ଷ ବନ୍ଧୁ' କାର୍ଯ୍ୟକ୍ରମ ଜରିଆରେ ଆଲୁମିନାର ଶତାଧିକ ସଦସ୍ୟ ମାନଙ୍କୁ ଉପସ୍ଥିତ ଅତିଥିମାନେ ବୃକ୍ଷ ଚାରା ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ରୂପେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ କରାଯାଇଥିଲା ।

ଆଗାମୀ ଦିନରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ସ୍ୱେଚ୍ଛାକୃତ ଭାବେ ଦକ୍ଷ କରିବା ଦିଗରେ ଏହି ଅନୁଷ୍ଠାନ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ନେଇଛି । ଆୟୋଜିତ ଏହାର ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେବି କଲେଜର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗୀୟ ମୁଖ୍ୟ ପ୍ରଫେସର ନଳୀନ କୁମାର ପାତ୍ର ଯୋଗ ଦେଇଥିଲେ । ଉପଦେଷ୍ଟା ସ୍ୱୟଂ ପ୍ରକାଶ ମହାପାତ୍ର, ସଭାପତି ଦିଲ୍ଲୀପ କୁମାର ରାଉତ, ସାଧାରଣ ସମ୍ପାଦକ ଲିପୁନ କୁମାର ପରିଡ଼ାଙ୍କ ସମେତ ଆଲୁମିନା ଆସୋସିଏସନର ବରିଷ୍ଠ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ, ବୈଠକକୁ ଯୁଗ୍ମ ସମ୍ପାଦକ ବିବର୍ତ୍ତନ ପଣ୍ଡା ପରିଚାଳନା କରିଥିଲେ ।

ସ୍ତ୍ରୀକୁ ବଞ୍ଚାଇବାକୁ ଯାଇ ଜଳିଗଲେ ସ୍ୱାମୀ

କଟକ,୨୦।୧୦ (ସଂଚାର ବ୍ୟୁରୋ): ସ୍ତ୍ରୀକୁ ବଞ୍ଚାଇବାକୁ ଯାଇ ନିଆଁରେ ଜଳିଗଲେ ସ୍ୱାମୀ। ଏପରି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ ଜଡିଡଦା ପଞ୍ଚାୟତ ଆଡ଼ିଆ ଗାଁରେ। ସ୍ୱାମୀ

ଜୀବନ ଅମୃତ ଅନୁଚିନ୍ତା

ଶିବ ଓ ଶକ୍ତି-ଏଠି ତୁମେ ଓ ମୁଁ ଏକାକାର,
ତୁମେ କୁହ ମୁଁ ପଞ୍ଚଭୂତ , ମୁଁ କହେ ତୁମେ
ମୋ ଭିତରେ ତୁମେ ପୂର୍ଣ୍ଣ ପ୍ରକାଶିତ ଆଉ ତୁମ
ଭିତରେ ମୁଁ ଚିର ଅନ୍ତର୍ଗଭା। ଦୁହେଁ ଏକ ଓ
ଅଭିନ୍ନ, ଜଣେ ସ୍ଥିତି ଆଉ ଜଣେ ବ୍ୟାପ୍ତି।

SANCHAR
ସଂଚାର

୪ ସୋମବାର ୨୧ ଅକ୍ଟୋବର ୨୦୨୪, ଭୁବନେଶ୍ୱର

Monday 21 October 2024 Bhubaneswar

ଇସ୍ରାଏଲକୁ ବଡ଼ ସଫଳତା

ସାମରିକ ଦୃଷ୍ଟିରୁ ଇସ୍ରାଏଲର ମୁକାବିଲା କରିବା ସହଜ ନୁହେଁ। ଇସ୍ରାଏଲ ଚାରିପଟେ ଶକ୍ତିଶାଳି ଶତ୍ରୁ ରହିଛନ୍ତି। ସେମାନେ ସମସ୍ତେ ମୌଳବାଦୀ ରାଷ୍ଟ୍ର। ଇସ୍ରାଏଲ ଉପରେ ସେମାନେ ସବୁ ବେଳେ ରକ୍ତ ଚାଉଳ ଚୋବାଉଥାଆନ୍ତି। କିନ୍ତୁ ଇସ୍ରାଏଲ ନିଜକୁ ଏତେ ଶକ୍ତିଶାଳି କରିଛି ଯେ, ସେମାନେ ମିଳିତ ଭାବେ ଆକ୍ରମଣ କଲେବି ଇସ୍ରାଏଲର କିଛି କ୍ଷତି କରିପାରିବେ ନାହିଁ। କାରଣ ଇସ୍ରାଏଲ ସେନା ଅତ୍ୟାଧୁନୀକ ଜ୍ଞାନ କୌଶଳରେ ସମୃଦ୍ଧ। ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର ସହ ଏହା ଅତ୍ୟାଧୁନୀକ ଟେକ୍ନୋଲୋଜିରେ ସମୃଦ୍ଧ। ଏହାର ଡ୍ରୋନ ସିଷ୍ଟମ ବିଶ୍ୱରେ ସର୍ବଶ୍ରେଷ୍ଠ। ଏହା ସହିତ ଇସ୍ରାଏଲର ଗୁଇନ୍ଦା ବ୍ୟବସ୍ଥା ସହ ବିଶ୍ୱର ଅନ୍ୟ କେହି ସମକକ୍ଷ ନୁହଁନ୍ତି। ଶତ୍ରୁ ପକ୍ଷରୁ ସଠିକ ଅବସ୍ଥିତି ଜାଣିବା ପାଇଁ ଏହାର ଗୁଇନ୍ଦା ବାହିନୀ ସକ୍ଷମ। ଏଥିପାଇଁ ନିକଟରେ ଇସ୍ରାଏଲ ସେନା ଉଭୟ ହମାସ ଓ ହେଜବୁଲ୍ଲା ଭଳି କୁଖ୍ୟାତ ଆତଙ୍କବାଦୀ ସଙ୍ଗଠନର ଅନେକ ଟପ ନେତାଙ୍କୁ ନିପାତ କରିବାରେ ସଫଳ ହୋଇଛି। ଇରାନରେ ଲୁଚିଥିବା ହେଜବୁଲ୍ଲା ନେତାଙ୍କୁ ଏହା ଟାର୍ଗେଟ କରି ଏଥିରେ ସଫଳ ହୋଇଛି। ଲେବାନନରେ ହେଜବୁଲ୍ଲା ସଙ୍ଗଠନର ଅନେକ ଟପ ଲିଡର ପ୍ରାଣ ହରାଇଛନ୍ତି। ସେମାନଙ୍କର ଅନେକ ଗୁପ୍ତ ଆଡ୍ଡା ଧ୍ୱଂସ ହୋଇଛି। ବିରୁଟରେ ଲୁଚିଥିବା ହେଜବୁଲ୍ଲା ମୁଖ୍ୟ ଇସ୍ରାଏଲର ଡ୍ରୋନ ଆକ୍ରମଣରେ ନିହତ ହୋଇଛନ୍ତି। ଏବେ ଏଥିରେ ଆଉ ଏକ ବଡ଼ ସଫଳତା ମିଳିଛି। ଇସ୍ରାଏଲର ଡ୍ରେନ ଆକ୍ରମଣରେ ହମାସ ମୁଖ୍ୟ ସିନୱାର ନିହତ ହୋଇଛି। ଏହା ସମଗ୍ର ବିଶ୍ୱ ପାଇଁ ଏକ ଆଶ୍ୱସ୍ତିର ବିଷୟ। କାରଣ ସିନୱାର କେବଳ ଇସ୍ରାଏଲ ପାଇଁ ନୁହେଁ, ସମଗ୍ର ମାନବ ସମାଜ ପାଇଁ ଥିଲା ଏକ ବଡ଼ ବିପଦ। ତାକୁ ନିପାତ କରି ଇସ୍ରାଏଲ ସାରା ମାନବ ସମାଜର ଉପକାର କରିଛି। ଏହା ଜାରି ରହିବା ଉଚିତ। ମାନବିକତା ବିରୋଧୀ ପ୍ରତ୍ୟେକ ସଙ୍ଗଠନର ନେତାଙ୍କୁ ଏଭଳି ନିପାତ କରାଯିବା ଉଚିତ। ଏବେ ଇରାନର ପାଳି। ଇସ୍ରାଏଲ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଆହୁରି ସଂଘାତିକ ହୋଇଛି। ଗତ ବର୍ଷ ଇସ୍ରାଏଲରେ ହମାସର ଅନୁପ୍ରବେଶ ଏବଂ ନିରୀହ ଲୋକଙ୍କୁ ହତ୍ୟା ପରେ ସୁପ୍ତ ଆଗ୍ନେୟଗିରି ସକ୍ରିୟ ହୋଇଥିଲା। ହମାସର ମୁଖ୍ୟକେନ୍ଦ୍ର କୁହାଯାଉଥିବା ଗାଜା ଉପରେ ଇସ୍ରାଏଲ ଆରମ୍ଭ କରିଥିଲା ରକେଟ ମାଡ଼। ପରେ ଇସ୍ରାଏଲ ସେନା ଗାଜାରେ ପ୍ରବେଶ କରିଥିଲା ଏବଂ ହମାସ ଆତଙ୍କବାଦୀଙ୍କ ଗୁପ୍ତ ଆଶ୍ରୟ ସ୍ଥଳକୁ ଧ୍ୱଂସ କରିଥିଲା। ଏଥିରେ ଅନେକ ଆତଙ୍କବାଦୀଙ୍କ ସହ ବହୁ ସଂଖ୍ୟାରେ ନିରୀହ ବ୍ୟକ୍ତି ମଧ୍ୟ ପ୍ରାଣ ହରାଇଥିଲେ। ଏବେ ବି ଏହି ଯୁଦ୍ଧ ଚାଲିଛି। ହମାସକୁ ସମର୍ଥନ କରି ଲେବାନନ, ସିରିୟା ଓ ଇରାନ ଇସ୍ରାଏଲ ବିରୋଧରେ ଏକ ହୋଇଛନ୍ତି। ହମାସର ବଡ଼ ସମର୍ଥକ ହେଲା ଇରାନ। ଇରାନର ସାହାଯ୍ୟ ସହଯୋଗରେ ପ୍ରତିଷ୍ଠିତ ହୋଇଥିବା ଆତଙ୍କବାଦୀ ସଙ୍ଗଠନ ହେଲା ହେଜବୁଲ୍ଲା। ଇସ୍ରାଏଲର ପଡ଼ୋଶୀ ଲେବାନନ ହେଉଛି ଏହାର ମୁଖ୍ୟ କେନ୍ଦ୍ର। ସେଠାରୁ ହେଜବୁଲ୍ଲା ନିଜ ଅପରେସନ ନିୟନ୍ତ୍ରଣ କରିଥାଏ। ଗାଜା ଉପରେ ଇସ୍ରାଏଲର ଆକ୍ରମଣ ପରେ ହେଜବୁଲ୍ଲା ବିନା କାରଣରେ ଇସ୍ରାଏଲ ଉପରେ ରକେଟ ମାଡ଼ କରି ଚାଲିଥିଲା। ଶେଷରେ ଇସ୍ରାଏଲ ଏହାର ଜବାବ ଦେବାକୁ ନିଷ୍ପତ୍ତି ନେଲା। ଇସ୍ରାଏଲର ଆକ୍ରମଣରେ ଗତ ମାସକ ଭିତରେ ହେଜବୁଲ୍ଲା ସଙ୍ଗଠନର ମୁଖ୍ୟ ହସନ ନସରଲ୍ଲା ସମେତ ୭ଜଣ ଟପ କମାଣ୍ଡର ନିହତ ହୋଇଛନ୍ତି। ୧୪ଶହରୁ ଅଧିକ ଲେବାନନ ନାଗରିକ ପ୍ରାଣ ହରାଇଛନ୍ତି। ହେଜବୁଲ୍ଲାର ଅନେକ ଗୁପ୍ତ ଆଡ୍ଡା ଏବଂ ଅସ୍ତ୍ରାଗାର ଧ୍ୱଂସ ପାଇଛି। ଏଥିରେ ବ୍ୟଥିତ ହୋଇଛି ଇରାନ। କିଛି ଦିନ ତଳେ ଇରାନ ପକ୍ଷରୁ ଇସ୍ରାଏଲ ଉପରେ ବଡ଼ ଧରଣର ଆକ୍ରମଣ ହୋଇଛି। ତେଲଆଭିଭ ଓ ଇରାନର ଅନ୍ୟ ସହର ଉପରେ ଇରାନ ୨୦୦ରୁ ଅଧିକ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହା ସହିତ ତେଲଆଭିଭରେ ଇରାନ ସମର୍ôଥତ ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇବା ଫଳରେ ୪ଜଣ ଇସ୍ରାଏଲୀ ନାଗରିକ ନିହତ ହୋଇଛନ୍ତି। ଇସ୍ରାଏଲ ଏହାର ଜବାବ ଦେବାକୁ ପ୍ରସ୍ତୁତ ହେଉଛି। ଖୁବ ଶୀଘ୍ର ଇସ୍ରାଏଲ ଲେବାନନରେ ସ୍ଥଳ ପଥରେ ପ୍ରବେଶ କରିବ ବୋଲି ସୂଚନା ଦେଇଛି। ଏହା ସହିତ ଇରାନ ଉପରେ ଇସ୍ରାଏଲ ମଧ୍ୟ ବଡ଼ ଧରଣର କ୍ଷେପଣାସ୍ତ୍ର ଆକ୍ରମଣ କରିବ। ଲେବାନନରେ ଇସ୍ରାଏଲ ଯେପରି ଆଖିବୁଜା ଆକ୍ରମଣ କରୁଛି, ଇରାନ ଓ ସିରିୟା ଉପରେ ମଧ୍ୟ ଅନୁରୂପ ଆକ୍ରମଣ କରିପାରେ। ସ୍ଥଳ ପଥରେ ଇରାନ ଉପରେ ଆକ୍ରମଣ ସମ୍ଭବ ନହୋଇପାରେ। କିନ୍ତୁ ଇସ୍ରାଏଲ ନିକଟରେ ବିପୁଳ ପରିମାଣର କ୍ଷେପଣାସ୍ତ୍ର ମହଜୁଦ ରହିଛି। ଇସ୍ରାଏଲର ଗୁପ୍ତଚର ବିଶ୍ୱରେ ସର୍ବଶ୍ରେଷ୍ଠ। ଏହାର ଡିଫେନ୍ସ ଟେକ୍ନୋଲୋଜି ମଧ୍ୟ ବେଶ ଉନ୍ନତ। ଏହାର ମୁକାବିଲା କରିବା ଇରାନ ପକ୍ଷରେ ସମ୍ଭବ ନୁହେଁ। ଇରାନ ହେଉଛି ଆମେରିକାର ଶତ୍ରୁ। ତେଣୁ ଇରାନ ବିରୋଧରେ ଆମେରିକା ଇସ୍ରାଏଲକୁ ସମର୍ଥନ ଏବଂ ସହାୟତା କରୁଛି। ଏବେ ଇସ୍ରାଏଲ ମାଧ୍ୟମରେ ଆମେରିକା ଇରାନ ଉପରେ ପ୍ରତିଶୋଧ ନେବାକୁ ଚାହିଁବ। ତେଣୁ ଇସ୍ରାଏଲକୁ ସାମରିକ ଏବଂ ଆର୍ôଥଠକ ସହାୟତା ଦେବାକୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଘୋଷଣା କରିଛନ୍ତି। ତେଣୁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଆଗକୁ ଆହୁରି ଜଟିଳ ବେହା ଆଶଙ୍କା ସୃଷ୍ଟି ହୋଇଛି। ଏଥିରେ ଏକାଧିକ ଦେଶ ପରିସ୍ଥର ସହ ହାତ ମିଳାଇଛନ୍ତି। ଏହା ପରିବର୍ତ୍ତୀ ପରିସ୍ଥିତିରେ ଏକ ମହାଯୁଦ୍ଧରେ ପରିଣତ ହେବା ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। ସେଥିପାଇଁ ଜାତିସଂଘ ମହାସଚିବ ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ ଆହ୍ୱାନ କରିଛନ୍ତି। କିନ୍ତୁ ଜାତିସଂଘ କଥା କେହି ଶୁଣିବା ଅବସ୍ଥାରେ ନାହାଁନ୍ତି। ସମସ୍ତେ ପ୍ରତିହିଂସା ଓ ପ୍ରତିଶୋଧର ନିଆଁରେ ଜଳୁଛନ୍ତି। ପରିଣାମ କଥା କେହି ଚିନ୍ତା କରୁ ନାହାଁନ୍ତି। ବିନା ଦୋଷରେ ସାଧାରଣ ନାଗରିକ, ନିରୀହ ବ୍ୟକ୍ତି ଦଣ୍ଡ ଭୋଗୁଛନ୍ତି। କିଛି ବ୍ୟକ୍ତି ସାଧାରଣ ଲୋକଙ୍କୁ ମୌଳବାଦ ଚିନ୍ତାଧାରାରେ ପ୍ରଭାବିତ କରୁଛନ୍ତି। ହେଜବୁଲ୍ଲା, ହମାସ, ହାଉଦି ଏସବୁ ସଙ୍ଗଠନ ମାନବିକତା ବିରୋଧୀ ଏବଂ ବିଶ୍ୱ ସମୁଦାୟ ପ୍ରତି ବିପଦ। ଏମାନଙ୍କୁ ସମୂଳେ ଧ୍ୱଂସ କରାଯିବା ଉଚିତ। କିଛି ତଥାକଥିତ ମାନବାଧିକାର ସଙ୍ଗଠନ ଏବଂ ନିଜକୁ ଧର୍ମନିରପେକ୍ଷ ବୋଲି ଦାବି କରୁଥିବା ସଙ୍ଗଠନ ଇସ୍ରାଏଲକୁ ବିରୋଧ କରୁଛନ୍ତି ଏବଂ ଗାଜା ଉପରେ ଆକ୍ରମଣକୁ ନିନ୍ଦା କରୁଛନ୍ତି। କିନ୍ତୁ ସେମାନେ ଇସଲାମିକ ମୌଳବାଦୀଙ୍କ ହିଂସାତ୍ମକ କାର୍ଯ୍ୟକଳାପ ତଥା ନିରୀହ ଲୋକଙ୍କୁ ହତ୍ୟାର ବିରୋଧ କରୁ ନାହାଁନ୍ତି। ହମାସ, ହାଉଦୀ ବା ହେଜବୁଲ୍ଲାର ମାନବାଧିକାର ଉଲ୍ଲଘଂନ ସେମାନଙ୍କ ଆଖିକୁ ଦେଖାଯାଉନି। ଏହା ସେମାନଙ୍କ ଦୋ ମୁହାଁ ନୀତିକୁ ପ୍ରମାଣିତ କରୁଛି। ଭାରତରେ ମଧ୍ୟ ସେମାନଙ୍କ ସଂଖ୍ୟା କିଛି କମ ନାହିଁ। ଧର୍ମନିରପେକ୍ଷତାର ମିଛ ଖୋଳପାରେ ରହି ସେମାନେ ବାସ୍ତବରେ ମାନବଧିକାର ବିରୋଧୀ କାର୍ଯ୍ୟ କରୁଛନ୍ତି।

ସମ୍ପାଦକଙ୍କୁ ପତ୍ର

ରାତିରେ ସିଟି ବସ ଚଳାଚଳ କରୁ

ମହାଶୟ,

ଭାରତର ଅନେକ ପ୍ରମୁଖ ନଗରୀରେ ରାତିରେ ମଧ୍ୟ ମୁଖ୍ୟ ରାସ୍ତାରେ ସିଟି ବସ ଚଳାଚଳ ବ୍ୟବସ୍ଥା ରହିଛି। ଲୋକେ ଯେତେବେଳେ ଚାହିଁବେ ସେତେବେଳେ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇପାରିବେ। କିନ୍ତୁ ରାଜଧାନୀ ଭୁବନେଶ୍ୱରରେ ଏହି ବ୍ୟବସ୍ଥା ନାହିଁ। କିଛି ସ୍ଥାନରେ ରାତିରେ ଅଟୋ ବ୍ୟବସ୍ଥା ରହିଛି। କିନ୍ତୁ ଅଟୋ ରିଜର୍ଭ କରି ଗଲେ ଅଧିକ ଅର୍ଥ ବ୍ୟୟ କରିବାକୁ ପଡ଼ିବ। ସମସ୍ତଙ୍କ ପକ୍ଷେ ଏହା ସମ୍ଭବ ନୁହେଁ। ଦୂରରୁ ବସରେ ଆସୁଥିବା ବ୍ୟକ୍ତି ରାତି ୩ଟା ପରେ ରସୁଲଗଡ଼ ବା ବାଣୀବିହାର ଛକରେ ଓହ୍ଲାଇଲେ ଘରକୁ ଯିବା ପାଇଁ ବା ନିଜ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ଅଟୋ ଉପରେ ନିର୍ଭରଶୀଳ। ଏଥିପାଇଁ ୨ଶହରୁ ତିନି ଶହ ଟଙ୍କା ବ୍ୟୟ କରିବାକୁ ପଡ଼ିଥାଏ। ସିଟି ବସରେ ଯିବାକୁ ହେଲେ ତାକୁ ୪ଘଣ୍ଟା ଅପେକ୍ଷା କରିବାକୁ ପଡ଼ିବ। ଯଦି ରାତିରେ ମୁଖ୍ୟ ରାସ୍ତାରେ ସିଟି ବସ ଚଳାଚଳ ବ୍ୟବସ୍ଥା ହୋଇପାରନ୍ତା ତେବେ ଦୂର ଦୁରାନ୍ତରୁ ଆସୁଥିବା ବ୍ୟକ୍ତି ଉପକୃତ ହୋଇପାରନ୍ତେ। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅନୁରୋଧ।

ଯୋଗେଶ ଚନ୍ଦ୍ର ମଲ୍ଲିକ
ଗଡ଼ ଗୋପୀନାଥପ୍ରସାଦ

ଦେବେନ୍ଦ୍ରବାବୁ ଜଣେ ଭଲ ମଣିଷ

ସତୀଶ ବିଶ୍ୱାଳ

ପ୍ରତ୍ୟେକ ସ'ସାହାଣମେଲା'। ଏହି ଶବ୍ଦଟି ସହ ଆମ ସଂସ୍କୃତି ସହ ସାମାନ୍ୟତମ ସମ୍ପର୍କ ରଖୁଥିବା ମଣିଷଟିଏ ଉଣା ଅଧିକେ ପରିଚିତ ଥିବ। ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ ବଳରାମ ଦାସ ମହାଲକ୍ଷ୍ମୀ ପୁରାଣରେ ଯେଭଳି ସାମ୍ୟବାଦ ସପକ୍ଷରେ ନିର୍ଭିକ ଏବଂ ଚିରସ୍ଥାୟୀ ସ୍ୱର ଉଠାଇଛନ୍ତି, ସେଭଳି ସାହାଣମେଲା ଶବ୍ଦର ଭାବାର୍ଥ ବ୍ୟାପକ। ଭାବ ବିନୋଦିଆ, ଭାବଗ୍ରାହୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଏହି ନିଆରା ଦର୍ଶନର ନାମ ହେଉଛି'ସାହାଣମେଲା'। ଏହି ଦର୍ଶନରେ ରାଜା ପ୍ରଜା ସମସ୍ତେ ସମାନ ଏବଂ ସମାନ ବ୍ୟବସ୍ଥାରେ ପ୍ରତିଟି ଭକ୍ତ ନିଜର ପ୍ରିୟ ଭଗବାନଙ୍କୁ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ଦର୍ଶନ କରିଥାନ୍ତି। ଠିକ ସେମିତି ସେହି ଧାରାରେ ପରମପୂଜ୍ୟ ଦେବେନ୍ଦ୍ର ନାଥ ଦାଶଙ୍କ ଦ୍ୱାରା ଜନ୍ମ ନେଇଥିଲା ସମ୍ବାଦପତ୍ର 'ସାହାଣମେଲା'।
ସାହାଣମେଲା ସମ୍ବାଦପତ୍ରଟି ବି ସମସ୍ତଙ୍କ ପାଇଁ ମୁକ୍ତ ଥିଲା। ଗଣମାଧ୍ୟମର ମୂଳ ଧର୍ମ ପରି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ସହ ନୀରପେକ୍ଷ, ନିର୍ଭିକ ସମ୍ବାଦପତ୍ରର ଗୋଟିଏ ସଂକେତ ହୋଇ ରହିଛି। ଏଥିପାଇଁ ଛୋଟ ଏକ ସମ୍ବାଦପତ୍ର ହେଲେ ବି ମୁଁ ସାହାଣମେଲା ସହ ଜଡିତ ହୋଇ ରହି ଆସିଛି। ଦେବେନ୍ଦ୍ରବାବୁ ଓ ସାହାଣମେଲା ସହ ସମ୍ପର୍କରେ ଆସିଲା ବେଳକୁ ମୁଁ ବୋଧହୁଏ ଓକଲାତି ଅଧ୍ୟୟନ କରୁଥିଲି। ସେ ସମୟରେ ବି ମୁଁ ରାଜ୍ୟର ଜଣେ ପ୍ରତିଷ୍ଠିତ ସାମ୍ବାଦିକ, ସଂଗଠକ ଓ ସମାଜସେବୀ ହୋଇଥିଲି। ହେଲେ ଦେବେନ୍ଦ୍ରବାବୁଙ୍କ ପରି ଜଣେ ଦେବପ୍ରତିମ ମଣିଷର ଆଶୀର୍ବାଦ ଓ ପ୍ରେରଣା ମୋତେ ଯେମିତି ଅପେକ୍ଷା କରି ରହିଥିଲା ଓ ଭାଗ୍ୟରେ ଲେଖାଥିଲା। ଭ୍ରଷ୍ଟାଚାର, ଦୁର୍ନିତି ବିରୋଧରେ ସାଲିସ ବିହୀନ ସଂଗ୍ରାମ, ପଛରେ ପଡ଼ି ଯାଇଥିବା ଦୁଖୀ ମଣିଷ ଦୁଖ ବୁଝିବା ଓ ସମାଧାନ ପାଇଁ ତତକ୍ଷଣାତ ହାତ ବଢ଼ାଇବା ମୋ ସାମ୍ବାଦିକତା ଜୀବନର ସବୁଠାରୁ ବଡ ପଣ। ଏ କ୍ଷେତ୍ରରେ ଦେବେନ୍ଦବାବୁଙ୍କ ଠାରୁ ଅସମ୍ଭବ ପ୍ରେରଣା, ସହଯୋଗ ଓ ଆଶୀର୍ବାଦ ପାଇଛି।

ମୁଁ ପାଠ ପଢ଼ି ସାମ୍ବାଦିକତା ପରି କାର୍ଯ୍ୟକୁ ଆପେଣେଇବା ପଛରେ ମୋର ଗୋଟିଏ ବଡ ଧାରଣା ଥିଲା ଯେ, ସାମ୍ବାଦିକତା ଗୋଟିଏ ରୋଜଗାରର ମାଧ୍ୟମ ନୁହେଁ। ସମସ୍ତ ପ୍ରକାର ଭୁଲ କାର୍ଯ୍ୟ ବିରୋଧରେ ଲଢେଇ କରିବା ପାଇଁ ସାମ୍ବାଦିକତା ଗୋଟିଏ ବଡ ଅସ୍ତ୍ର। ଗାଁରେ ବୁଲୁଥିବା ଜଣେ ନିଶାଗ୍ରସ୍ତ ସାଧାରଣ ବ୍ୟକ୍ତି ମୋତେ ଥରେ କହିଥିଲେ ଯେ, ୱାନ ଡ୍ରପ ଅଫ ଇଂକ, କ୍ୟାନ ଚେଞ୍ଜେସ୍ ମିଲଅନସ ଅଫ ଥଟସ। ଏହି ଧାଡିଟି ମୋ ଉପରେ ଗଭୀର ପ୍ରଭାବ ପକାଇଥିଲା। ହେଲେ ସାମ୍ବାଦିକତା ଭିତରକୁ ପଶି ଆସିବା ପରେ କାଗଜ ବିକ୍ରି ବ୍ୟବସ୍ଥା, କାଗଜ ବିକ୍ରି ସହ ସାମ୍ବାଦିକତା ପରି ପବିତ୍ର କାର୍ଯ୍ୟକୁ ଯୋଡିଦେବା ପରେ ସମାଜର ଘୁଣ୍ଟିତ ବ୍ୟକ୍ତିମାନେ ବି ଖବର ଲେଖିବାର ସୁଯୋଗ ପାଇବା, ସେମାନଙ୍କ ଦ୍ୱାରା ଯେଭଳି ଢଙ୍ଗରେ ଖବର ଲେଖାଯିବା, ବିଜ୍ଞାପନ ସହ ବିଭିନ୍ନ ଲାଭ ଓ ଲୋଭ ପ୍ରସଙ୍ଗକୁ ଯୋଡି ଦିଆଯିବା ମୋତେ ବିଚଳିତ କରିଥିଲା। ସେତିକି ବେଳେ ମୁଁ ମହାତ୍ମା ଗାନ୍ଧୀଙ୍କ ସାମ୍ବାଦିକତା ଜୀବନ କଥା ମନେ ପକାଉଥିଲି। ସେ କିଭଳି ନିଜର ସମ୍ବାଦପତ୍ରକୁ ବିନା ବିଜ୍ଞାପନରେ ବଞ୍ଚାଇ ରଖିବାକୁ ଉଦ୍ୟମ କରୁଥିଲେ। କାରଣ ବିଜ୍ଞାପନ ଗ୍ରହଣ ପରେ ଗୋଟିଏ ସାମ୍ବାଦିକ ନିଜର ନୀରପେକ୍ଷତା ହରାଇବାର ଯଥେଷ୍ଟ ସମ୍ଭାବନା ଥାଏ। ଏହି ଧାରାରେ ଦେବେନ୍ଦ୍ରବାବୁ କିନ୍ତୁ ବିଶ୍ୱାସ କରୁନଥିଲେ। ମନ୍ଦିର ଯେତେ ଛୋଟ ହେଉନା କାହିଁକି, ଏହାର ପବିତ୍ରତା ଓ ଆଧ୍ୟାତ୍ମିକ ବାତବରଣ ଭକ୍ତକୁ ଭଗବାନଙ୍କ ନିକଟତର କରିଥାଏ। ଠିକ ସେହିପରି ସାହାଣମେଲା ଛୋଟ କାଗଜ ହେଲେ ବି ଲାଭ ଓ ଲୋଭରୁ ମୁକ୍ତ ହୋଇ ଏହି କାଗଜଟି ଯଥା ସମ୍ଭବ ଗଣମାଧ୍ୟମର ଧର୍ମକୁ ପାଳନ କରିବାକୁ ଚେଷ୍ଟା କରିଥିଲା।

ହଁ, ଏକଥା ହୋଇପାରେ ସମ୍ପୂର୍ଣ୍ଣ ଲଙ୍ଗଳା ହୋଇ ବୁଲିବା ଅପେକ୍ଷା ଦେହରୁ ସାମାନ୍ୟ କପଡ଼ା ଅଜାଣତରେ ହଟିଯିବାକୁ ବରାଦାସ୍ତ କରାଯାଇ ପାରେ। ସାହାଣମେଲା ; ସମ୍ବାଦପତ୍ର ନାମରେ ସ୍ୱାର୍ଥ ହାସଲ ପାଇଁ ସମ୍ବାଦପତ୍ରର ମୂଳ ଧର୍ମକୁ ଉଲଂଘନ କରିନଥିଲା। ସେ ଯେତେବେଡ ଶକ୍ତିଶାଳୀ ଲୋକ ହୋଇଥାଉ ନା କାହିଁକି ଖବରରେ ପ୍ରମାଣଯୋଗ୍ୟ ତଥ୍ୟ କିମ୍ବା ପାରିପାର୍ଶ୍ୱିକ ପରିସ୍ଥିତି ଥିଲେ, ସାହାଣମେଲା, ତାକୁ ଛାପିଛି। ଏହା କେବଳ ସାହାଣମେଲାର ତତ୍କାଳୀନ ସମ୍ପାଦକ ଦେବେନ୍ଦ୍ର ନାଥ ଦାଶଙ୍କ ନିର୍ଭିକତା ପାଇ ସମ୍ଭବ ହୋଇଥାଏ। ଏତିକିରୁ ସାହାଣମେଲାର ନାମକରଣର ସାର୍ଥକତା କରିଥିଲେ, ଦେବେନ୍ଦ୍ରବାବୁ। ଏହା ମଧ୍ୟ ଜାଣି ରଖିବାଦରକାର ଯେ, ଖବରର ଗୁରୁତ୍ୱ ଥିଲେ ସେ ଯେତେ ଛୋଟ କାଗଜ ହେଲେ ବି ତାର ସୁଫଳ ମିଳିଥାଏ। ଏଭଳି ବହୁ ପ୍ରସଙ୍ଗ ରହିଛି, ଯାହା ଛୋଟ ଛୋଟ ପାକ୍ଷୀକ କାଗଜରେ ପ୍ରକାଶ ପାଇବା ପରେ ଏହାର ସୁଫଳ ସାଧାରଣ ଜନତା, ରାଜ୍ୟ ତଥା ରାଷ୍ଟ୍ର ପାଇଛି। ଅସଲ କଥା ହେଉଛି ଏହି ପ୍ରସଙ୍ଗକୁ ବଞ୍ଚାଇ ରଖିବାକୁ ସେଭଳି ଆନ୍ତରିକତା ଓ ନିଷ୍ଠାପରତାଉଭୟ ସାମ୍ବାଦିକ ଓ ସମ୍ପାଦକଙ୍କ ଆବଶ୍ୟକ। ଏ କ୍ଷେତ୍ରରେ ଜଣେ ସମ୍ପାଦକ ଭାବେ ଦେବେନ୍ଦ୍ରବାବୁ ଦୃଷ୍ଟାନ୍ତଯୋଗ୍ୟ ଥିଲେ।

ଏହି ମଣିଷ ଭିତରେ ପାଶବିକତା, ମାନବିକତା ଏବଂ ଦେବତ୍ୱ ଥାଏ। ନିଜର କାର୍ଯ୍ୟଧାରା ପାଇଁ ମଣିଷଟିଏ ପଶୁ ହୋଇପାରେ, ମଣିଷ ହୋଇପାରେ ଏବଂ ଦେବତା ବି ହୋଇପାରେ। ଦେବେନ୍ଦ୍ରବାବୁଙ୍କ ସହ ମିଶିବା ଦିନଠାରୁ ମୁଁ ତାଙ୍କର ପ୍ରତିଟି କଥା ଏବଂ କାର୍ଯ୍ୟରେ ଦେବତ୍ୱ

ଅନୁଭବ କରିଛି। ମୁଁ କୌଣସି କ୍ଷେତ୍ରରେ ଭୁଲ କାର୍ଯ୍ୟକୁ ବରଦାସ୍ତ କରିପାରେନା। ଭୁଲ କାର୍ଯ୍ୟ କରୁଥିବା ମଣିଷକୁ ବିରୋଧ କରିବି, ନଚେତ ସେ ଜାଗା ଛାଡି ଦେବି। ସ୍ୱାର୍ଥ ପାଇଁ ଭୁଲ କାର୍ଯ୍ୟ ସହ ସାଲିସ କରିପାରେନା। ଦେବେନ୍ଦ୍ରବାବୁଙ୍କ ସହ ମୋର ଜୀବନବ୍ୟାପୀ ସମ୍ପର୍କ ରହିବାର କାରଣ ଏହି କି ଯେ, ମୁଁ ତାଙ୍କଠାରୁ ଭୁଲ କଥା ଏବଂ କାର୍ଯ୍ୟକୁ କେବେ ଅନୁଭବ କରିନାହିଁ। ମୋ ଜୀବନରେ ଏଭଳି କେତେକ ବଡ ବଡ ବନ୍ଧୁ ତଥା ମଣିଷଙ୍କୁ ସେମାନଙ୍କ ଭୁଲ କାର୍ଯ୍ୟ, ଚିନ୍ତାଧାରା ପାଇଁ ଛାଡି ନଥିଲେ ମୁଁ ଜୀବନରେ ବହୁ ବଡ ବଡ ସ୍ୱାର୍ଥ ହାସଲ କରିପାରି ଥାନ୍ତି। କର୍ମବୀର ଗୌରୀଶଙ୍କର ରାୟଙ୍କ ପରିବାରରୁ ଆସିଥିବା ବରିଷ୍ଠ ସାମ୍ବାଦିକ ତଥା ସମ୍ବାଦକଳିକାର ସମ୍ପାଦକ ସମ୍ପାନୀୟ ଜୟାଶୀଷ ରାୟଙ୍କ ପରେ ଏଭଳି ଆନ୍ତରିକତାପୂର୍ଣ୍ଣ ଭାବ ଓ ଆବେଗ ମୁଁ ଦେବେନ୍ଦ୍ରବାବୁଙ୍କ ଠାରୁ ପାଇଥିଲି। ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକ, 'କାଳାନ୍ତର'ର ସମ୍ପାଦକ ସ୍ୱର୍ଗତ ଉପେନ୍ଦ୍ର ନାୟକ ମଧ୍ୟ ଏ କ୍ଷେତ୍ରରେ ଅନୁକରଣୀୟ। ଏଭଳି ବ୍ୟକ୍ତିମାନେ ସ୍ୱାର୍ଥ ଅପେକ୍ଷା ପ୍ରକୃତ ସାମ୍ବାଦିକତା ଓ ଲେଖା ଉପରେ ଗୁରୁତ୍ୱ ଦିଅନ୍ତି। ଏହା ଉଲ୍ଲେଖ କରିବାର କାରଣ ଏହି କି, ରାଜ୍ୟରେ ଗଣମାଧ୍ୟମଜଗତରେ ଏଭଳି ବହୁ ଦେବଯୋଗ୍ୟ ମଣିଷ ଅଛନ୍ତି, ଯେଉଁ ମାନଙ୍କ ବିଷୟରେ ଏହି ଲେଖାରେ ଉପସ୍ଥାପନ କରିବା ସମ୍ଭବ ହେଉନାହିଁ। କାରଣ ଏହା ଦେବେନ୍ଦ୍ରବାବୁଙ୍କ ନେଇ ମୋର ଧାରଣା ଉପରେ କେବଳ ପର୍ଯ୍ୟବେସିତ।

କେବଳ ସାହାଣମେଲା କାହିଁକି, ଶ୍ୱେତସଂକେତ ମଧ୍ୟ ଦେବେନ୍ଦ୍ରବାବୁଙ୍କ ସହ ମୋତେ ଅଧିକ ନିବିଡ କରିଥିଲା। ସାମ୍ବାଦିକତା ସହ ସାହିତ୍

ଇରାନ୍ ଉପରେ ବଡ଼ ଆକ୍ରମଣ ଯୋଜନାରେ ଇସ୍ରାଏଲ୍

ତେଲ ଆଭିଭ, ୨୦।୧୦: ଥମୁନି ମଧ୍ୟପ୍ରାଚ୍ୟ ଯୁଦ୍ଧ। ଏହା ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଏହାରି ଭିତରେ ଇରାନ୍ ଉପରେ ବଡ ଆକ୍ରମଣ କରିବାକୁ ଯୋଜନା କରୁଛି ଇସ୍ରାଏଲ। ଲିକ୍ ହୋଇଥିବା ଆମେରିକାର ଗୁଇନ୍ଦା ଡକ୍ୟୁମେଣ୍ଟରୁ ଏଭଳି କିଛି ସଙ୍କେତ ମିଳିଛି। ଇରାନ ବିରୁଦ୍ଧରେ ପ୍ରତିଶୋଧ ନେବାକୁ ଇସ୍ରାଏଲର ଯୋଜନା ବିଷୟରେ ଅତ୍ୟଧିକ ଗୋପନୀୟ ତଥ୍ୟ ଲିକ୍ ହେବା ପରେ ଏହାକୁ ନେଇ ଆତଙ୍କ ଖେଳି ଯାଇଛି।

ସିଏନ୍ଏନ୍ ରିପୋର୍ଟ ଅନୁଯାୟୀ, ଦୁଇଟି ଅତ୍ୟଧିକ ଗୋପନୀୟ ଆମେରିକାର ଗୁଇନ୍ଦା ଡକ୍ୟୁମେଣ୍ଟ ଲିକ୍ ହୋଇଛି। ଏଥିରେ ଇରାନ ଉପରେ ସମ୍ଭାବ୍ୟ ଆକ୍ରମଣ ପାଇଁ ଇସ୍ରାଏଲର ସାମରିକ ପ୍ରସ୍ତୁତି ବିଷୟରେ ଖୁଲାସା ହୋଇଛି। ଏହି ଗୁଇନ୍ଦା ତଥ୍ୟ ଡକ୍ୟୁମେଣ୍ଟ ନ୍ୟାସନାଲ ଜିଓସ୍ପାଟିକ୍ ଇଣ୍ଟେଲିଜେନ୍ସି ଏଜେନ୍ସି ନିକଟରୁ ମିଳିଛି। ଏହି ଏଜେନ୍ସି ଆମେରିକା ଗୁଇନ୍ଦା ସାଟେଲାଇଟର ଚିତ୍ର ଏବଂ ସୂଚନାକୁ ଆଧାର କରି ବିଶ୍ଳେଷଣ କରିଥାଏ। ଏହି ଗୁପ୍ତ ଦସ୍ତାବିଜରୁ ଇସ୍ରାଏଲ ସେନାର ଗତିବିଧି ଏବଂ ଆଗାମୀ ପ୍ରସ୍ତୁତି ବାବଦରେ ସୂଚନା ମିଳିଛି। ଅକ୍ଟୋବର ୧୫ ଏବଂ ୧୬ ତାରିଖରେ ଏହି ଗୁପ୍ତ ଡକ୍ୟୁମେଣ୍ଟ ଇରାନୀ ସମର୍ଥକଙ୍କ ଟେଲିଗ୍ରାମ ମିଡିଲ ଇଷ୍ଟ ସ୍ପେକ୍ଟେଟରରେ ପ୍ରକାଶିତ ହୋଇଥିଲା। ଏଥିରେ ଆଇଡିଏଫର ସାଟେଲାଇଟ୍ ଚିତ୍ର ରହିଛି। ଇସ୍ରାଏଲ ସେନା କୌଣସି ଯୋଜନା କରୁଥିବା ଦେଖିବାକୁ ମିଳିଛି।

ତେବେ ଏହି ଗୁଇନ୍ଦା ଡକ୍ୟୁମେଣ୍ଟ କେଉଁଠାରୁ ଲିକ୍ ହେଲା ତା' ବିଷୟରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଗୁପ୍ତଚର ତଥ୍ୟ ଲିକକୁ ନେଇ ଆମେରିକା ବେଶ୍ ଚିନ୍ତିତ ହୋଇପଡିଛି। ଗୁପ୍ତ ଡକ୍ୟୁମେଣ୍ଟ କିଭଳି ଲିକ୍ ହେଲା ଓ କିଏ କଲା ତା'ର ଅନୁସନ୍ଧାନ ଜାରି ରଖିଛି। ପେଣ୍ଟାଗନ, ଆମେରିକା ଗୁଇନ୍ଦା ବିଭାଗ ଓ ଏଫ୍‌ବିଆଇ ଏହି ମାମଲାର ଯାଞ୍ଚ କରୁଛନ୍ତି।

ଅକ୍ଟୋବର ପହିଲାରେ ଇରାନ ସମର୍ଥିତ ଆତଙ୍କୀ ସଂଗଠନ ଇସ୍ରାଏଲ ଉପରେ ହମଲା କରିଥିଲା। କୁହାଯାଇଛି, ଇସ୍ରାଏଲ ଏହାର ବଦଲା ନେବାକୁ ଆକ୍ରମଣ ପ୍ଲାନ୍ ପ୍ରସ୍ତୁତି କରୁଛି। ବର୍ତ୍ତମାନ ସମୟରେ ଇସ୍ରାଏଲ ସେନା ଗାଜାପଟ୍ଟୀ ଏବଂ ଲେବାନନ ଉପରେ ଆକ୍ରମଣ ଜାରି ରଖିଛି। ଏହି ଆକ୍ରମଣରେ ଇସ୍ରାଏଲ ହମାସର ଅନେକ ଶୀର୍ଷ ନେତାଙ୍କୁ ହତ୍ୟା କରିଛି।

କେମିତି ଲୁଚିଥିଲା ହମାସ୍ ମୁଖ୍ୟ ସିନୱାର୍

ବଞ୍ଚିବାକୁ ସଙ୍ଘର୍ଷ କରିଥିଲା ସିନୱାର

ତେଲ ଆଭିଭ, ୨୦।୧୦: ଇସ୍ରାଏଲ ଏୟାର ଷ୍ଟ୍ରାଇକରେ ନିପାତ ହୋଇଥିବା ହମାସ ମୁଖ୍ୟ ୟାହୟା ସିନୱାରଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ସାମ୍ନାକୁ ଆସିଛି। ମୃତ୍ୟୁ ପୂର୍ବରୁ ୟାହୟା କିପରି ଜୀବନ-ମରଣ ସହ ସଂଘର୍ଷ କରିଥିଲେ ରିପୋର୍ଟରୁ ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଅନୁସାରେ, ୟାହୟାଙ୍କ ମୁଣ୍ଡରେ ଗୁଳି ବାଜିବା ପୂର୍ବରୁ ଶରୀରରେ ଏକାଧିକ ଗୁରୁତର ଆଘାତ ପାଇଥିଲେ। ତାଙ୍କ ଗୋଟିଏ ହାତ ଏବଂ ଆଙ୍ଗୁଠି କଟି ଯାଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ରକ୍ତସ୍ରାବ ରୋକିବା ପାଇଁ ସେ ବିଦ୍ୟୁତ୍ (କରେଣ୍ଟ ନଥିବା) ତାରକୁ ହାତରେ ଗୁଡାଇବାକୁ ଚେଷ୍ଟା କରିଥିବା ଜଣେ ଡାକ୍ତର କହିଛନ୍ତି। ଶରୀରରେ ଏପରି ଆଘାତ ଲାଗିଥିଲା ଯେ ମୃତ ଶରୀର ଚିହ୍ନଟ ହୋଇପାରି ନଥିଲା। ଡିଏନଏ ପରୀକ୍ଷା ପରେ ୟାହୟାଙ୍କ ମୃତଶରୀର ଚିହ୍ନଟ କରାଯାଇଛି। ଏଥିସହ କଟା ଯାଇଥିବା ଆଙ୍ଗୁଠି ପରୀକ୍ଷା ପାଇଁ ପଠା ଯାଇଛି। ଶବ ବ୍ୟବଚ୍ଛେଦ ଦାୟିତ୍ୱରେ ଥିବା ଇସ୍ରାଏଲର ଜାତୀୟ ଫୋରେନସିକ୍ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଚେନ୍ କୁଗେଲ ନ୍ୟୁୟର୍କ ଟାଇମ୍ସକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ସିନୱାରଙ୍କ ମୁଣ୍ଡରେ ଗୁଳି ବାଜିବା କାରଣରୁ ମୃତ୍ୟୁ ଘଟିଛି। କିନ୍ତୁ ଏହା ପୂର୍ବରୁ ତାଙ୍କ ଶରୀରରେ ଅନେକ ଗୁଡ଼ିଏ ଆଘାତ ଲାଗିଥିଲା। ହାତ କଟିଯିବା ପରେ ବୈଦ୍ୟୁତିକ ତାର ସାହାଯ୍ୟରେ ରକ୍ତସ୍ରାବ ରୋକିବାକୁ ଚେଷ୍ଟା କରିଥିଲେ, କିନ୍ତୁ କୌଣସି ସୁଫଳ ମିଳିନଥିଲା। ଏହାପରେ ମୁଣ୍ଡରେ ଗୁଳି ବାଜିବା ପରେ ୟାହିୟାଙ୍କ ମୃତ୍ୟୁ ହୋଇଥିବା ଡ଼ ଚେନ୍ କହିଛନ୍ତି।

ଗାଜା, ୨୦।୧୦: କେମିତି ଲୁଚିଥିଲା ହମାସ୍ ମୁଖ୍ୟ ୟାହିୟା ସିନୱାର୍? ଗତବର୍ଷ ୭ ଅକ୍ଟୋବରରେ ଇସ୍ରାଏଲ୍ ଉପରେ ଆକ୍ରମଣ କରିଥିଲା ଆତଙ୍କବାଦୀ ସଂଗଠନ ହମାସ୍। ଆଉ ଏହାର ମାଷ୍ଟରମାଇଣ୍ଡ ଥିଲା ୟାହୟା ସିନୱାର୍। ଇସ୍ରାଏଲରେ ଯେଉଁ ସମୟରେ ନାରକୀୟକାଣ୍ଡ ଚାଲିଥିଲା ଠିକ୍ ସେତେବେଳେ ନିଜ ଖୁପିଆ ଠିକଣା ଅର୍ଥାତ ବଙ୍କର୍ ଭିତରେ ଲୁଚି ରହିଥିଲା ସିନୱାର୍। ଏନେଇ ଇସ୍ରାଏଲ୍ ପକ୍ଷରୁ ସିସିଟିଭି ଫୁଟେଜ୍ ଜାରି କରାଯାଇଛି। ଏଥିରେ ଗତବର୍ଷ ୬ ଅକ୍ଟୋବର ଦିନ ନିଜ ସେଫ୍ ହେଭେନ୍‌ରେ ଛୁଆ, ସ୍ତ୍ରୀକୁ ଧରି ସିନୱାର୍ ଚାଲି ଯାଇଥିବା ଦେଖିବାକୁ ମିଳିଛି। ସାଙ୍ଗରେ ଟିଭି, ତକିଆ, ଗଦି, ପାଣି...ଯାହା ଯାହା ଆବଶ୍ୟକ ସେ ସବୁକୁ ନେଇ ବଙ୍କର୍ ଭିତରେ ସୁରକ୍ଷିତ ଜୀବନ କାଟିବାକୁ ପଳାଇଥିଲା ୟାହୟା। ବାହାରେ ଇସ୍ରାଏଲରେ ଆତଙ୍କ ଚାଲିଥିବା ବେଳେ ବଙ୍କର୍ ଭିତରେ କିନ୍ତୁ ନିଜ ପରିବାର ଧରି ବେଶ୍ ଆରାମରେ ଥିଲା ସିନୱାର୍। କେବେଳ ସେତିକି ନୁହେଁ ସେ ଯେମିତି ବଙ୍କର ଭିତରେ ଅଧିକ ଦିନ ସୁରକ୍ଷିତ ରହିପାରିବ ସେଥିପାଇଁ ତାକୁ ଉପଯୁକ୍ତ ଖାଦ୍ୟ ଓ ପାଣି ମଧ୍ୟ ଯୋଗାଇ ଦିଆଯାଇଥିଲା। ଏହି ଭିଡିଓ କ୍ଲିପ୍‌ଟି ଗତବର୍ଷ ଅକ୍ଟୋବର ୬ ତାରିଖର ବୋଲି କୁହାଯାଉଛି। ଅକ୍ଟୋବର ୭ ତାରିଖରେ ଇସ୍ରାଏଲ ଉପରେ ଆତକ ଆକ୍ରମଣ ହୋଇଥିଲା।

ଅଟୋକୁ ପିଟିଲା ବସ୍
୮ ପିଲାଙ୍କ ସମେତ ୧୧ ମୃତ

ଜୟପୁର, ୨୦।୧୦: ଭୟଙ୍କର ସଡ଼କ ଦୁର୍ଘଟଣା। ଅଟୋକୁ ପିଟିଦେଲା ବସ୍। ଫଳରେ ଚାଲିଗଲା ୧୧ ଜଣଙ୍କ ଜୀବନ। ରାଜସ୍ଥାନର ଧୌଲପୁରରେ ଏଭଳି କିଛି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ସୂଚନା ମୁତାବକ, କରୌଲି-ଧୌଲପୁର ଜାତୀୟ ରାଜପଥର ଏନ୍ଏଚ୍-୧୧(ବି) ସ୍ଥିତ ସୁନିପୁର ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଛି। ଏକ ସ୍ଲିପର କୋଚ୍ ବସ୍ ଦ୍ରୁତ ଗତିରେ ଆସି ଏକ ଅଟୋକୁ ଧକ୍କା ଦେଇଛି। ଫଳରେ ଏଥିରେ ୧୧ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୮ ଜଣ ଛୋଟ ପିଲା ଅଛନ୍ତି। ସେହିପରି ଦୁଇ ଜଣ ମହିଳା ଓ ଜଣେ ପୁରୁଷ ମଧ୍ୟ ଅଛନ୍ତି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ସରକାରୀ ହସ୍ପିଟାଲକୁ ପଠାଇଛି। ସମସ୍ତଙ୍କ ମୃତକ ଅଟୋରେ ବସିଥିଲେ। ଏମାନେ ସମସ୍ତେ ବାଡି ସହରର ଗୁମଟ ଅଞ୍ଚଳର ବାସିନ୍ଦା। ଏମାନେ ସମସ୍ତେ ବରୌଲି ଗାଁରେ ଭାତ କାର୍ଯ୍ୟକ୍ରମରେ ସାମିଲ ହୋଇ ଘରକୁ ଫେରୁଥିଲେ। ଏହି ସମୟରେ ଏକ ବସ୍ ଦ୍ରୁତ ଗତିରେ ଆସି ଅଟୋକୁ ପଛରୁ ଧକ୍କା ଦେଇଥିବା ସୂଚନା ମିଳିଛି। ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ବସ୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା ଯାହାକୁ ପୁଲିସ ଜବତ କରିଛି। ଏହି ଦୁର୍ଘଟଣା ଘଟିବା ସମୟରେ ଅଧିକାଂଶ ଯାତ୍ରୀ ଅଟୋ ଭିତରେ ଶୋଇବା ଅବସ୍ଥାରେ ଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। କିଛି ଲୋକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ଆଉ କିଛି ଗୁରୁତର ଥିଲେ। ତେବେ ସେମାନଙ୍କୁ ହସ୍ପିଟାରଲ ନେବା ବାଟରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ପୁଲିସ ପୂରା ଘଟଣାର ତଦନ୍ତ ଜାରି ରଖିଛି।

ପୂର୍ବ ମନ୍ତବ୍ୟ ନେଇ ଭୁଲ ସ୍ୱୀକାର କଲେ ସୁଶୀଲ ସିନ୍ଦେ



ନୂଆଦିଲ୍ଲୀ, ୨୦।୧୦: ବରିଷ୍ଠ କଂଗ୍ରେସ ନେତା ତଥା ମନମୋହନ ସିଂହ ସରକାରରେ ଗୃହମନ୍ତ୍ରୀଥିବା ସୁଶୀଲ କୁମାର ସିନ୍ଦେ ସ୍ୱୀକାର କରିଛନ୍ତି ଯେ ଗେରୁଆ ଆତଙ୍କବାଦ ସଂପର୍କରେ କହିବା ଉଚିତ୍ ନଥିଲା । ଏକ ପଡକାଷ୍ଟରେ ସେ କହିଛନ୍ତି, ଗେରୁଆ ଆତଙ୍କବାଦ ଶବ୍ଦକୁ ପି. ଚିଦାମ୍ବରମ ମଧ୍ୟ ବ୍ୟବହାର କରିଥିଲେ । ଏହାପରେ ସେ ମଧ୍ୟ ଏହି ଶବ୍ଦ ବ୍ୟବହାର କରିଥିଲେ। କିନ୍ତୁ ଯେତେବେଳେ ତାଙ୍କୁ ଗେରୁଆ ଆତଙ୍କବାଦ ଶବ୍ଦର କାହିଁକି ବ୍ୟବହାର କଲେ ବୋଲି ପଚରାଗଲା, ସେ କହିଥିଲେ, "ସେହି ସମୟରେ ସେ ଯାହା ରେକର୍ଡରେ ଆସିଥିଲା ତାହା କହିଥିଲେ। ତାଙ୍କ ଦଳ ହିଁ ତାଙ୍କୁ କୁହାଯାଇଥିଲା ଯେ ଗେରୁଆ ଆତଙ୍କବାଦ ଘଟୁଛି।ସେ ଆହୁରି ମଧ୍ୟ କହିଛନ୍ତି, ସେତେବେଳେ ଯେତେବେଳେ ତାଙ୍କୁ ପଚରାଗଲା, ସେ ଗେରୁଆ ଆତଙ୍କବାଦ କହିଦେଇଥିଲେ। ସେତେବେଳେ ମୁଁ ମୋ ବୟାନରେ ଆତଙ୍କବାଦ ଶବ୍ଦ ବ୍ୟବହାର କରିଥିଲି, କିନ୍ତୁ କାହିଁକି ଏପରି କରିଥିଲି ତାହା ମୁଁ ବି ଠିକ ଭାବେ ଜାଣିନାହିଁ। କିନ୍ତୁ ଏବେ ମାନୁଛି ଯେ ଏହା କହିବା ଉଚିତ ନଥିଲା, ତାହା ଭୁଲ ଥିଲା । ଗେରୁଆ ଆତଙ୍କବାଦ, ଏହା କୁହାଯିବା ଉଚିତ ନୁହେଁ, କାରଣ ସେଭଳି କୌଣସି ଆତଙ୍କବାଦ ନାହିଁ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଜଡ଼ିତ ପ୍ରଶ୍ନ ସମ୍ପର୍କରେ ସେ କହିଛନ୍ତି, ଯେତେବେଳେ ଆମେ ୟୁପିଏ-୨ ସରକାରରେ ଥିଲୁ, ସେତେବେଳେ ଆମେ ଭାବିନଥିଲୁ ଯେ ମୋଦୀ ତିନି ତିନି ଥର କେନ୍ଦ୍ରରେ ସରକାର ଗଢ଼ିବେ କିମ୍ବା ତିନି ଥର ପ୍ରଧାନମନ୍ତ୍ରୀ ହେବେ। କିନ୍ତୁ ସେ ବହୁତ ପରିଶ୍ରମୀ, ସେ ବହୁତ କଷ୍ଟ ସହିଥାନ୍ତି ।

ଓୱେସିଙ୍କ ଅଭିଯୋଗ

ଭାରତରେ ମୁସଲମାନ ଅବହେଳିତ

ନୂଆଦିଲ୍ଲୀ, ୨୦।୧୦: ଅଲ ଇଣ୍ଡିଆ ମଜଲିସ୍-ଇ-ଇଥାହାଦୁଲ ମୁସଲିମନ୍ (ଏଆଇଏମ୍ଆଇଏମ୍) ମୁଖ୍ୟ ତଥା ହାଇଦ୍ରାବାଦର ଲୋକସଭା ସାଂସଦ ଆସାଦୁଦ୍ଦିନ ଓୱେସି ମୁସଲମାନଙ୍କ ପ୍ରସଙ୍ଗରେ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ କରିଛନ୍ତି। ରବିବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ ମାଧ୍ୟମରେ ସେ ଅଭିଯୋଗ କରିଛନ୍ତି ଯେ ମୁସଲମାନମାନଙ୍କୁ ଭାରତରେ ଅଛୁଆଁଙ୍କ ଭଳି ବ୍ୟବହାର କରାଯାଉଛି। ଓୱେସି ମଧ୍ୟ ଏକ ପୋଷ୍ଟରେ ଦାବି କରିଛନ୍ତି ଯେ ଉତ୍ତରାଖଣ୍ଡର ଚାମୋଲିରେ ୧୫ ଜଣ ମୁସଲମାନ ପରିବାରକୁ ବହିଷ୍କାର କରାଯାଉଛି। ଚାମୋଲିର ବ୍ୟବସାୟୀମାନେ ଧମକ ଦେଇଛନ୍ତି ଯେ ୩୧ ଡିସେମ୍ବର ସୁଦ୍ଧା ମୁସଲମାନମାନଙ୍କୁ ଚାମୋଲି ଛାଡିବାକୁ ପଡିବ। ଯଦି କେହି ମୁସଲମାନମାନଙ୍କୁ ଘର ଦିଅନ୍ତି, ତେବେ ସେମାନଙ୍କୁ ୧୦୦୦୦ ଟଙ୍କା ଜରିମାନା ଦେବାକୁ ପଡିବ। ଓୱେସି କହିଛନ୍ତି, "ଏହା ହେଉଛି ସମାନ ଉତ୍ତରାଖଣ୍ଡ ଯେଉଁଠାରେ ସରକାର ସମାନତା ନାମରେ ୟୁନିଫର୍ମ ସିଭିଲ କୋଡ (ୟୁସିସି) କାର୍ଯ୍ୟକାରୀ କରୁଛନ୍ତି। ଚାମୋଲିର ମୁସଲମାନମାନଙ୍କର ସମାନତା ସହ ବଞ୍ଚିବାର ଅଧିକାର ନାହିଁ କି ? ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆରବ ଶେଖମାନଙ୍କୁ ଯଦି ଆଲିଙ୍ଗନ କରିପାରୁଛନ୍ତି, ତେବେ ସେ ଚାମୋଲିର ମୁସଲମାନମାନଙ୍କୁ ମଧ୍ୟ ଆଲିଙ୍ଗନ କରିପାରିବେ, ମୋଦୀ ଭାରତର ପ୍ରଧାନମନ୍ତ୍ରୀ ସେ ସାଉଦି କିମ୍ବା ଦୁବାଇର ପ୍ରଧାନମନ୍ତ୍ରୀ ନୁହନ୍ତି।

ମହାରାଷ୍ଟ୍ର ପାଇଁ ବିଜେପିର ପ୍ରାର୍ଥୀ ତାଲିକା

ନାଗପୁର ଦକ୍ଷିଣ-ପଶ୍ଚିମରୁ ଲଢ଼ିବେ ଫଡ଼ନାଭିସ୍

ମୁମ୍ବାଇ, ୨୦।୧୦: ଆସନ୍ତା ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଆଜି ପ୍ରାର୍ଥୀ ତାଲିକା ଜାରି କରିଛି ବିଜେପି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଶିବସେନା ଓ ଉପ ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଏନସିପି ସହ ମିଶି ବିଜେପି ନିର୍ବାଚନ ଲଢୁଛି। ୩ ଦଳ ମଧ୍ୟରେ ସିଟ ଶେୟାରିଂ ଫର୍ମୁଲା ବୁଡ଼ାନ୍ତ ହେବା ପରେ ଆଜି ବିଜେପି ତା'ର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ପ୍ରଥମ ପର୍ଯ୍ୟାୟରେ ୯୯ ଜଣଙ୍କୁ ଦଳ ପକ୍ଷରୁ ନିର୍ବାଚନ ଲଢ଼ିବାକୁ ଟିକେଟ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ ବିଜେପିର ରାଜ୍ୟ ସଭାପତି ଚନ୍ଦ୍ରଶେଖର ବାୱନକୁଲେଙ୍କ ନାଁ ରହିଛି। ଫଡନାଭିସ ନାଗପୁର ଦକ୍ଷିଣ-ପଶ୍ଚିମ ଆସନରୁ ଟିକେଟ ପାଇଥିବା ବେଳେ ଚନ୍ଦ୍ରଶେଖର କାମଥି ଆସନରୁ ବିଜେପି ଟିକେଟରେ ଲଢ଼େଇ କରିବେ। ଟିକେଟ ପାଇଥିବା ଅନ୍ୟ ପ୍ରମୁଖ ନେତା ମାନେ ହେଲେ ରାମ କଦମ, ଶ୍ୱେତା ମାହାଲେ ପାଟିଲ, ଶ୍ରୀଜୟା ଅଶୋକ ଚୌହାନ ଓ ନୀତୀଶ ରାଣେ। ବରିଷ୍ଠ ନେତା ରାମ କଦମ ଘାଟକୋପର ପଶ୍ଚିମରୁ, ଶ୍ୱେତା ଚିକଲିରୁ, ଶ୍ରୀଜୟା ଭୋକର ଓ ରାଣେ କାଙ୍କାଭ୍ଲିରୁ ନିର୍ବାଚନ ଲଢ଼ିବେ। ଶ୍ରୀଜୟା ହେଉଛନ୍ତି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚୌହାନଙ୍କ ଝିଅ। ଶ୍ରୀ ଚୌହାନ ଚଳିତ ବର୍ଷ ଫେବୃଆରୀରେ କଂଗ୍ରେସ ଛାଡ଼ି ବିଜେପିରେ ସାମିଲ ହୋଇଥିଲେ। ଏବେ ବିଜେପି ତାଙ୍କ ଝିଅଙ୍କୁ ପ୍ରାର୍ଥୀ କରିଛି। ମହାରାଷ୍ଟ୍ରର ସମସ୍ତ ୨୮୮ଟି ବିଧାନସଭା ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବ। ନଭେମ୍ବର ୨୦ରେ ଲୋକମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ନଭେମ୍ବର ୨୩ରେ ଭୋଟ ଗଣତି ସହ ରେଜଲ୍ଟ ପ୍ରକାଶ ପାଇବ।

ବହରାଇଚ୍‌ରେ ଥମୁନି ଉତ୍ତେଜନା

ଲକ୍ଷ୍ନୌ, ୨୦।୧୦: ଉତ୍ତରପ୍ରଦେଶର ବାହରାଇଚରେ ଲାଗି ରହିଛି ଉତ୍ତେଜନା। ଦୁର୍ଗାପୂଜା ମୂର୍ତ୍ତି ବିଶର୍ଜନ ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ସଙ୍ଘର୍ଷ ଘଟି ଜଣେ ୨୨ ବର୍ଷୀୟ ଯୁବକ ରାମ ଗୋପାଲ ମିଶ୍ରାଙ୍କ ମୃତ୍ୟୁକୁ ନେଇ ଭିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି ସ୍ଥାନୀୟ ଲୋକେ। ଏହି କ୍ରମରେ ଗତକାଲି ଏକ ଗାଡ଼ି ଶୋ'ରୁମରେ ନିଆଁ ଲଗାଇ ଦେଇଛନ୍ତି ଉତ୍ତ୍ୟକ୍ତ ଲୋକେ। ଫଳରେ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଥିବା ଅଭିଯୋଗ ହୋଇଛି। ଏଥିସହ ୪ ଲକ୍ଷ ଟଙ୍କା କ୍ୟାସ୍ ମଧ୍ୟ ଜଳି ଯାଇଥିବା ଶୋ-ରୁମ୍ ମାଲିକ କହିଛନ୍ତି। ସୂଚନା ଅନୁସାରେ, ଶୋ'ରୁମ୍ ମାଲିକ ହରିୟାଣାର ଏକ ହସ୍ପିଟାଲକୁ ହାର୍ଟ ଚେକ୍-ଅପ୍ ପାଇଁ ଯାଇଥିଲେ। ଏହି ସମୟରେ ମହାରାଜଗଞ୍ଜରେ ଥିବା ତାଙ୍କ ଗାଡ଼ି ଶୋ-ରୁମରେ ନିଆଁ ଲଗାଇ ଦେଇଥିଲେ ଉତ୍ତ୍ୟକ୍ତ ଲୋକେ। ଏଥିରେ ୩୮ଟି ଗାଡ଼ି ପୋଡ଼ି ପାଉଁଶ ହୋଇଯାଇଛି। ଶୋ'ରୁମ୍ ମାଲିକ ଅନୁପ ଶୁକ୍ଲା କହିଛନ୍ତି ଯେ, "ଏହି କୋଠାଟି ମହମ୍ମଦ ସଇଦଙ୍କର, କିନ୍ତୁ ମୁଁ ଏହାକୁ ଭଡ଼ାରେ ନେଇ ଶୋ'ରୁମ୍ କରିଥିଲି। ଭିକ୍ଷୋଭକାରୀ ମୋ ଶୋ'ରୁମକୁ ବି ଛାଡ଼ିଲେନି। ନିଆଁ ଲଗାଇଦେବା ଫଳରେ ୩୪ଟି ବାଇକ୍ ଏବଂ ଚାରିଟି କାର୍ ପୋଡ଼ି ପାଉଁଶ ହୋଇଯାଇଛି। ଏଥିସହ ଦୋକାନରେ ଥିବା ୪ ଲକ୍ଷ ନଗଦ ଟଙ୍କା ମଧ୍ୟ ପୋଡ଼ି ଯାଇଛି। ଏଥିରେ ମୋର ମୋଟ ୫୦ ଲକ୍ଷ ଟଙ୍କା କ୍ଷତି ହୋଇଛି।" ନିକଟରେ ପିଡବ୍ଲ୍ୟୁଡି ମଧ୍ୟ ସ୍ଥାନୀୟ ଅଞ୍ଚଳର ୨୩ଟି ପ୍ରତିଷ୍ଠାନକୁ ନୋଟିସ୍ ପଠାଇଥିଲା। ବେଆଇନ ନିର୍ମାଣ ପାଇଁ ଏସବୁ ପ୍ରତିଷ୍ଠାନର ଉଚ୍ଛେଦ ପାଇଁ ଜାରି କରାଯାଇଥିଲା, ଯେଉଁଥିରେ ୨୦ ଜଣ ମୁସଲିମ ମାଲିକଙ୍କ ଦୋକାନ ରହିଛି। ଏସବୁ ନୋଟିସ୍ ମଧ୍ୟ ରାମ ଗୋପାଲ ମିଶ୍ରାଙ୍କ ହତ୍ୟାକାଣ୍ଡକୁ ନେଇ ଏକ ଦୋକାନରେ ନିଆଁ ଲଗାଇ ଦେଇଛନ୍ତି ସ୍ଥାନୀୟ ଲୋକେ। ପ୍ରକାଶ ଥାଉକି, ନିକଟରେ ଦୁର୍ଗାପୂଜା ମୂର୍ତ୍ତି ବିଶର୍ଜନ ପ୍ରୋସେସନରେ ମ୍ୟୁଜିକ୍ ବଜାଇବାକୁ ନେଇ ବାହାରାଇଚରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଙ୍ଘର୍ଷ ହୋଇଥିଲା। ଏହି ସମୟରେ ରାମ ଗୋପାଲ ମିଶ୍ରା ନାମକ ଜଣେ ୨୨ ବର୍ଷୀୟ ଯୁବକଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ପୁଲିସ ଏହି ମାମଲାରେ ସଫିରାଜ ଏବଂ ତମିଲଙ୍କୁ କାବୁ କରିଛି। ସେମାନେ ନେପାଳ ଖସିଯିବା ସମୟରେ ପୁଲିସ ତାଙ୍କୁ ଏନକାଉଣ୍ଟର କରିଥିଲେ। ଏଥିରେ ଆହତ ହୋଇ ଉଭୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

ସ୍କୁଲ୍ କ୍ୟାମ୍ପସ୍ ବାହାରେ ଭୟଙ୍କର ବିସ୍ଫୋରଣ

ନୂଆଦିଲ୍ଲୀ, ୨୦।୧୦: ରାଜଧାନୀ ଦିଲ୍ଲୀରେ ହେଲା ଭୟଙ୍କର ବିସ୍ଫୋରଣ। ରବିବାର ସକାଳୁ ରୋହିଣୀ ଅଞ୍ଚଳ ସ୍ଥିତ ପ୍ରଶାନ୍ତ ବିହାର ଅଞ୍ଚଳରେ ଥିବା ସିଆର୍‌ପିଏଫ୍ ସ୍କୁଲ କ୍ୟାମ୍ପସ ବାହାରେ ଭୟଙ୍କର ବିସ୍ଫୋରଣ ହୋଇଛି। ଏଥିଯୋଗୁ ପୂରା ଅଞ୍ଚଳ ଧୂଆଁମୟ ହୋଇଯାଇଛି। ସେପଟେ

ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡ ୮ ୱିକେଟରେ ବିଜୟୀ

ରଚିନ ରବିନ୍ଦ୍ର ମ୍ୟାନ ଅଫ ଦି ମ୍ୟାଚ

ବେଙ୍ଗାଲୁରୁ, ୨୦।୧୦: ଚିନ୍ନାସ୍ୱାମୀ ଟେଷ୍ଟରେ ନ୍ୟୁଜିଲାଣ୍ଡ ଭାରତକୁ ୮ ୱିକେଟରେ ପରାଜିତ କରିଛି। ଏହା ସହିତ ନ୍ୟୁଜିଲାଣ୍ଡ ଭାରତ ବିପକ୍ଷ ଟେଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଏହି ଟେଷ୍ଟର ପ୍ରଥମ ଇନିଂସରେ ଭାରତ ମାତ୍ର ୪୬ ରନରେ ଅଲଆଉଟ ହେବା ଦଳ ପାଇଁ ମହଙ୍gା ପଡ଼ିଛି। ଦ୍ୱିତୀୟ ଇନିଂସରେ ଭାରତ ଅପେକ୍ଷାକୃତ ଭଲ ବ୍ୟାଟିଂ କରିଥିଲେ ମଧ୍ୟ ମ୍ୟାଚ ବଞ୍ଚାଇବାକୁ ଏହା ଯଥେଷ୍ଟ ହୋଇନାହିଁ। ଉଭୟ ଇନିଂସରେ ଭାରତ ନୂଆ ବଲରେ ନ୍ୟୁଜିଲାଣ୍ଡ ବୋଲରଙ୍କ ସାମ୍ନା କରିବାରେ ସଫଳ ହୋଇନାହିଁ। ଭାରତର ତିତିଜଣ ସ୍ପିନର ମଧ୍ୟ ଏହି ଟେଷ୍ଟରେ ସେଭଳି ପ୍ରଭାବ ପକାଇ ପାରିନାହାଁନ୍ତି। ଅନ୍ୟ ପକ୍ଷରେ ନ୍ୟୁଜିଲାଣ୍ଡର ରଚିନ ରବିନ୍ଦ୍ର ଉଭୟ ଇନିଂସରେ ଚମତ୍କାର ବ୍ୟାଟିଂ କରି ଭାରତ ହାତରୁ ମ୍ୟାଚ ଛଡ଼ାଇନେବାରେ ସଫଳ ହୋଇଛନ୍ତି। ଭାରତର ପ୍ରଥମ ଇନିଂସ ସ୍କୋର ୪୬ ରନ ଜବାବରେ ନ୍ୟୁଜିଲାଣ୍ଡ ଏହାର ପ୍ରଥମ ଇନିଂସରେ ୪୦୨ ରନ ସଂଗ୍ରହ କରିବାରେ ସଫଳ ହୋଇଥିଲା। ପ୍ରଥମ ଇନିଂସରେ ୩୫୬ ରନ ପଛରେ ଥିବା ଭାରତ ଦ୍ୱିତୀୟ ଇନିଂସରେ ଲଢୁଆ ବ୍ୟାଟିଂ କରିଥିଲା। ଏକଦା ଭାରତ ଏହାର ଦ୍ୱିତୀୟ ଇନିଂସରେ ୩ ୱିକେଟ ହରାଇ ୪୦୦ରନ କରିଥିଲା। କିନ୍ତୁ ନ୍ୟୁଜିଲାଣ୍ଡ ଦ୍ୱିତୀୟ ନୂଆ ବଲ ନେବା ପରେ ଖେଳର ଗତି ବଦଳିଯାଇଥିଲା। ଦ୍ୱିତୀୟ ଇନିଂସରେ ଭାରତର ଶେଷ ୭ଟି ୱିକେଟ ମାତ୍ର ୫୪ ରନରେ ପଡ଼ିଯାଇଥିଲା ଏବଂ ସମୁଦାୟ ଦଳ ୪୭୨ରେ ଅଲ ଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ଦ୍ୱିତୀୟ ଇନିଂସରେ ସଫରାଜ ଖାନ ୧୫୦, ରିଷଭ ପନ୍ତ ୯୯, ବିରାଟ କୋହଲି ୭୦ ଏବଂ ରୋହିତ ଶର୍ମା ୫୩ ରନ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ହେନରି ଏବଂ ରୁରକି ୩ଟି ଲେଖାଏଁ ୱିକେଟ ଦଖଲ କରିଥିଲେ। ବିଜୟ ପାଇଁ ଦ୍ୱିତୀୟ ଇନିଂସରେ ମାତ୍ର ୧୦୭ରନର ଆବଶ୍ୟକତା ଥିବା ବେଳେ ଆଜି ନ୍ୟୁଜିଲାଣ୍ଡ ପ୍ରଥମରୁ ଝଟକା ଖାଇଥିଲା। ଖାତା ଖୋଲିବା ପୂର୍ବରୁ ଓପନର ଟମ ଲାଥାମ ବୁମରାଙ୍କ ବଲରେ ଆଉଟ ହୋଇଯାଇଥିଲେ। ଦଳୀୟ ସ୍କୋର ୩୫ ଥିବା ବେଳେ କନୱେ (୧୭) ବୁମରାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହି ସମୟରେ ଭାରତ ସମ୍ଭାବ୍ୟ ବିଜୟର ବାସ୍ନା ବାରିପାରିଥିଲା। କିନ୍ତୁ ପ୍ରଥମ ଇନିଂସରେ ଶତକ ହାସଲକାରୀ ରଚିନ ରବିନ୍ଦ୍ର ଓ ୟଙ୍ଗ ଭାରତୀୟ ବୋଲରମାନଙ୍କୁ ନିରାଶ କରିଥିଲେ। ୟଙ୍ଗ ୪୮ ଏବଂ ରବିନ୍ଦ୍ର ୩୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହିତ ଦଳକୁ ବିଜୟୀ କରାଇଥିଲେ। ରବିନ୍ଦ୍ରଙ୍କୁ ତାଙ୍କ ପ୍ରଥମ ଇନିଂସ ଶତକ ନିମନ୍ତେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

ନଭେମ୍ବର ୧୭ରେ ଟାଟା ଷ୍ଟିଲ୍ ନୂଆମୁଣ୍ଡି ରନ୍-ଏ-ଥନ୍

- ❑ ପଞ୍ଜୀକରଣ ଆରମ୍ଭ
- ❑ ୫.୬୭ ଲକ୍ଷ ଟଙ୍କାର ପୁରସ୍କାର ରାଶି
- ❑ ତିନିଟି ବର୍ଗରେ ଦୌଡ଼: ୧୦, ୭ ଓ ୫ କିମି
- ❑ ଟାଟା ଷ୍ଟିଲ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ପାଇଁ ଗୋଟିଏ ଲେଖାଏଁ ଚାରା ରୋପଣ କରିବେ
- ❑ ଦୌଡ଼ରେ ଭାଗନେବେ ୫୦୦୦ ପ୍ରତିଯୋଗୀ

ଭୁବନେଶ୍ୱର, ୨୦।୧୦: ଟାଟା ଷ୍ଟିଲ ନୂଆମୁଣ୍ଡି ରନ୍-ଏ-ଥନ୍‌ର ପଞ୍ଚମ ସଂସ୍କରଣ ଆସନ୍ତା ନଭେମ୍ବର ୧୭ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାରଠୁ ବିଭିନ୍ନ ବର୍ଗ ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି। ଗତବର୍ଷ ଯୋଡ଼ାକୁ ସମ୍ପ୍ରସାରିତ ହୋଇଥିବା ଏହି ଦୌଡ଼ ପ୍ରତିବର୍ଷ ଯୋଡ଼ା ଓ ନୂଆମୁଣ୍ଡି ମଧ୍ୟରେ ଅନୁଷ୍ଠିତ ହେବ। ଦେଶବ୍ୟାପୀ ଉଭୟ ସ୍ଥାନୀୟ ବାସିନ୍ଦା ଏବଂ ଦୌଡ଼କୁଦପ୍ରେମୀଙ୍କୁ ନଜରରେ ରଖି ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି ଯାହା ଏକ ସୁସ୍ଥ ଓ ସବୁଜ ଭବିଷ୍ୟତକୁ ପ୍ରୋତ୍ସାହିତ କରୁଛି। ଭ୍ୟାଲି କ୍ଲବ୍‌ଠାରେ ଆୟୋଜିତ ସାମ୍ବାଦିକ ସଜ୍ଜିଳନୀରେ ଏହି ସୂଚନା ଦେଇଛନ୍ତି ଟାଟାଷ୍ଟିଲର ମହାପ୍ରବନ୍ଧକ (ଓଏମକ୍ୟୁ) ଅତୁଲ କୁମାର ଭଞ୍ଜନାଗର। ଏହି ଅବସରରେ ଟାଟା ଷ୍ଟିଲ୍ ଯୋଡ଼ା ମୁଖ୍ୟ ରାଜେଶ କୁମାର, ଟାଟା ଷ୍ଟିଲ୍‌ର ଖଣ୍ଡବନ୍ଧ ଲୌହ ଖଣିର ମୁଖ୍ୟ ଜିଭି ସତ୍ୟନାରାୟଣ, ଜଳମଙ୍ଗ ଏବଂ ଗନ୍ଧଲପଦା ପ୍ରକଳ୍ପ ମୁଖ୍ୟ ଦୀପକ ବେହେରା, ନୀଳାଚଳ ଖଣି ମୁଖ୍ୟ ରାହୁଲ କିଶୋର, ଆର ଏମ୍ ପି ମୁଖ୍ୟ ସୁଜିତ୍ କୁମାର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତିଯୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ ଟି ସାର୍ଟ ଉନ୍ମୋଚନ କରାଯାଇଥିଲା।

ନୂଆମୁଣ୍ଡି ସ୍ପୋର୍ଟସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଦୌଡ଼ରେ, ପୁରୁଷ ଓ ମହିଳା (୧୫ ବର୍ଷରୁ ଅଧିକ)ମାନଙ୍କ ପାଇଁ ୧୦ କିମି ଏବଂ ୭ କିମି ଦୌଡ଼, ୧୬ ବର୍ଷରୁ କମ୍ ବୟସର ବାଳକ ଓ ବାଳିକାମାନଙ୍କ ପାଇଁ ୫ କିମି ଦୌଡ଼ ଏବଂ ବିଶେଷ ଦକ୍ଷତା ଥିବା ଲୋକଙ୍କ ପାଇଁ ଏକ ୨ କିମି ଦୌଡ଼ ସାମିଲ ରହିଛି। ଏହି ଦୌଡ଼ରେ ମୋଟ ପୁରସ୍କାର ରାଶି ୫,୬୭, ୦୦୦ ଟଙ୍କା ରହିଛି। ପରିବେଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦର୍ଶାଇ ଟାଟା ଷ୍ଟିଲ୍ ପ୍ରତି ଅଂଶଗ୍ରହଣକାରୀଙ୍କ ପାଇଁ ଗୋଟିଏ ଲେଖାଏଁ ଚାରା ରୋପଣ କରିବ। ଏହି ଦୌଡ଼ରେ ସାଧାରଣ ବର୍ଗରେ ୧୦ କିମି ଦୌଡ ପାଇଁ ପୁରୁଷ, ମହିଳା ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତାଙ୍କୁ ଯଥାକ୍ରମେ ୫୧ ହଜାର ଟଙ୍କା, ୪୧ ହଜାର ଟଙ୍କା ଓ ୩୧ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ୭ କିମି ବର୍ଗରେ ୨୫ ହଜାର ଟଙ୍କା, ୨୦ ହଜାର ଟଙ୍କା ଓ ୧୫ ହଜାର ଟଙ୍କା ଏବଂ ୫ କିମି ବର୍ଗରେ ୧୦ ହଜାର ଟଙ୍କା, ୮ ହଜାର ଟଙ୍କା ଓ ୭ ହଜାର ଟଙ୍କା ପୁରସ୍କାର ରାଶି ହିସାବରେ ପ୍ରଦାନ କରାଯିବ।

ସେହିପରି, ସ୍ଥାନୀୟ ବର୍ଗରେ ୧୦ କିମି ଦୌଡ ପାଇଁ ପୁରୁଷ, ମହିଳା ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତାଙ୍କୁ ଯଥାକ୍ରମେ ୨୧ ହଜାର ଟଙ୍କା, ୧୧ ହଜାର ଟଙ୍କା ଓ ୭୫୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ୭ କିମି ବର୍ଗରେ ୧୦ ହଜାର ଟଙ୍କା, ୭୫୦୦ ଟଙ୍କା ଓ ୫ ହଜାର ଟଙ୍କା ଏବଂ ୫ କିମି ବର୍ଗରେ ୬ ହଜାର ଟଙ୍କା, ୫ ହଜାର ଟଙ୍କା ଓ ୨୫୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ନୂଆମୁଣ୍ଡି ରନ-ଏ-ଥନ ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ଅକ୍ଟୋବର ୧୮ ତାରିଖରୁ ଆରମ୍ଭ ହେବ ଏବଂ ନଭେମ୍ବର ୭ ତାରିଖରେ ବନ୍ଦ ହେବ। ଅନଲାଇନ୍ ପଞ୍ଜୀକରଣ ପାଇଁ ପ୍ରତିଯୋଗୀମାନେ www.tatasteel-runs.com\R ରେ ଲଗ୍‌ଇନ୍ କରିପାରିବେ। ଅକ୍ଟୋବର ୨୧ ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଯୋଡ଼ାସ୍ଥିତ କେନ୍ଦ୍ରୀୟ ଖେଳ ପଡ଼ିଆରେ ଶନିବାର ଓ ରବିବାର ବ୍ୟତୀତ ସକାଳ ୧୦ ଟାରୁ ଅପରାହ୍ନ ୫ଟା ମଧ୍ୟରେ ଅଫଲାଇନ୍‌ରେ ମଧ୍ୟ ପଞ୍ଜୀକରଣ କରାଯାଇପାରିବ।

ମହିଳା ଏସୀୟ ହକି ଚାମ୍ପିଅନ୍‌ସିପ୍

ଟ୍ରଫି ଗୌରବ ଯାତ୍ରାକୁ ଓଡ଼ିଶାରେ ସ୍ୱାଗତ

ଭୁବନେଶ୍ୱର, ୨୦।୧୦: ଆସନ୍ତା ମାସ ୧୧ରୁ ୨୦ ତାରିଖ ପର୍ଯ୍ୟନ୍ତ ବିହାରର ରାଜଗିରଠାରେ ଆୟୋଜିତ ହେବ ଏସୀୟ ମହିଳା ହକି ଚାମ୍ପିଅନସିପ୍। ଏହି ପ୍ରତିଯୋଗିତା ଟ୍ରଫିର ଗୌରବ ଯାତ୍ରା ଶୁକ୍ରବାର ଓଡ଼ିଶାରେ ପହଞ୍ଚିଛି। ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରେ ଟ୍ରଫି ପହଞ୍ଚିବା ପରେ ଏହା ଧଉଳିଗିରି ଯାଇଥିଲା। ସେଠାରେ ରାଜ୍ୟ କ୍ରୀଡ଼ା ବିଭାଗ ଓ ଓଡ଼ିଶା ହକି ସଂଘର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଟ୍ରଫି ଅନାବରଣ କରାଯାଇଥିଲା। ଏହାପରେ ଭବ୍ୟ ଗୌରବ ଯାତ୍ରା ସହିତ ଟ୍ରଫିକୁ କଳିଙ୍ଗ ଷ୍ଟାଡିୟମ୍ ଅଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଓଡ଼ିଶା ହକି ସଂଘ ସଭାପତି ଦିଲୀପ ଟିକି, ଓଡ଼ିଶା ହକି ବିକାଶ ପରିଷଦ ସିଇଓ ଦୀପଙ୍କର ମହାପାତ୍ର, କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ କ୍ରୀଡାବିତ୍‌ମାନେ ଉପସ୍ଥିତ ଥିଲେ।

'ଟିମ୍ ଗୋନାସିକା' ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର, ୨୦।୧୦: ହକି ଇଣ୍ଡିଆ ଲିଗ୍‌ରେ ପ୍ରଥମ ଥର ସାମିଲ ହେବାକୁ ଯାଉଥିବା ଓଡ଼ିଶାର ନିଜସ୍ୱ ହକି ଦଳ 'ଟିମ୍ ଗୋନାସିକା'ର ଲୋଗୋ ଏକ ସ୍ଥାନୀୟ ହୋଟେଲରେ ଉନ୍ମୋଚିତ ହୋଇଯାଇଛି। ପ୍ରତିଷ୍ଠିତ ବ୍ୟବସାୟୀ ତାରିଣୀ ପ୍ରସାଦ ମହାନ୍ତିଙ୍କ ମାଲିକାନାରେ ଥିବା ଏହି ଦଳ ଶନିବାର ନିଜ ମାର୍ଗଦର୍ଶକ ଓ ପ୍ରବନ୍ଧକଙ୍କ ନାଁ ମଧ୍ୟ ଘୋଷଣା କରିଛି। ସେହିଭଳି ଆଗାମୀ କିଛି ଦିନ ଭିତରେ ଦଳର ମାସ୍କଟ ଓ ଜର୍ସି ଉନ୍ମୋଚନ କରାଯିବ ବୋଲି ସୂଚନା ଦିଆଯାଇଛି। ଅଲିମ୍ପିଆନ୍ ତଥା ଭାରତୀୟ ହକିର କିଂବଦନ୍ତି ପୁରୁଷ ଏମ୍‌ଏମ୍ ସୋମାୟା 'ଟିମ୍ ଗୋନାସିକା'ର ମାର୍ଗଦର୍ଶକ ଥିଲା ବେଳେ ଅନ୍ୟତମ ସୁପ୍ରସିଦ୍ଧ ହକି ପ୍ରଶିକ୍ଷକ, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ପ୍ରବନ୍ଧକ ଜଗବୀର ସିଂହ ଚଳିତ ଋତୁରେ ଦଳର ପ୍ରଶିକ୍ଷକ ଓ ପ୍ରବନ୍ଧକ ଦାୟିତ୍ୱ ତୁଲାଇବେ ବୋଲି ଘୋଷଣା କରାଯାଇଛି। ଆଧୁନିକ ହକିର ଆବଶ୍ୟକତା ତଥା ଚାପକୁ ଆଖି ଆଗରେ ରଖି ଇଂଲଣ୍ଡର ପଲ୍ ରେଭିଙ୍ଗଟନ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ରହିବେ। ହକି ଇଣ୍ଡିଆ ଲିଗ୍‌ରେ ପୂର୍ବରୁ ତିନିଟି ଋତୁର ଅଭିଜ୍ଞତା ଥିବା ଜଗବୀର ଓ ରେଭିଙ୍ଗଟନ୍ ମିଳିତ ଭାବେ ଦଳର ପ୍ରଶିକ୍ଷଣ ମଣ୍ଡଳିକୁ ପରିଚାଳନା କରିବା ସହ ରଣନୀତି ପ୍ରସ୍ତୁତିରେ ନିଜନିଜର ମହତ୍ତ୍ୱପୂର୍ଣ୍ଣ ଅବଦାନ ରଖିବେ। ସେହିଭଳି 'ଟିମ୍ ଗୋନାସିକା' ଟୋକିଓ ଅଲିମ୍ପିକ୍ସ ପଦକ ବିଜେତା ଭାରତୀୟ ଅଧିନାୟକ ମନ୍‌ପ୍ରୀତ ସିଂହ ଏବଂ ନେଦରଲାଣ୍ଡର ତାରକା ଖେଳାଳି ଟିମ୍ ବ୍ରୁନଙ୍କ ରୂପରେ ଦୁଇଜଣ ଅଧିନାୟକଙ୍କୁ ନେତୃତ୍ୱ ଭାର ଦେବାକୁ ଲକ୍ଷ୍ୟ ରଖିଥିବା ଜଗବୀର ସୂଚନା ଦେଇଛନ୍ତି। ତେବେ ଭବିଷ୍ୟତ ଅଧିନାୟକ ଗଢ଼ିବା ଲକ୍ଷ୍ୟ ଦୃଷ୍ଟିରୁ ଅନ୍ୟ ଖେଳାଳିମାନଙ୍କୁ ମଧ୍ୟ ସୁଯୋଗ ଦେବାକୁ ଦଳ ପଛଘୁଞ୍ଚା ଦେବନାହିଁ ବୋଲି ଜଗବୀର କହିବା ସହ ଦଳରେ ଥିବା ଖେଳାଳି ଓ ଏହାର ସନ୍ତୁଳନକୁ ନେଇ ଖୁସି ଅଛନ୍ତି ବୋଲି ମତ ରଖିଥିଲେ। ସେହିଭଳି ବୀରେନ୍ଦ୍ର ଲାକ୍ରା, ଦୀପସାନ ଟିକି, ଅନମୋଲ ଏକ୍କା ଓ ନୀଲମ ସଞ୍ଜୀପ ଖେସ୍‌ଙ୍କ ଭଳି ସ୍ଥାନୀୟ ଖେଳାଳି ଘରୋଇ ପ୍ରଶଂସକଙ୍କ ଆଶା ଆକାଂକ୍ଷା ପୂରଣ କରିବାକୁ ପୂରା ସକ୍ଷମ ବୋଲି କହିଥିଲେ। ଶ୍ରୀ ମହାନ୍ତି ଗୋନାସିକା ନାଁ'ର ତାତ୍ପର୍ଯ୍ୟ ବୁଝାଇବା ସହ ଏହି ଦଳ ଓଡ଼ିଶା ତଥା ଓଡ଼ିଆ ସଂସ୍କୃତିର ବାର୍ତ୍ତାବହ ହେବ। ହକିକୁ ସେ ଅନ୍ତରରୁ ଭଲ ପାଉଥିବାରୁ ଆଗାମୀ ସମୟରେ ଓଡ଼ିଶାରେ ହକିର ବିକାଶ ଲାଗି ବହୁତ କିଛି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଭଗବାନଙ୍କ ଆଶୀର୍ବାଦ ଓ ଘରୋଇ ପ୍ରଶଂସକଙ୍କ ଭଲପାଇବାକୁ ପାଥେୟ କରି ଏହି ସବୁ ପଦକ୍ଷେପକୁ ସେ ପର୍ଯ୍ୟାୟ କ୍ରମେ ଲାଗୁ କରିବେ ବୋଲି କହିଥିଲେ। ହକି ଇଣ୍ଡିଆ ପୁରୁଷ ଲିଗ୍‌ରେ ଓଡ଼ିଶାର ଦୁଇଟି ଦଳ କଳିଙ୍ଗ ଲାନସର୍ସ ଓ ଟିମ୍ ଗୋନାସିକା ଖେଳିବାକୁ ଯାଉଥିଲେ ମଧ୍ୟ ସ୍ଥାନୀୟ ଉଦ୍ୟମରେ ଗଢ଼ି ଉଠିଥିବା ଏବଂ କେନ୍ଦୁଝର ମାଟିର ମହକ ବହନ କରୁଥିବା ଟିମ୍ ଗୋନାସିକାକୁ ଓଡ଼ିଶାବାସୀ ନିଶ୍ଚିତ ଅଧିକ ଭଲପାଇବା ଦେବେ ବୋଲି ଆଶାପ୍ରକାଶ କରିଥିଲେ। ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ଟିକି କହିଥିଲେ, ଗତ ୫ବର୍ଷ ଭିତରେ ଭାରତୀୟ ହକି ଦଳ ଆଶାତୀତ ସଫଳତା ପାଇଛି। ଏଥିରେ 'ହକି ଇଣ୍ଡିଆ'ର ଉଲ୍ଲେଖନୀୟ ଭୂମିକା ରହିଛି। ହକି ଇଣ୍ଡିଆ ଯୋଗୁ ଆମ ଖେଳାଳିମାନେ ବିଦେଶୀ ଖେଳାଳିଙ୍କ ସହ ଖେଳି ନିଜ ପ୍ରତିଭାକୁ କ୍ରମାଗତ ଭାବେ ଶାଣିତ କରିଛନ୍ତି। ହକି ଇଣ୍ଡିଆର ସଭାପତି ପଦ ଗ୍ରହଣ କରିବା ପରେ 'ହକି ଇଣ୍ଡିଆ ଲିଗ୍'ର ପ୍ରତ୍ୟାବର୍ତ୍ତନ ଆମର ପ୍ରଥମ ଲକ୍ଷ୍ୟ ଥିଲା। ଏହା ପୂରଣ ହୋଇଥିବାରୁ ବହୁତ ଖୁସି ଲାଗୁଛି। ଆମେ ପ୍ରଥମ ଥର ଲାଗି ମହିଳା ଲିଗ୍ ବି ଆରମ୍ଭ କରୁଛୁ। ଏଥିରୁ ଭାରତୀୟ ହକି ବେଶ୍ ଲାଭବାନ ହେବ ବୋଲି ଆଶା ରଖିଛୁ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା କ୍ରିକେଟ୍ ସଂଘର ଉପସଭାପତି ପଙ୍କଜ ଲୋଚନ ମହାନ୍ତି, କ୍ରୀଡ଼ା ସଂଗଠକ ନବରଞ୍ଜନ ପଟ୍ଟନାୟକ, ପୂର୍ବତନ ପ୍ରଶାସକ ମଧୁସୁଦନ ପାଢ଼ୀ, ଟିମ୍ ଗୋନାସିକାର ବହୁ ବରିଷ୍ଠ ଅଧିକାରୀ ତଥା କ୍ରୀଡ଼ାପ୍ରେମୀମାନେ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଭାବବିହ୍ୱଳ...

ସବୁର ସମାଧାନ ହୋଇଯିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଭକ୍ତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧିପାଉଛି। ତେଣୁ ଏହିସବୁକୁ ଦୃଷ୍ଟିରେ ରଖି ଅନେକ ସଂସ୍କାର ଆଣିବାକୁ ପଡିବ। ସବୁଠାରୁ ବଡ ସୁଧାର ହେଉଛି କିପରି ଭାବେ ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନର ବ୍ୟବସ୍ଥା କରିହେବ। ଏହି ସଂସ୍କାର ପାଇଁ ଆମ ସେବାୟତମାନେ ମୁଖ୍ୟ ଭୂମିକା ଗ୍ରହଣ କରିବେ। ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ କାର୍ଯ୍ୟରତ ଅଛନ୍ତି। କିନ୍ତୁ, ମୁଁ ଯେପରିଭାବେ କହିଛି ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଅନନ୍ୟ। ପୁରା ବର୍ଷରେ ବୋଧହୁଏ କାର୍ତ୍ତିକ ମାସରେ ସବୁଠାରୁ ଅଧିକ ଶ୍ରଦ୍ଧାଳୁ ମନ୍ଦିର ଭିତରେ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଆସିଥାନ୍ତି। କାର୍ତ୍ତିକ ପୂର୍ଣ୍ଣିମାରେ ଅନୁଷ୍ଠିତ ହେଉଥିବା ସୁନା ବେଶ ଦିନ ବୋଧହୁଏ ମନ୍ଦିର ଭିତରେ ସବୁଠାରୁ ଅଧିକ ଭିଡ ହୋଇଥାଏ। ପ୍ରଭୁଙ୍କ କରୁଣାରୁ ସମସ୍ତ ଭକ୍ତ ଦର୍ଶନ କରନ୍ତି, ଏବଂ ଏଇଥର ମଧ୍ୟ ଆପଣମାନେ ସମସ୍ତେ ଶ୍ରୀ ଜୀଉଙ୍କ ଭଲଭାବେ ଦର୍ଶନ କରିବେ ବୋଲି ମୋର ଆଶା ବୋଲି ସେ କହିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ କାର୍ତ୍ତିକ ବ୍ରତର ମହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ବିଶ୍ୱାସ ଅଛି, କାଳିଆର ଡୋରୀ ନ ଲାଗିଲେ ଶ୍ରୀକ୍ଷେତ୍ର ଆସିବାର ସୁଯୋଗ ମିଳେନାହିଁ। ପବିତ୍ର କାର୍ତ୍ତିକ ମାସରେ ପବିତ୍ର ଜଗନ୍ନାଥ ଧାମରେ ଆଜି ଆସିବାର ସୁଯୋଗ ମିଳିଥିବାରୁ ମୁଁ ପ୍ରଭୁଙ୍କ ପାଖରେ କୃତକୃତ୍ୟ। ଆମ ଓଡିଆ ସଂସ୍କୃତି ଓ ପରମ୍ପରାରେ କାର୍ତ୍ତିକ ମାସ ଏକ ପବିତ୍ର ଓ ଧାର୍ମିକ ମାସ ଭାବେ ଗଣା ଯାଏ। କାର୍ତ୍ତିକ ମାସ ପୂଣ୍ୟ ଅର୍ଜନର ମାସ। କାର୍ତ୍ତିକ ବ୍ରତର ମହାତ୍ମ୍ୟ ସମ୍ପର୍କରେ କୁହାଯାଇଛି ଯେ ଯେତେ ଦର୍ଶନ, ଯେତେ ତୀର୍ଥ, ଯେତେ ଯାଗ ଯଜ୍ଞ ଇତ୍ୟାଦି ଅଛି ସେସବୁର ଧର୍ମକୁ ଠୁଳ କଲେ କାର୍ତ୍ତିକ ବ୍ରତ ସହିତ ସମାନ ହେବ ନାହିଁ । ଭଗବତ୍ ଗୀତାରେ ମଧ୍ୟ ଏ ବିଷୟରେ ବର୍ଣ୍ଣନା ଅଛି। ଶ୍ରୀକ୍ଷେତ୍ରରେ ଏହାର ସ୍ୱତନ୍ତ୍ର ପାଳନ ବିଧି ରହିଛି। ଏହି ମାସରେ ଆମ ମା ଓ ମାଉସୀ ମାନେ ନିଷ୍ଠାର ସହ ପ୍ରତ୍ୟୁଷରୁ ସ୍ନାନ କରି ବ୍ରତ ପାଳନ ଓ ପୂଜା କରିଥାନ୍ତି। କାର୍ତ୍ତିକ ମାସ ସାରା ସେମାନେ ରାଇ ଦାମୋଦରଙ୍କ ପୂଜା, ତୁଳସୀ ଚଉରା ପୂଜା ସହ ହବିଷ ପାଳନ କରିଥାନ୍ତି। କାର୍ତ୍ତିକ ମାସରେ ବିଷ୍ଣୁଙ୍କର ପ୍ରଧାନ ଆରାଧନା ହେଉଛି ରାଇ ଦାମୋଦର ବ୍ରତ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ଭାବେ ବୃନ୍ଦାବତୀ ନିବାସ ନାମରେ ଏକ ହବିଷ୍ୟାଳୀ ଭବନ କରାଯାଇଛି। ଚଳିତ ବର୍ଷ ବୃନ୍ଦାବତୀ ଭବନ ସହିତ ଅନ୍ୟ ତିନୋଟି କେନ୍ଦ୍ର ଯଥା - ଅକ୍ଷୟ ପାତ୍ର ପାଉଣ୍ଡେସନ, ବଗଲା ଧର୍ମଶାଳା, ମୋଚି ସାହି କଲ୍ୟାଣ ମଣ୍ଡପରେ ହବିଷ୍ୟାଳୀ ମା' ମାନଙ୍କୁ ରଖାଯାଇଛି। ପୁରୀ ଜିଲ୍ଲା ପ୍ରଶାସନକୁ ମା' ମାନଙ୍କର ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ମୁଁ ନିର୍ଦ୍ଦେଶ ଦେଇଛି।

ଜଗନ୍ନାଥଙ୍କ କୃପାରୁ ଆମ ସରକାର ରାଜ୍ୟର

ମେଲାଣି ନେଲେ ମା'

ଭସାଣିରେ ଅଘୋରୀଙ୍କ ଅଦ୍ଭୁତ ନୃତ୍ୟ ମନମୋହିଲା ପାରମ୍ପରିକ ବାଦ୍ୟ

କାକଟପୁର/ଅସ୍ତରଙ୍ଗ, ୨୦।୧୦ (ସଂଚାର ବ୍ୟୁରୋ) : ଭକ୍ତଙ୍କୁ ଦର୍ଶନ ଦେବାକୁ ଧରାବତରଣ କରିଥିଲେ ମା "। ଖୁସିରେ ପୂରି ଉଠିଥିଲା ଅସ୍ତରଙ୍ଗ। ୫ଦିନର ପୂଜାର୍ଚ୍ଚନା ପରେ ମନୋରଞ୍ଜନ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ମା "ମେଲାଣି ନେଇଛନ୍ତି। ଅସ୍ତରଙ୍ଗ ପୁଲିସର କଡା ସୁରକ୍ଷା ଭିତରେ ଭଷାଣି ଶୋଭାଯାତ୍ରାରେ ମା ଙ୍କୁ ଭାବପୂର୍ଣ୍ଣ ବିଦାୟ ଦେଇଛନ୍ତି ଅସ୍ତରଙ୍ଗ ଅଂଚଳବାସୀ। ଚଳିତ ବର୍ଷ ଅସ୍ତରଙ୍ଗ ମା ଦୁର୍ଗା କ୍ଲବ ୫୬ବର୍ଷରେ ପଦାର୍ପଣ ହୋଇଥିବା ବେଳେ ଥାଇଲାଣ୍ଡ ତୋରଣ ରେ ସୁସଜ୍ଜିତ ପୂଜା ପାଇଥିଲେ ଜଗତଜନନୀ ମା ଦୁର୍ଗା। ରବିବାର ସନ୍ଧ୍ୟା ରେ ଅସ୍ତରଙ୍ଗ ଦୁର୍ଗା କ୍ଲବ ପକ୍ଷରୁ ମା ଙ୍କ ମେଲାଣି ପାଇଁ ପାରମ୍ପରିକ ବାଦ୍ୟ ଓ ନୃତ୍ୟର ସମାରୋହ ରେ ଅସ୍ତରଙ୍ଗ ବଜାର ଦୁଲୁକି ଉଠିଥିଲା। ଦର୍ଶକ ଙ୍କ ମନମୋହିଲା ଅଘୋରୀ ନୃତ୍ୟ। ଶଙ୍ଖ, ଘଣ୍ଟ, ଘଣ୍ଟା, ସିଂଘବାଜା, ତୁରୀ, ମହୁରୀ ସାଙ୍ଗକୁ ଦୁଲୁଦୁଲି ଢୋଲ ମର୍ଦ୍ଦଳ ରେ ଶୋଭାଯାତ୍ରା ପ୍ରକମ୍ପିତ ହୋଇ ଉଠିଥିଲା। ସେହିଭଳି ସିଂହନାଚ, ଘୋଡାନାଚ, କଣ୍ଢେଇ ନାଚ ଆଦି ଦେଖଣାହାରୀ ଙ୍କ ମନକୁ ଛୁଇଁଥିଲା। ପୂଜା କମିଟି ନିର୍ଦ୍ଦେଶ ଅନୁଯାୟୀ ଅସ୍ତରଙ୍ଗ ବାସୀ ଅବଶ୍ୟ ଡିଜେ ର କାନଫଟା ଯନ୍ତ୍ରଣାରୁ ମୁକ୍ତି ପାଇଥିଲେ। ଦୁର୍ଗା କ୍ଲବ ନିକଟରୁ ମା ଙ୍କ ଭସାଣ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅସ୍ତରଙ୍ଗ ବଜାର ପରିକ୍ରମା କରି ଅସ୍ତରଙ୍ଗ ନିକଟସ୍ଥ ଭଉଁରିଆ ସେତୁ ନିକଟରେ ବହିଯାଇଥିବା ନଦୀରେ ମା "ଙ୍କୁ ବିସର୍ଜନ କରାଯାଇଥିଲା। ଭସାଣ ଉତ୍ସବ କୁ ଆଖିରେ ରଖି ବଜାର ରେ ପୁଲିସ ମୁତୟନ ହୋଇଥିଲେ। ଏହି ଭସାଣ ଦେଖିବା ନିମନ୍ତେ ଅସ୍ତରଙ୍ଗ ବଜାର ଉଭୟ ପାର୍ଶ୍ୱରେ ଶତାଧିକ ଶ୍ରଦ୍ଧାଳୁ ଏକତ୍ର ହୋଇ ମା ଙ୍କୁ ଦର୍ଶନ କରିଥିଲେ।

ଶେଷହେଲା ଚୌଦ୍ୱାର ରୂପଯାତ୍ରା

ଟାଙ୍ଗୀ-ଚୌଦ୍ୱାର, ୨୦।୧୦ (ସଂଚାର ବ୍ୟୁରୋ) : ଚୌଦ୍ୱାର ପ୍ରସିଦ୍ଧ କୁମାର ଉତ୍ସବ ଓ ରୂପଯାତ୍ରା ରବିବାର ରାତିରେ ଉଦ୍‌ଯାପିତ ହୋଇଛି। ବିଭିନ୍ନ ବଜାର ଓ ସାହିବସ୍ତିର ୪୩ଟି ପୂଜା ମଣ୍ଡପରେ ନିର୍ମିତ ଦେବାଦେବୀଙ୍କ ମୃଣ୍ମୟ ପ୍ରତିମା ଶନିବାର ରାତି ୧୨ଟା ସୁଦ୍ଧା ଶୋଭାଯାତ୍ରାରେ ଯାଇ ତିନିକୋଣିଆସ୍ଥିତ ରୂପଯାତ୍ରା ପଡ଼ିଆରେ ଏକାଠି ହୋଇ ମେଲଣ କରିଥିଲେ।ପରମ୍ପରା ଅନୁଯାୟୀ ରବିବାର ସକାଳେ ଯାତ୍ରାର ଥାନପତି ମଠସାହି ମେଢ ପୂଜା କମିଟି ତରଫରୁ ଛନ୍ଦା ଗ୍ରହଣ କରି ଭସାଣି ଯାତ୍ରା ଆରମ୍ଭ କରିବା ପରେ ଅନ୍ୟ ମେଢ ଗୁଡିକ ଛନ୍ଦା ଗ୍ରହଣ କରିବା ପରେ କ୍ରମାନୁସାରେ ପଛକୁ ପଛ ଶୋଭାଯାତ୍ରାରେ ଯାଇ ବିରୂପା ନଦୀକୂଳରେ ହୋଇଥିବା ଅସ୍ଥାୟୀ ପୋଖରୀରେ ବିସର୍ଜିତ ହୋଇଥିଲେ। ଶୋଭାଯାତ୍ରାରେ ଢୋଲ, ମାଦଳ, ଘଣ୍ଟ, ସିଙ୍ଗ ବାଜା ଆଦି ପାରମ୍ପରିକ ବାଦ୍ୟ ରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଦୁଇଦିନ ଧରି ଯାତ୍ରା ପଡ଼ିଆରେ ପ୍ରବଳ ଜନଗହଳି ଲାଗି ରହିଥିବାରୁ ଜନସାଧାରଣଙ୍କ ସୁରକ୍ଷା ଓ ଶୃଂଖଳିତ ମେଢ଼ ଶୋଭାଯାତ୍ରା ପାଇଁ କମିସନରେଟ ପୋଲିସ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।ମେଲଣ ପଡ଼ିଆ ଓ ଏହାର ଆଖପାଖରେ ୪ଟି ଅସ୍ଥାୟୀ ପୋଲିସ୍ କ୍ୟାମ୍ପ ଖୋଲାଯାଇ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯିବା ସହିତ ମେଢ଼ ପରିଚାଳନା ରାସ୍ତାରେ ବ୍ୟାପକ ପୋଲିସ୍ ମୁତୟନ କରାଯାଇଥିବା ଚୌଦ୍ୱାର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତି ସୂଚନା ଦେଇଥିଲେ।

ଏସ୍‌ଭିଏମ୍ କଲେଜ ପରିଚାଳନା କମିଟିର ସଭାପତି ହେଲେ ଅତିରିକ୍ତ ଜିଲ୍ଲାପାଳ

ଜଗତସିଂହପୁର, ୨୦।୧୦ (ସଂଚାର ବ୍ୟୁରୋ) : ଜଗତସିଂହପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ଏସ. ଭି. ଏମ କଲେଜ ପରିଚାଳନା କମିଟିର ନୂତନ ସଭାପତି ଭାବେ ନିୟକ୍ତି ଦିଆଯାଇଛି । ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୧୫୮୭୦ ତା ୧୯/୧୦/୨୪ ଅନୁସାରେ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା କମିଟିର ନୂତନ ସଭାପତି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତଙ୍କୁ ନିଯୁକ୍ତ ଦିଆଯାଇଛି । ତେବେ ମହାବିଦ୍ୟାଳୟର ଅଧ୍ୟକ୍ଷା ବନ୍ଦିତା ଦାସ, ପ୍ରଶାସନିକ ଅଧିକାରୀ ପ୍ରଶାନ୍ତ କୁମାର ବେହେରା, ପରୀକ୍ଷା ନିୟନ୍ତ୍ରକ ମନୋଜ ମଞ୍ଜରୀ ସ୍ୱାଇଁ, ସହ ନିୟନ୍ତ୍ରଣ ଅସିତ ରଞ୍ଜନ ମହାପାତ୍ର, ବରିଷ୍ଠ ଅଧ୍ୟାପିକା ପରିଚିତା ମହାନ୍ତି ପରିଚାଳନା କମିଟିର ନୂତନ ଭାବେ ସଭାପତି ହୋଇଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଷ୍ଟାପ ଓ ଛାତ୍ର ଛାତ୍ରୀଙ୍କ ତରଫରୁ ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ ।

ପ୍ରଶାସନର ମନମୁଖୀ ଶାସନ-୨

ଆଡ଼ି ଅଛି, ପୋଖରୀ ଗାଏବ

ରାଜନଗର, ୨୦।୧୦ (ସଂଚାର ବ୍ୟୁରୋ) : ରାଜନଗର ତହସିଲରେ ଚାଲିଛି ମନମୁଖୀ ଶାସନ। ଗ୍ରାମବାସୀଙ୍କ ଅଜାଣତରେ ପୋଖରୀ କିସମ ବି ବଦଳି ଯାଉଛି। ସରକାରଙ୍କ ଗାଇଡ୍ ଲାଇନ ଅନୁଯାୟୀ କୌଣସି ପରିସ୍ଥିତିରେ ପୋଖରୀ ପୋତା ଯିବ ନାହିଁ କିମ୍ବା ଜଳାଶୟର କିସମ ବଦଳିବ ନାହିଁ। ମାତ୍ର ରାଜନଗର ତହସିଲକୁ ଆସୁଥିବା ବାବୁମାନେ ପୂର୍ବରୁ ନଦୀ ଓ ସମୁଦ୍ରକୁ ପଟା କରିଦେଇଥିବା ବେଳେ ଏବେ ପୋଖରୀ ଓ ଜଳାଶୟର କିସମକୁ ରାତିରାତି ବଦଳାଇ ଦେଉଛନ୍ତି। ଉପରିସ୍ତ ଅଧିକାରୀଙ୍କ ବିନା ଆପୁଭାଲରେ କିପରି ଜଳାଶୟର କିସମ ବଦଳୁଛି, ତାହାକୁ ନେଇ ପ୍ରଶ୍ନ ଉଠିଛି।

ରାଜନଗର ତହସିଲ ରାଜନଗର ମୌଜାର ଖାତା ନଂ ୪୫୨, ପ୍ଲଟ ନମ୍ବର ୨୧୦ ପ୍ଲଟ ଉପରେ ବଣିଆ ପୋଖରୀ ଥିଲା। ରାଜନଗର ବଜାର ଓ ଗାଁରେ ନିଆଁ ଲାଗିଲେ ଏହି ପୋଖରୀ ପାଣି ଅଗ୍ନିକାଣ୍ଡରୁ ସୁରକ୍ଷା ଦେଉଥିଲା ମାତ୍ର ତହସିଲ ପ୍ରଶାସନ ଗ୍ରାମବାସୀଙ୍କ ଅଜାଣତରେ ବିନା ଗ୍ରାମସଭା ଓ ନୋଟିସରେ ଜଳାଶୟର କିସମକୁ ବଦଳାଇ ରକ୍ଷିତ କିସମ କରି ଦିଆଯାଇଛି। ଏହି ପୋଖରୀ ଉପରେ ଆରଏମସି ପକ୍ଷରୁ କଂକ୍ରିଟ ରାସ୍ତା ଓ ସ୍ଥାୟୀ କଂକ୍ରିଟ ହାଟପିଣ୍ଡି ନିର୍ମାଣ କରାଯାଇଛି। ଏହି ୨୧୦ ପ୍ଲଟଟି ଏବେବି ସରକାରଙ୍କ ଖାତାରେ ରହିଛି। ଆରଏମସି ଅନୁମତି ନେଇନଥିବା ବେଳେ କିପରି ହାଟପିଣ୍ଡି ନିର୍ମାଣ କଲା ଓ ପୋଖରୀକୁ ପୋତି ପକାଇଲା, ତାହାକୁ ନେଇ ପ୍ରଶ୍ନ ଉଠିଛି।

ଆରଏମସିର ମୁଖ୍ୟ ଉପଜିଲ୍ଲାପାଳ ହୋଇଥିବାରୁ ପଣ୍ଡିତ ପୁଅ ମାଙ୍କଡ ମାରିଲେ ଦୋଷନାହିଁ ନ୍ୟାୟରେ ଗ୍ରାମବାସୀଙ୍କ ଅଜାଣତରେ ଓ ବିନା ଅନୁମତିରେ ପୋଖରୀ ପୋତି ସ୍ଥାୟୀ କଂକ୍ରିଟ ପିଣ୍ଡି ନିର୍ମାଣ କରିଛନ୍ତି। ସରକାରୀ ରେକର୍ଡରେ ଓ ନକ୍ସାରେ ଖାତା ନଂ ୪୫୨, ପ୍ଲଟ ନଂ ୧୯୮ ପୋଖରୀ ଆଡି ଭାବେ ଉଲ୍ଲେଖ ରହିଛି। ପୋଖରୀ ଆଡି ଥିବା ବେଳେ ପୋଖରୀ କୁଆଡେ ଗଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହି ୧୯୮ ପ୍ଲଟ ଓ ପୋଖରୀ ଆଡି ଉପରେ ରାଜନଗର ବ୍ଲକ ପ୍ରଶାସନ ପକ୍ଷରୁ ୬ଟି ଦୋକାନ ଘର ନିର୍ମାଣ ହୋଇଛି। ସ୍କୁଲ ରାସ୍ତାକୁ ଅବରୋଧ କରି ଆରଏମସି ହାଟପିଣ୍ଡି ନିର୍ମାଣ ପାଇଁ ଓ ବିଡିଓ ଦୋକାନ ଘର ନିର୍ମାଣ ପାଇଁ ତହସିଲ ପକ୍ଷରୁ ଅନୁମତି ନେଇଥିଲେ କି? ଯଦି ବିଡିଓ ଓ ଉପଜିଲ୍ଲାପାଳ ଅନୁମତି ନନେଇ ସ୍କୁଲ ସମ୍ମୁଖରେ ଅବରୋଧ କରି ଦୋକାନଘର ଓ ହାଟପିଣ୍ଡି ନିର୍ମାଣ କରିପାରିବେ? ପଞ୍ଚାୟତ ଲୋକଙ୍କ ସ୍ୱାର୍ଥ ପାଇଁ ଓ ବ୍ୟବସାୟୀଙ୍କ ହିତକୁ ଦୃଷ୍ଟିରେ ରଖି ଶୌଚାଳୟ ନିର୍ମାଣ ବେଆଇନ ହେଲା କିପରି? ତହସିଲଦାର ଯେଉଁ ଆଇନ ବଳରେ ବିନା ଅନୁମତିରେ ଶୌଚାଳୟ ନିର୍ମାଣ ହୋଇଥିବା ଦର୍ଶାଇଲେ, ସେହି ଆଇନ ବଳରେ ବିଡିଓ ଓ ଉପଜିଲ୍ଲାପାଳଙ୍କୁ ହାଟପିଣ୍ଡି ଓ ଦୋକାନଘର ଭାଙ୍ଗିବାକୁ ଚିଠି କରିବେ କି ବୋଲି ରାଜନଗର ବାସୀ ପ୍ରଶ୍ନ କରିଛନ୍ତି। ତହସିଲଦାର ଏ ନେଇ ପଦକ୍ଷେପ ନେଲେ ତହସିଲ ଅଫିସ ଘେରାଉ କରାଯିବ ବୋଲି ରାଜନଗରବାସୀ ଚେତାବନି ଦେଇଛନ୍ତି।

ପ୍ରଧାନଶିକ୍ଷକ ଚଳାଇଛନ୍ତି ଘରୋଇ ନର୍ସିଂ କଲେଜ

- ତଦନ୍ତ ପରେବି ହେଉନି କାର୍ଯ୍ୟାନୁଷ୍ଠାନ
- ଶିକ୍ଷକଙ୍କୁ ସୁରକ୍ଷା ଯୋଗାଉଛନ୍ତି ବିଜେଡି ଦଲାଲ୍

କେନ୍ଦ୍ରାପଡ଼ା, ୨୦।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର କଲେଜ୍ ଛକ ନିକଟରେ ଥିବା ଏକ ଘରୋଇ ନର୍ସିଂ କଲେଜର ପରିଚାଳନାକୁ ନେଇ ଦେଖାଦେଇଛି ବିବାଦ। ଜଣେ ସରକାରୀ ପ୍ରଧାନ ଶିକ୍ଷକ ଗୁରୁଦେବ ଟ୍ରଷ୍ଟ ନାମରେ ପଞ୍ଜିକରଣ କରି ନିଜେ ସଦସ୍ୟ ଭାବେ କେନ୍ଦ୍ରାପଡ଼ା ଉପନିର୍ବନ୍ଧଙ୍କ କାର୍ଯ୍ୟାଳୟରେ ଚୁକ୍ତିନାମା କରି ଏକ ନର୍ସିଂ କଲେଜର ଚ୍ୟାରମ୍ୟନ୍ ପଦବୀରେ ରହି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଚେକ ନମ୍ବର ୨୩୦୫୫୨/ ୭୫୪୦୨୪୧୦୫ ଏତିକିରେ ଦସ୍ତଖତ କରି ଟଙ୍କା ଉଠାଇବା ଘଟଣା ସାମ୍ନାକୁ ଆସିଛି । କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ସଂସାରଫଳ ଉଚ୍ଚ ଶିକ୍ଷା ନିକେତନର ପ୍ରଧାନ ଶିକ୍ଷକ ନିମାଇଁ ଚରଣ ଦାସ ସରକାରୀ ସ୍କୁଲର ପ୍ରଧାନ ଶିକ୍ଷକ ହୋଇ ଏକ ଘରୋଇ ନର୍ସିଂ କଲେଜ ଚଳାଉଥିବା ନେଇ ହୋଇଥିଲା ଅଭିଯୋଗ । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ ଅଭିଯୋଗକୁ ନେଇ ଗତ ୧୨.୯.୨୦୨୪ରେ ଡେରାବିଶ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରାଙ୍କୁ ସାତଦିନ ଭିତରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ।

ଡେରାବିଶ ବିଇଓ ଶ୍ରୀକାନ୍ତ ବେହେରା ସଂସାରଫଳ ଉଚ୍ଚଶିକ୍ଷାନିକେତନ ବିଦ୍ୟାଳୟକୁ ଯାଇ ତଦନ୍ତ କରିବା ସହ ସଂପୃକ୍ତ ନର୍ସିଂ କଲେଜକୁ ଯାଇ ଗୁରୁଦେବ ଟ୍ରଷ୍ଟରେ ଥିବା ସରକାରୀ ପ୍ରଧାନ ଶିକ୍ଷକ ନିମାଇଁଙ୍କ ସହଯୋଗୀ କଳାକାର ରାଉତଙ୍କ ଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ


DISTRICT EDUCATION OFFICE, KENDRAPARA/ 1/28
At/ Po-Pandiri, Via- Thakarpatana, Dist.-Kendrapara-754250
E-mail: deokendrapara17@gmail.com

Letter No. ୨୪୫୯/Dt. ୨୩/୧୦/୨୪

To
Shri Srikant Kumar Behera, OES-I(Jr.)
Block Education Officer, Derabish

Sub: Regarding to make an enquire against the allegation received from Namita Nayak against Nimain Ch. Das, Headmaster of Radha Krushna Ucha Sikshya Niketan, Sansarphal, Pattamundai

Sir,
With reference to the subject cited above, I am to intimate you that, an allegation against Nimain Ch. Das, Headmaster of Radha Krushna Ucha Sikshya Niketan, Sansarphal, Pattamundai was received from Namita Nayak, Tulasipur, Marshaghai, Kendrapara on 12.09.2024. As per the allegation being a Govt. employee he is working as Secretary in Baladevjew College of Nursing, Kendrapara without the knowledge and permission of the higher authority. The copy of allegation was attached for your kind reference.
Therefore, you are requested to make an enquiry and submit the enquiry report to the undersigned within 7 days positively.

Yours faithfully

Enclosure:
• Copy of allegation

District Education Office
Kendrapara

ତଥ୍ୟ ତଦନ୍ତ କରି ରିପୋର୍ଟ ଅଧିକାରୀ ହାତେଇ ଥିବା ଜଣାପଡିଛି। ଥରେ କିମ୍ବା ଦୁଇଥର ନୁହେଁ ବରଂ ଦୁଇବର୍ଷରୁ ଉର୍ଦ୍ଧ୍ୱ ଦିନଧରି ଜଣେ ସରକାରୀ ପ୍ରଧାନ ଶିକ୍ଷକ ଘରୋଇ ନର୍ସିଂ କଲେଜର ଚେୟାରମ୍ୟାନ ରହି ଟଙ୍କା ଉଠାଇଥିବାର ତଥ୍ୟ ତଦନ୍ତ କରିଥିବା ଅଧିକାରୀଙ୍କୁ ଦେଇଥିବା କଥା କହିଛନ୍ତି ଅନ୍ୟ ସହଯୋଗୀ କଳାକାର ରାଉତ ଏବଂ ମାନଶ ରଞ୍ଜନ ଦାସ । ଏତେ ସବୁ ଗୁରତ୍ୱେପୂର୍ଣ୍ଣ ତଥ୍ୟ ତଦନ୍ତକାରୀ ଅଫିସରଙ୍କ ହାତରେ ଲାଗିଲା ପରେବି ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଘଟଣାକୁ ଆହୁରି ସନ୍ଦେହ ଘେରକୁ ଟାଣିଛି । ଅନ୍ୟପଟେ ତଦନ୍ତକାରୀ ଅଧିକାରୀଙ୍କୁ ପଚାରିବାରୁ ସେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସମସ୍ତ ତଦନ୍ତ ରିପୋର୍ଟ ପ୍ରଦାନ କରିଥିବା କହିଛନ୍ତି। ହେଲେ ଏପର୍ଯ୍ୟନ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ ଟେବୁଲ୍ ରୁ ତଦନ୍ତ ଫାଇଲ ଖୋଲୁନାହାନ୍ତି । ଯଦି ଏହି ବିଷୟରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ କେହି ପ୍ରଶ୍ନ କରୁଛି ତେବେ ସେହି ସମୟରେ କାର୍ଯ୍ୟାଳୟ ଚାରିପାଖରେ ବୁଲୁଥିବା କିଛି ବିଜେଡି ଦଲାଲ୍ ଗଣମାଧ୍ୟମ ପ୍ରତିନିଧିଙ୍କୁ ନାଲିଆଖି ଦେଖାଉଥିବା ର ଦୃଶ୍ୟ ଏବେ ଭାଇରାଲ ହେବାରେ ଲାଗିଛି। ଏବେ କିଛିଦିନ ହେବ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଜାଲିଆତି କରିଥିବା ପ୍ରଧାନ ଶିକ୍ଷକ ନିମାଇଁ ଦାସଙ୍କ ସହଯୋଗୀ ଓ କିଛି ଦଲାଲ୍ ସାଜିଥିବା ବିଜେଡି କର୍ମୀ ପୁରା କାର୍ଯ୍ୟାଳୟକୁ ନିଜ କବ୍ଜାକୁ ନେଇଥିବା ଦେଖିବାକୁ ମିଳିଛି । ଏବେ ସଂପୃକ୍ତ ଘଟଣାକୁ ନେଇ କଲେଜର ଜଣେ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଜଣାପଡିଛି ଜାଲିଆତି କରିଥିବା ପ୍ରଧାନ ଶିକ୍ଷକଙ୍କୁ ସୁରକ୍ଷା ଦେବାକୁ ଯାଇ ତଦନ୍ତ ରିପୋର୍ଟ କୁ ଚାପିଦେବାକୁ ଯାଇ ସମୟ ଟାଳୁଛନ୍ତି। ହେଲେ ଘଟଣା ସମ୍ପର୍କରେ ଜିଲ୍ଲାପାଳ ସବୁକିଛି ଜାଣି ଚୁପ୍ ରହିବା ଘଟଣାକୁ ନେଇ ସନ୍ଦେହ ବଢ଼ାଇଛି ।

ବାଉଁଶ ବୁଦାରେ ଛକିଛି କୁମ୍ଭୀର

ରାଜନଗର, ୨୦।୧୦ (ସଂଚାର ବ୍ୟୁରୋ): ରାଜନଗର ଅଞ୍ଚଳରେ କୁମ୍ଭୀର ଉତ୍ପାତ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି। ନଈ ଛାଡି କୁମ୍ଭୀରମାନେ ଗାଁ ପୋଖରୀ ଓ ରାସ୍ତାରେ ଆତଙ୍କ ସୃଷ୍ଟି କଲେଣି। ପ୍ରତିଦିନ କେଉଁଠି ନାଁ କେଉଁଠି କୁମ୍ଭୀର ଆତଙ୍କ ଖବର ଆସୁଛି। ଦୁଇଦିନ ତଳେ ମହାକାଳପଡ଼ାର ରଟପଙ୍କ ଗାଁରେ ଜଣେ ଯୁବକଙ୍କୁ କୁମ୍ଭୀର ଟାଣି ନେଇଥିଲା। ରାଜନଗର ବ୍ଲକ ଡେରା ପଞ୍ଚାୟତର ଧୋବେଇଗଡ଼ ଗାଁରେ ଲୋକଙ୍କ ବାଡିରେ ଥିବା ବାଉଁଶ ବୁଦାରେ କୁମ୍ଭୀର ଛକିଥିବା ଦେଖିବାକୁ ମିଳିଛି। ଗୁପ୍ତିରୁ ଚାନ୍ଦିବାଉଁଶମୂଳ ଯାଇଥିବା କେନାଲର ଧୋବେଇଗଡ଼ର ଷଣ୍ଢକଣି ନିକଟରେ ବାଉଁଶବୁଦା ଭିତରେ ଏକ ୧୦ ଫୁଟ ଲମ୍ବର କୁମ୍ଭୀର ଛକିଥିବା ଦେଖିବାକୁ ମିଳିଛି। ଷଣ୍ଢକଣି ନିକଟରେ ୧୦ ପରିବାର ରହୁଛନ୍ତି। ଆଜି ଅପରାହ୍ନରେ କେନାଲ ନିକଟରେ ଥିବା ବାଉଁଶ ବୁଦାରେ ଏକ ୧୦ ଫୁଟ ଲମ୍ବର କୁମ୍ଭୀର ଆଁ କରି ଛକି ରହିଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀ ଏହାର ଫଟୋ ଓ ଭିଡିଓ କରି ବନବିଭାଗ ନିକଟକୁ ପଠାଇଥିଲେ ମଧ୍ୟ ରିପୋର୍ଟ ଲେଖାହେବା ଯାଏଁ କୌଣସି ବନ କର୍ମଚାରୀ ଘଟଣା ସ୍ଥଳରେ ପହଁଚି ନାହାଁନ୍ତି।

ଓମ୍‌ସା ନିର୍ବାଚନ ଡା. କିଶୋର ମିଶ୍ର ସଭାପତି

ସଞ୍ଜିତ ପୂର୍ବ ଜୋନ୍ ଯୁଗ୍ମ ସମ୍ପାଦକ, ନୃପେନ୍ଦ୍ର କାର୍ଯ୍ୟକାରୀ କମିଟି ସଦସ୍ୟ

କେନ୍ଦ୍ରାପଡ଼ା, ୨୦।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ କାର୍ଯ୍ୟରତ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡଃ କିଶୋର ଚନ୍ଦ୍ର ମିଶ୍ର ଓମ୍‌ସାର ରାଜ୍ୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସଭାପତି ପଦବି ପାଇଁ ମୋଟ୍ ତିନିଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଡାକ୍ତର ମିଶ୍ର ୮୬୪ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାବେ ଡାକ୍ତର ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ୧୦୧୧ଖଣ୍ଡ ଭୋଟ ପାଥିବା ବେଳେ ଡା ମିଶ୍ର ୨୦୯୭ଖଣ୍ଡ ଭୋଟ ପାଇଛନ୍ତି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଏଡିଏମ୍‌ଓ ଡାକ୍ତର ନୃପେନ୍ଦ୍ର ଶତପଥି କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ଓ ଭେଷଜ ବିଶେଷଜ୍ଞ ଡାକ୍ତର ସଞ୍ଜିତ ସେଠୀ ପୂର୍ବ ଜୋନ୍‌ର ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସମସ୍ତ ନିର୍ବାଚିତ ଡାକ୍ତରମାନଙ୍କୁ ରାଜ୍ୟରୁ ଶୁଭେଚ୍ଛାର ସୁଅ ଛୁଟୁଛି।

ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ଓମ୍‌ସାର ରାଜ୍ୟ ସଭାପତି

ଡାକ୍ତର ସଞ୍ଜିତ ସେଠୀ ପୂର୍ବ ଜୋନ୍‌ର ଯୁଗ୍ମ ସମ୍ପାଦକ

ଡାକ୍ତର ନୃପେନ୍ଦ୍ର ଶତପଥି କାର୍ଯ୍ୟକାରୀ କମିଟି ସଦସ୍ୟ

ବଜ୍ରାଘାତରେ ରାଜମିସ୍ତ୍ରୀ ମୃତ

ନୟାହାଟ, ୨୦।୧୦ (ସଂଚାର ବ୍ୟୁରୋ): ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରବା ପଞ୍ଚାୟତର ତିରୁଣା ଠାରେ ବଜ୍ରାଘାତରେ ଯୁବକ ପୋଡ଼ିହୋଇ ମୃତ୍ୟୁବରଣ କରିଛନ୍ତି। ପ୍ରକାଶ ଯେ ଆଜି ସନ୍ଧ୍ୟା ୭ଟା ସମୟରେ କାଦୁଆ ନୂଆଙ୍ଗା ପଞ୍ଚାୟତ ର ଧରିତ୍ରୀ ନିକଟସ୍ଥ ଲକ୍ଷ୍ମୀଧର ପ୍ରଧାନ (୫୦) ବଜ୍ରଘାତରେ ପୋଡ଼ି ହୋଇ ମୃତ୍ୟୁବରଣ କରିଛନ୍ତି। ସେ ରାଜମିସ୍ତ୍ରୀ ଭାବେ କାମ କରନ୍ତି। ଜହ୍ନିମାଲିଆ ଛକରୁ ଘରକୁ ଯିବାବାଟରେ ତିରୁଣା ଠାରେ ଏହି ଦୁର୍ଘଟଣାର ଶିକାର ହୋଇଥିଲେ ।

ଏସ୍‌ଏମ୍‌ସିର ଖାମଖିଆଲ ନୀତି, ଖତ ଖାଉଛି ଉପକରଣ

ଉଦ୍ୟାନ ପାଲଟିଛି ଅସାମାଜିକ ଯୁବକଙ୍କ ଆଡ

ସରକାରଙ୍କ ବାତ୍ୟା ପ୍ରସ୍ତୁତି

- ଜିରୋ କାଜୁଆଲିଟିକୁ ଗୁରୁତ୍ୱ
- କର୍ମଚାରୀଙ୍କ ଛୁଟି ବାତିଲ
- ଗର୍ଭବତୀଙ୍କୁ ହସ୍ପିଟାଲରେ ରଖିବାକୁ ନିର୍ଦ୍ଦେଶ
- ବାତ୍ୟା ଆଶ୍ରୟସ୍ଥଳ ବ୍ୟବସ୍ଥା
- ସ୍କୁଲ ଛୁଟି ନିଷ୍ପତ୍ତି ନେବେ ଜିଲ୍ଲାପାଳ

ଭୁବନେଶ୍ୱର,୨୦।୧୦ (ସଂଚାର ବ୍ୟୁରୋ): ବାତ୍ୟା ପରିସ୍ଥିତି ଉପରେ ରାଜ୍ୟ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି। ଏନେଇ ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଂଜନ କୁମାର ସିଂ ରବିବାର ସନ୍ଧ୍ୟାରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଓଡ଼ିଶା ଉପକୂଳରେ ବାତ୍ୟା ସମ୍ଭାବନା ରହିଛି। ଯେଉଁ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ଯାଇଛନ୍ତି, ସେମାନେ ସ୍ଥଳଭାଗକୁ ଶୀଘ୍ର ଫେରି ଆସନ୍ତୁ। ଆସନ୍ତା ୨୬ ତାରିଖ ଯାଏଁ ସମୁଦ୍ର ଭିତର ଯାଆନ୍ତୁ ନାହିଁ। ବାତ୍ୟା ନେଇ ଜିଲ୍ଲାପାଳମାନଙ୍କୁ ସତର୍କ କରାଯାଇଛି। ସୋମବାର ଜିଲ୍ଲାପାଳମାନେ ବାତ୍ୟା ଆଶ୍ରୟସ୍ଥଳୀକୁ ଯାଇ ତଦାରଖ କରିବେ। ଦୁଇ ସପ୍ତାହ ସମୟ ଥିବା ଗର୍ଭବତୀ ମହିଳାମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଗର୍ଭବତୀ ମହିଳାଙ୍କୁ ହସ୍ପିଟାଲ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସମ୍ଭାବ୍ୟ ବାତ୍ୟା ମୁକାବିଲା ନେଇ ରବିବାର ସନ୍ଧ୍ୟାରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ। ବୈଠକ ପରେ ଏସ୍‌ଆର୍‌ସି ଶ୍ରୀ ସିଂ କହିଛନ୍ତି, ପାଣିପାଗ ବିଭାଗର ତଥ୍ୟ ଅନୁସାରେ ବାତ୍ୟା ହୋଇପାରେ। ଏଥିପାଇଁ ବ୍ଲକସ୍ତରରେ ରଖାଯିବ ଓଡ୍ରାଫ, ଅଗ୍ନିଶମ ଟିମ୍। ଦରକାର ପଡ଼ିଲେ ଏନ୍‌ଡିଆର୍‌ଏଫ୍ ଟିମ୍‌ର ମଧ୍ୟ ସହାୟତା ନିଆଯିବ। ତଳିଆ ଅଞ୍ଚଳ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳରେ ରଖିବା ଏବଂ ଆଶ୍ରୟସ୍ଥଳୀ ବ୍ୟବସ୍ଥିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବାତ୍ୟା ସମୟରେ ଅଧିକାରୀମାନଙ୍କର ଦାୟିତ୍ୱ ବଢ଼ିଯିବ। ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରବିବାର ସନ୍ଧ୍ୟାରେ ସମସ୍ତ ସରକାରୀ ଅଧିକାରୀମାନଙ୍କର ଛୁଟି ବାତିଲ କରିଛନ୍ତି। ସରକାର କହିଛନ୍ତି, ବିଦ୍ୟାଳୟଗୁଡ଼ିକ ଛୁଟି ନେଇ ଜିଲ୍ଲାପାଳମାନେ ନିଷ୍ପତ୍ତି ନେବେ।

ଏସ୍‌ଆରସି କହିଛନ୍ତି, ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛନ୍ତି। ସାଧାରଣ ଜନତା ଆଦୌ ଭୟଭୀତ ହୁଅନ୍ତୁନାହିଁ। ଲୋକଙ୍କର ସୁରକ୍ଷା ପାଇଁ ପ୍ରଶାସନ ସତର୍କ ରହିଛି। ଜିରୋ କାଜୁଆଲଟି ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଜନସାଧାରଣ ପ୍ରଶାସନକୁ ସହଯୋଗ କରନ୍ତୁ। ଆମେ ଭାରତ ସରକାରଙ୍କ ସହ ଯୋଗାଯୋଗରେ ଅଛୁ। ଆବଶ୍ୟକ ପଡ଼ିଲେ କେନ୍ଦ୍ର ସରକାରଙ୍କୁ ସହାୟତା ମାଗିବୁ।

୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ପୁରୀ, ଗଞ୍ଜାମ, ଜଗତସିଂହପୁର ଜିଲ୍ଲା ସବୁଠାରୁ ଅଧିକ ବର୍ଷା ହେବ। ଏହାଛଡ଼ା କେନ୍ଦ୍ରାପଡ଼ା, କଟକ, ନୟାଗଡ଼, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଗଜପତି, କନ୍ଧମାଳ, ବୌଦ୍ଧ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା ଲକ୍ଷ୍ୟ କରି ଆଜିଠାରୁ ୨୬ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଯେଉଁମାନେ ମାଛ ଧରିବାକୁ ଯାଇଛନ୍ତି,ସେମାନେ ଯଥା ଶୀଘ୍ର ଫେରିଆସିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ତୃଣମୂଳସ୍ତରରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ସରକାର ପ୍ରସ୍ତୁତ ଅଛନ୍ତି। ଆମ ପାଖରେ ସମୟ ଅଛି। ଆମେ ସତର୍କ ରହିଲେ ବିପଦ ଏଡେଇ ଦେଇପାରିବା। ଅଗ୍ନିଶମ, ଓଡ୍ରାଫ, ବିଦ୍ୟୁତ, ସ୍ୱାସ୍ଥ୍ୟ ବିଭାଗ, ରାଜସ୍ୱ ବିଭାଗର ଅଧିକାରୀଙ୍କୁ ନେଇ ସୋମବାର ବାତ୍ୟା ପ୍ରସ୍ତୁତି ସମୀକ୍ଷା ବୈଠକ ଆୟୋଜିତ ହେବ ବୋଲି ଏସ୍‌ଆର୍‌ସି କହିଛନ୍ତି।

ଭୟଭିତ ନ ହେବାକୁ ପରାମର୍ଶ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଲଘୁଚାପ ଏପର୍ଯ୍ୟନ୍ତ ଅବପାତ ଅବସ୍ଥାରେ ଅଛି। ଗଭୀର ଅବପାତ ହୋଇନାହିଁ। ଆମେ ନିରନ୍ତର ପାଣିପାଗ ବିଭାଗ ଏବଂ ବିଶେଷଜ୍ଞମାନଙ୍କ ସହିତ ସମ୍ପର୍କରେ ଅଛୁ। ଅନେକ ସମୟରେ ଲଘୁଚାପ ଗତିପଥ ପରିବର୍ତ୍ତନ କରିଥାଏ। ଏଥର କ'ଣ ହେବ ତାହା ଆଗାମୀ ସମୟରେ ଜଣାପଡ଼ିବ। ବାତ୍ୟା ଓ ବର୍ଷା ନେଇ ସତର୍କ ରହିବାକୁ ଜିଲ୍ଲାପାଳମାନଙ୍କୁ ସୂଚନା ଦିଆଯାଇଛି। ବିଭାଗୀୟ ଅଧିକାରୀମାନଙ୍କ ସହିତ କଥା ହୋଇଛୁ। ମୁଖ୍ୟ ଶାସନ ସଚିବ ଅବଗତ ଅଛନ୍ତି। ଆସନ୍ତାକାଲି ସମ୍ଭାବ୍ୟ ବାତ୍ୟା ନେଇ ଏକ ଉଚ୍ଚସ୍ତରୀୟ ବୈଠକ ହେବ। ସରକାର ମୁକାବିଲା ପାଇଁ ପ୍ରସ୍ତୁତ ଅଛନ୍ତି। ବର୍ଷା ଓ ବିପରିତ ପରିସ୍ଥିତି ପାଇଁ ମୁକାବିଲା କରିବାକୁ ଜିଲ୍ଲାପ୍ରଶାସନ ପ୍ରସ୍ତୁତ ଅଛନ୍ତି। ଲୋକମାନେ ଭୟଭୀତ ହୁଅନ୍ତୁ ନାହିଁ। ଲୋକଙ୍କ ସହିତ ସରକାର ଓ ପ୍ରଶାସନ ରହିଛି।

ବିଭାଗୀୟ ଅଧିକାରୀମାନଙ୍କ ସହିତ କଥା ହୋଇଛୁ। ମୁଖ୍ୟ ଶାସନ ସଚିବ ଏନେଇ ଅବଗତ ଅଛନ୍ତି। ଆସନ୍ତାକାଲି ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ହେବ। ସରକାର ମୁକାବିଲା ପାଇଁ ପ୍ରସ୍ତୁତ ଅଛନ୍ତି। ବର୍ଷା ଓ ବିପରିତ ପରିସ୍ଥିତି ପାଇଁ ମୁକାବିଲା କରିବାକୁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ଅଛନ୍ତି। ଲୋକମାନେ ଭୟଭୀତ ହୁଅନ୍ତୁ ନାହିଁ। ଲୋକଙ୍କ ସହିତ ସରକାର ଓ ପ୍ରଶାସନ ରହିଛି। ଲୋକଙ୍କ ରକ୍ଷା କବଚ ହେବା ପାଇଁ ବିଭାଗ ପ୍ରସ୍ତୁତ ଅଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

କଳାବଜାରୀଙ୍କୁ ଚେତାବନୀ ଦେଲେ ମନ୍ତ୍ରୀ

କଟକ,୨୦।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟା 'ଦାନା'କୁ କେନ୍ଦ୍ରକରି ରାଜ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବାତ୍ୟା ପୂର୍ବରୁ ଖାଦ୍ୟଦ୍ରବ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ କଳାବଜାର ସହିତ ଦର ମଧ୍ୟ ବୃଦ୍ଧି ପାଇବା ଆଶଙ୍କା ରହିଛି। ଏହି ପରିପ୍ରେକ୍ଷୀରେ କଳାବଜାରୀଙ୍କୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କଡ଼ା ଚେତାବନୀ ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ଦେଖି ଅସାଧୁ ବ୍ୟବସାୟୀ କଳାବଜାର କଲେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏପରିକି ଖାଦ୍ୟ ସାମଗ୍ରୀ ମହଜୁଦ ସ୍ଥାନ ଉପରେ ନଜର ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ନ ବାତ୍ୟା ପାଇଁ ଯେପରି କଳାବଜାର ନ ହୁଏ ସତର୍କ ରହିବାକୁ ମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

ଚଳିତ ୨୦୨୪-୨୫ ବର୍ଷ ପାଇଁ କଟକ ଜିଲ୍ଲାରେ ଧାନ କ୍ରୟ ଓ ସାଧାରଣ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସମସ୍ତ ବିଧାୟକ ଯୋଗଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଚାଷୀଙ୍କ ଧାନ ଉଠିବାର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଯିବ। ସେହି ସମୟରେ ଅସାଧୁ ବେପାରୀଙ୍କୁ କିଛି ଅଫିସର ଦୁର୍ନୀତି କରିବାକୁ ସୁଯୋଗ ଦେଉଛନ୍ତି। ତେବେ ଅଫିସରମାନେ ସଜାଗ ରୁହନ୍ତୁ, ନଚେତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଧାନ କିଣା ସମୟରେ କଟନି ଛଟନି କରାଯିବ ନାହିଁ। ଏଫ୍‌ଏକ୍ୟୁ ମାନର ଧାନ ଯାଞ୍ଚ ପାଇଁ କ୍ୱାଲିଟି ଗ୍ରେନ୍ ଆନାଲାଇଜର ବ୍ୟବହାର କରାଯିବ। ମଣ୍ଡିରେ ସିସିଟିଭି କ୍ୟାମେରା ଓ ଗାଡିରେ ଜିପିଏସ୍ ବ୍ୟବହାର କରାଯିବ। ସେହିଭଳି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗରିବ ଲୋକଙ୍କୁ ରାସନ କାର୍ଡରେ ଅନ୍ତର୍ଭୁକ୍ତ କରିବା ସହ ଅଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ କାଟିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି। ବୈଠକରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି, ମାଲ୍ ପରିବହନକାରୀ ଗାଡ଼ିରେ ଜିପିଏସ୍ ଲାଗୁ। ଡିପୋରୁ ଡିଲର ପଏଣ୍ଟ ଯାଏଁ ଯାଉଥିବା ଗାଡ଼ିରେ ଜିପିଏସ୍ ବ୍ୟବସ୍ଥା ହେଉ। ହିତାଧିକାରୀଙ୍କ ଟିପ ବ୍ୟବସ୍ଥାକୁ କୋହଳ କରିବାକୁ ମଧ୍ୟ ଦାବି କରିଛନ୍ତି ସୋଫିଆ।

ବାବୁଙ୍କୁ ଦେଖି ଡିଜି ତାଜୁବ

ନୂଆ ପୁଲିସ୍ ମୁଖିଆ ୱାଇ ବି ଖୁରାନିଆ ଦାୟିତ୍ୱ ନେବାପରେ ପ୍ରଥମେ ରାଜଧାନୀ ଉପକଣ୍ଠରେ ଥିବା ଏସଓଜି କ୍ୟାମ୍ପ ବୁଲିବାକୁ ଯାଇଥିଲେ। ସେଠାରେ ଥିବା ପୁଲିସ୍ ବାବୁମାନଙ୍କ କାରବାର ଦେଖି ଡିଜି ତାଜୁବ ହୋଇଗଲେ। ଯାହାକୁ ପାଖକୁ ଡାକି ପଚାରିଲେ ଏଠାରେ କେତେବର୍ଷ ରହିଛ ? କାହାର ଉତ୍ତର ୧୦ ବର୍ଷ ତ ଆଉ କାହାର ୮ ବର୍ଷ। କେହି କେହି ଏଠାରେ ଯୁଗଟିଏ ବିତାଇ ସାରିଲେଣି। ଏକଥା ଜାଣିବାପରେ ବାବୁ ଚା' ପାଣି ପିଇବେ କ'ଣ, କୁଆଡେ ରାଗ ତମ ତମ ହୋଇ ସେଠାରୁ ପଳାଇ ଆସିଲେ। ହେଲେ ଆସିଲା ପୂର୍ବରୁ କୁଆଡେ ଚନ୍ଦକା ମୁଖିଆଙ୍କୁ ଆଉ ଯେମିତି ଏଠାରେ ନଦେଖନ୍ତି ତାଗିଦା କରିଥିଲେ। ସୂଚନା ମିଳିଛି ଡିଜି ମହାଶୟଙ୍କ ତାଗିଦା ତୁରନ୍ତ କାର୍ଯ୍ୟକାରୀ ହେବା ସହିତ ଚନ୍ଦକା ମୁଖିଆଙ୍କୁ କୋରାପୁଟ ବଦଳି କରାଯାଇଛି। ତେବେ ଏଠାରେ ବର୍ଷ ବର୍ଷ ଧରି ଡେରା ପକାଇଥିବା ଆଉ କିଛି ବାବୁ କେବେ ବିଦା ହେବେ ତାହାକୁ ଅନ୍ୟମାନେ ଚାହିଁ ରହିଛନ୍ତି।

ଘରୋଇ ହସ୍ପିଟାଲକୁ ୧୮ ଲକ୍ଷ ଟଙ୍କିଆ ବିଲ୍

ନିକଟରେ ରାଜଧାନୀର ଗୋଟିଏ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ବ୍ୟକ୍ତିଙ୍କ ପାଇଁ ସରକାରୀ ରାଜକୋଷରୁ ୧୮ ଲକ୍ଷ ଟଙ୍କାର ବିଲ୍ ପଇଠ ହୋଇଛି। ତେବେ ଏହି ବାବୁ ଜଣଙ୍କ କିଛୁ ସରକାରୀ କର୍ମଚାରୀ ନୁହନ୍ତି। ସେ ଜଣେ ସରକାରୀ କର୍ମଚାରୀଙ୍କ ଅଭିଭାବକ। ଯେହେତୁ ସରକାରୀ ଅଧିକାରୀ ଜଣଙ୍କ ଶକ୍ତିମାନ ତେଣୁ ଏତେ ପରିମାଣର ଟଙ୍କା ଦିଆଯାଇଛି। ସୂଚନା ଅନୁଯାୟୀ ଏହି ଟଙ୍କା ପଇଠ କରିଛି ଗୋଟିଏ ସରକାରୀ ସଂସ୍ଥା। ସଂସ୍ଥା ପକ୍ଷରୁ ନଗଦ ଆକାରରେ କୁଆଡେ ଏହି ଡାକ୍ତରଖାନାକୁ ଟଙ୍କା ପଇଠ କରାଯାଇଛି। ତେବେ ଏହି ସରକାରୀ ସଂସ୍ଥାଟି ଲାଭଜନକ ହୋଇଥିବାରୁ ଦାୟିତ୍ୱରେ ଥିବା ବାବୁ ଜଣଙ୍କ ନିଜ ସମ୍ପର୍କୀୟଙ୍କ ଚିକିତ୍ସାଖର୍ଚ୍ଚ ପାଇଁ ଏହି ଟଙ୍କା ପାଇବାରେ ସକ୍ଷମ ହୋଇଛନ୍ତି। ତେବେ ବାବୁ ଜଣଙ୍କ ଶକ୍ତି ବିଭାଗର ଶକ୍ତିମାନ ହୋଇଥିବାବେଳେ ଟଙ୍କା ଦେଇଥିବା ସଂସ୍ଥାଟି ବାବଦରେ ଏବେ ଖୋଳତାଡ ଆରମ୍ଭ ହୋଇଛି। କିନ୍ତୁ ମୋଟା ଅଙ୍କର ପାଉଣା ପାଇଥିବା ଘରୋଇ ଡାକ୍ତରଖାନା କିନ୍ତୁ ଖୁସ୍।

ଲକ୍ଷ୍ମଣରେଖା ଟାଣିଲେଣି ମନ୍ତ୍ରୀ

ରାଜ୍ୟ ମନ୍ତ୍ରୀମଣ୍ଡଳର ଦୁଇ ଜଣ ମନ୍ତ୍ରୀ ଏବେ ନିଜ ସରକାରୀ ବଙ୍ଗଳା ଆଗରେ ଲକ୍ଷ୍ମଣରେଖା ଟାଣିଲେଣି। ଘରୋଇ ସୁରକ୍ଷା କର୍ମୀ ନିୟୋଜିତ କରି କାହାକୁ ଭିତରକୁ ନଛାଡିବାକୁ କହିଛନ୍ତି। ଏହି ଦୁଇ ମନ୍ତ୍ରୀଙ୍କ ଭିତରୁ ଜଣେ ଦାୟିତ୍ୱ ନେବା ପରେ ପରେ ଲଗାମଛଡା ବୟାନବାଜି କରି ବିବାଦୀୟ ହୋଇପଡିଥିବାବେଳେ ଆଉ ଜଣେ ମୁଖ୍ୟମନ୍ତ୍ରୀ ଦୌଡରେ ରହିଥିଲେ। ତେବେ ମନ୍ତ୍ରୀ ହେବା ପରେ ପରେ ଉଭୟ ସାଧାରଣ ଲୋକଙ୍କ ସହିତ ମିଳାମିଶା କରୁଥିବାବେଳେ ସୋମନଙ୍କ ଦୁଆରମୁହଁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଗଣମାଧ୍ୟମ ପ୍ରତିନିଧିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଖୋଲା ରହିଥିଲା। ହେଲେ ଚାରି ମାସ ପୂରିବା ପରେ ପରେ ଏମାନେ ଦୁଆର ମୁହଁରେ ସୁରକ୍ଷାକର୍ମୀ ମୁତୟନ କରି କାହାରିକୁ ଭିତରକୁ ଛାଡୁ ନାହାନ୍ତି। ସ୍ୱତନ୍ତ୍ର କଟକଣା ଜାରି କରିଛନ୍ତି ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ। ଗଣମାଧ୍ୟମକୁ ଦୁଆର ମୁହଁରୁ ଫେରାଇ ଦେବାକୁ ଜଣେ ମନ୍ତ୍ରୀ ସୁରକ୍ଷାକର୍ମୀଙ୍କୁ ତାଗିଦା କରିଥିବାବେଳେ ଆଉ ଜଣେ କିନ୍ତୁ ଅପେକ୍ଷା କରାଇ ଭିତରୁ ବୁଝିବାକୁ କହିଛନ୍ତି। ଏ ଦୁଇଜଣଙ୍କ ଦେଖାଦେଖି ଏବେ ଆଉ କିଛି ମନ୍ତ୍ରୀ ସେମାନଙ୍କ ଦୁଆର ମୁହଁରେ ସୁରକ୍ଷାକର୍ମୀ ବସାଇ ଲକ୍ଷ୍ମଣରେଖା ଟାଣୁଥିବା ଲକ୍ଷ୍ୟ କରାଯାଇଛି।

ବୁଲୁ ବାବୁଙ୍କର ମରମଜଳା କଥା

ମାହାଙ୍ଗାର ସ୍ୱାଧୀନ ବିଧାୟକ ସାରଦା ପ୍ରସାଦ ପ୍ରଧାନ ଓରଫ ବୁଲୁ ବାବୁଙ୍କର ମରମ ଜଳା କଥା ଏବେ ଚର୍ଚ୍ଚାରେ। ପୂର୍ବରୁ ବୁଲୁ ବାବୁ ମାହାଙ୍ଗାରେ ପାଗଳା ବିଲୁଆ ମାତିଛି କହି ଚର୍ଚ୍ଚାରେ ଥିଲେ। ସେ କାହାକୁ ପାଗଳା ବିଲୁଆ ବୋଲି କହିଥିଲେ ତାହା ସମସ୍ତେ ଜାଣିଥିଲେ। ହେଲେ ଏବେ ସିଧା ତୀର ମାରିଛନ୍ତି ବିଜେଡିର ନୂଆ ଉପଦ୍ଦେଷ୍ଟା ସଂତୃପ୍ତ ମିଶ୍ରଙ୍କୁ। ବାବୁ ସଂତୃପ୍ତ ବିଜେପିକୁ କେତେକ ଘଟଣାରେ କଟାକ୍ଷ କରିବାପରେ ବୁଲୁ ବାବୁଙ୍କ କୋପ ଦୃଷ୍ଟିରେ ପଡିଛନ୍ତି। ବୁଲୁ କହିଛନ୍ତି ଏ ବାବୁ ହିଣ୍ଡାଲକୋରେ ଥିବାବେଳେ ବହୁତ କାଣ୍ଡ କରିଛନ୍ତି। ପ୍ରଥମେ ତାହାର ତଦନ୍ତ ହେବା ଆବଶ୍ୟକ। ପ୍ରଧାନ ବାବୁଙ୍କର ଏଭଳି ମରମ ଜଳା କଥା କୁଆଡେ ବିଜେଡି ଶିବିରକୁ ଭାରି ବାଧିଛି। କାରଣ ହେଲା ସଂତୃପ୍ତ ବାବୁ ରାଜନୀତିକୁ ଆସିବା ପୂର୍ବରୁ ହିଣ୍ଡାଲକୋ କମ୍ପାନୀରେ ଥିଲେ। ମୁମ୍ବାଇ ଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଚାରିଆଡେ ତାଙ୍କର ସମ୍ପତ୍ତି। ବିଜେଡିର ସବୁଠାରୁ ଧନୀ ସାଂସଦ ପ୍ରାଥୀ। ତେବେ ସମସ୍ତେ ତାଙ୍କୁ ସମାଲୋଚନା କଲାବେଳେ ରାଜନୈତିକ ଆକ୍ରମଣ କରୁଥିବାବେଳେ ବୁଲୁ କିନ୍ତୁ ସିଧା ହିଣ୍ଡାଲକୋରେ ତାଙ୍କ କାରବାରକୁ ଟାର୍ଗେଟ କରିଛନ୍ତି। ଏଭଳି ମରମ ଜଳା କଥା କହିବାରେ ବୁଲୁଙ୍କର ପୂର୍ବରୁ ବହୁ ରେକର୍ଡ ରହିଛି। ହେଲେ ଏଥର ସଂତୃପ୍ତଙ୍କୁ ତାଙ୍କର ଟାର୍ଗେଟ କିନ୍ତୁ ଚର୍ଚ୍ଚାର ବିଷୟ ପାଲଟିଛି।

ଚାଉଳ କଳ ମାଲିକଙ୍କୁ ଶନିଦଶା

ରାଜ୍ୟର ଚାଉଳକଳ ମାଲିକଙ୍କୁ ଶନି ଦଶା ପଡିଛି। ଗୋଟିଏ ପଟେ ସେମାନେ ଆଉ ଧାନ ସଂଗ୍ରହ କରିବେ ନାହିଁ ବୋଲି ବିଭାଗୀୟ ମନ୍ତ୍ରୀ କହିଥିବାବେଳେ ଅନ୍ୟ ପଟେ ଚାଉଳକଳ ମାଲିକମାନଙ୍କ ଉପରେ ଚାନ୍ଦା ଜୁଲମ ବଢ଼ିବାରେ ଲାଗିଛି। ଅଳ୍ପଦିନ ତଳେ ଜଣେ ମନ୍ତ୍ରୀ ପଶ୍ଚିମଓଡ଼ିଶା ଗସ୍ତରେ ଯାଇଥିବାବେଳେ ଚାଉଳକଳ ମାଲିକମାନେ ପ୍ରମାଦ ଗଣିଥିବାବେଳେ ଏବେ ଜଣେ ସାଂସଦଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ପଡିଲେଣି। ସାଂସଦଙ୍କ ଚେଲାମାନେ କୁଆଡେ ପ୍ରତିଦିନ ଚାନ୍ଦାପାଇଁ ହାଜର ହୋଇ ଯାଉଛନ୍ତି। ଯିଏ ଚାନ୍ଦା ନଦେଉଛି ସାଂସଦଙ୍କ ଫୋନ୍ ଯାଉଛି। ତେଣୁ ଏବେ ପଶ୍ଚିମଓଡ଼ିଶାର କିଛି ଚାଉଳକଳ ମାଲିକ ମେଳି ହୋଇ ରାଜଧାନୀ ଆସି ଫେରାଦ ହେବାପାଇଁ ସଜାବାଜ ହେଉଛନ୍ତି। ହେଲେ ସୋମନଙ୍କ ମଧ୍ୟରୁ କିଛି ପଛଘୁଞ୍ଚା ଦେଉଥିବା ଜଣା।।ଇଛି। କାରଣ ସୋମନଙ୍କ ମଧ୍ୟରୁ କିଛି ମାଲିକଙ୍କୁ ଡବଲ ଇଞ୍ଜନ ଡର ଗୋଡାଉଛି। କାରଣ ଏବେ ଅଭିଯୋଗ କଲେ ଆଗାମୀ ଦିନରେ ସେମାନଙ୍କ ପିଠିରେ ପଡିବାକୁ କେହି ନଥିବେ। ତେଣୁ କିଛି ଚାଉଳକଳ ମାଲିକ ଆଗପଛ ନବିଚାରି ଚାନ୍ଦା ଗଣିବକୁ ଉଚିତ୍ ମଣୁଛନ୍ତି।

ହଜାର ହଜାର ଲିଟର ଅଶୋଧିତ ତୈଳ ନଷ୍ଟ



ପାରାଦୀପ,୨୦।୧୦ (ସଂଚାର ବ୍ୟୁରୋ): ସ୍ଥାନୀୟ ଅଠରବାଙ୍କିରୁ ନେହରୁ ବଙ୍ଗଳା ରାସ୍ତାପାର୍ଶ୍ୱରେ ଥିବା ଆଇଓସିଏଲ୍ ଅଷ୍ଟରଗ୍ରାଉଣ୍ଡ ପାଇପ ଲାଇନରୁ ତେଲ ଲିକ୍ ହୋଇଛି। ହଜାର ହଜାର ଲିଟର ଅଶୋଧିତ ତୈଳ ମାଟିରେ ମିଶିଥିବାର ଦେଖିବାକୁ ମିଳିଛି। ତେଲ ମିଶିବାରୁ ନିକଟରେ ଥିବା ହେକ୍ଟାଳବଣ ଏବଂ କାଉଡିଆ ନଦୀ ଜଳ ପ୍ରଭାବିତ ହୋଇଛି। ତେବେ ପାଇପ କଣା କରି ତେଲ ଚୋରି କରାଯାଉଥିବା ସନ୍ଦେହ ଘନିଭୂତ ହୋଇଛି। ନିକଟରେ ଜାରକିନ ପଡ଼ିଛି। ତେବେ ବିଭାଗ ପକ୍ଷରୁ ତରବରିଆ ଭାବେ ମରାମତି କରାଯାଇଛି। ବିଭାଗୀୟ ଅଧିକାରୀ କିନ୍ତୁ ଘଟଣାକୁ ଚୋରି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି।

ରେରା ବିଜ୍ଞପ୍ତିରେ ସଂଶୋଧନ

ଭୁବନେଶ୍ୱର,୨୦।୧୦ (ସଂଚାର ବ୍ୟୁରୋ): ରେରା ବିଜ୍ଞପ୍ତିରେ ସଂଶୋଧନ କରାଯାଇଛି। ଏଣିକି ୭୦ ପ୍ରତିଶତ ରେରା ସ୍ୱୀକୃତିପ୍ରାପ୍ତ ବ୍ୟାଙ୍କ ଖାତାରେ ରହିପାରିବ ପ୍ରକଳ୍ପ ଖର୍ଚ୍ଚର ସର୍ବାଧିକ ୧ ପ୍ରତିଶତ ଅର୍ଥ। ପ୍ରକଳ୍ପରେ ଆବଶ୍ୟକ ଢାଞ୍ଚାଗତ ତ୍ରୁଟି ମରାମତି ଉଦ୍ଦେଶ୍ୟରେ ୫ ବର୍ଷ ପାଇଁ ଏହି ଟଙ୍କା ରହିବ। ଯଦି ଆକାଉଣ୍ଟରେ ଏହାଠାରୁ ଅଧିକ ଅର୍ଥ ଥାଏ

ଜାୱା-ୟେଜ୍‌ଦିର ସୋରୁମ୍ ଖୋଲିଲା

ଜାୱା ୪୨ ଏଫ୍‌ଜେ ଏବଂ ବିଏସ୍‌ଏ ଗୋଲ୍ଡ ଷ୍ଟାର୍ ଉନ୍ମୋଚିତ

ଭୁବନେଶ୍ୱର,୨୦।୧୦(ସଂଚାର ବ୍ୟୁରୋ): ଭାରତର 'ନିଓ-କ୍ଲାସିକ୍' ମୋଟରସାଇକେଲ ବର୍ଗର ଅଗ୍ରଣୀ ଜାୱା ୟେଜଦି ମୋଟରସାଇକେଲ୍ ପକ୍ଷରୁ ଭୁବନେଶ୍ୱରରେ ୪୨ ଲାଇଫ୍ ସିରିଜର ନୂତନ ୩୫୦ ଜାୱା ୪୨ ଏଫ୍‌ଜେ ଏବଂ ଆଇକନିକ୍ ବିଏସ୍‌ଏ ଗୋଲ୍ଡ ଷ୍ଟାର ୬୫୦ର ଉନ୍ମୋଚନ କରାଯାଇଛି। ଏଥିସହ ଭୁବନେଶ୍ୱରରେ ରାଜ୍ୟର ସର୍ବବୃହତ୍ ସୋରୁମ୍ ସହିତ ଏକ ଜାୱା କାଫେ ସପ୍‌ର ଉଦ୍‌ଘାଟନ କରାଯାଇଛି। ଖଣ୍ଡଗିରିରେ ଲକ୍ଷିତା ଅଟୋ ମୋବାଇଲସ୍ ନାମରେ ବୃହତ୍ ସୋରୁମ ଏବଂ ସପ୍ତସତୀ ମନ୍ଦିର ନିକଟରେ ଖୋଲିଥିବା ଜାୱା କାଫେ ସପ୍ ଖୋଲିଛି। ଏସବୁ ସୋରୁମ୍‌ରେ ଜାୱା, ୟେଜଦି ଓ ବିଏସଏ ମୋଟରସାଇକେଲର ସମ୍ପୂର୍ଣ୍ଣ ରେଞ୍ଜ ଉପଲବ୍ଧ ହେବ। ଏଥି ସହିତ ଅତ୍ୟାଧୁନିକ ଡିଲରସିପ୍‌ରେ ଉଚ୍ଚ ପ୍ରଶିକ୍ଷିତ ଟେକ୍ନିସିଆନଙ୍କ ଦ୍ୱାରା ପରିଚାଳିତ ସର୍ଭିସ୍ ସେଣ୍ଟର ରହିଛି ଯାହା ଉତ୍ତମ ଗ୍ରାହକ ସେବା ଏବଂ ବିକ୍ରି ପରବର୍ତ୍ତୀ ସହାୟତା ସୁନିଶ୍ଚିତ କରିବ। ଏହାର ଦ୍ରୁତ ଆଂଚଳିକ ସମ୍ପ୍ରସାରଣ ମୋଟରସାଇକେଲ ମୋଟରସାଇକେଲ୍ସ ଓଡ଼ିଶାରେ ଏହାର ଡିଲରସିପ୍ ନେଟୱର୍କକୁ ବର୍ଷକ ମଧ୍ୟରେ ୨୮କୁ ବୃଦ୍ଧି କରିବ। ଏଥି ପାଇଁ ଖୁବ୍‌ଶୀଘ୍ର ଅତିରିକ୍ତ ୭ଟି ଟଚ୍ ପଏଂଟ୍ ଖୋଲିବାକୁ ଯାଉଛି । କ୍ଲାସିକ୍ ଲିଜେଣ୍ଡସ୍ ପ୍ରାଇଭେଟ୍ ଲିମିଟେଡ୍‌ର ସହ-ପ୍ରତିଷ୍ଠାତା ଅନୁପମ ଥାରେଜା କହିଛନ୍ତି ଯେ, "ବ୍ରିଟିଶ ଇଞ୍ଜିନିୟରିଂ ଉତ୍କର୍ଷତାର ପ୍ରତିନିଧିତ୍ୱ କରୁଥିବା ବିଏସ୍‌ଏ ଗୋଲ୍ଡ ଷ୍ଟାର ୬୫୦ ଏବଂ ଆକର୍ଷଣୀୟ ଜାୱା ୩୫୦- ୪୨ ଏଫ୍‌ଜେକୁ ଭୁବନେଶ୍ୱର ଆଣିବା ନେଇ ଆମେ ଉତ୍ସାହିତ।

ଦୀପାବଳି ପୂର୍ବରୁ ଶସ୍ତା ହେବ ପିଆଜ

ମୋଦୀ ସରକାରଙ୍କ ଯୋଜନା

ନୂଆଦିଲ୍ଲୀ,୨୦।୧୦: ଦେଶରେ ପିଆଜର ବଢୁଥିବା ପିଆଜ ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ଏବଂ ବଜାରରେ ପିଆଜର ଉପଲବ୍ଧତା ବଜାୟ ରଖିବା ପାଇଁ ଗ୍ରାହକ ମନ୍ତ୍ରଣାଳୟ ବର୍ତ୍ତମାନ ପିଆଜର ଅଧିକ ଚାହିଦା ଥିବା ସହରଗୁଡିକ ପାଇଁ କାନ୍ଦା ଏକ୍ସପ୍ରେସ ଚଳାଇବାକୁ ନିଷ୍ପତ୍ତି ନେଇଛନ୍ତି। ପିଆଜର ବଢୁଥିବା ମୂଲ୍ୟକୁ ନିୟନ୍ତ୍ରଣ କରିବା ପାଇଁ ସରକାର ପ୍ରଥମ ଥର ପାଇଁ ମହାରାଷ୍ଟ୍ରରୁ ଦିଲ୍ଲୀକୁ ରେଳପଥ ଦେଇ ୧୬୦୦ ଟନ୍ ପିଆଜ ପରିବହନ କରିବେ। ଏହା ଦ୍ୱାରା ଦୀପାବଳି ପୂର୍ବରୁ ପିଆଜ ଦର ଶସ୍ତା ହେବାର ଆଶା ରହିଛି। ପିଆଜ ପରିବହନ ପାଇଁ ରେଳର ବ୍ୟବହାର କରିବା କାର୍ଯ୍ୟ ପ୍ରଥମ ଥର ଲାଗି ହେବାକୁ ଯାଉଛି।

ଏହି ପ୍ରସଙ୍ଗରେ ଗ୍ରାହକ ମନ୍ତ୍ରଣାଳୟ କହିଛନ୍ତି ଯେ ପିଆଜ ଦର ବୃଦ୍ଧି ହେବାର କାରଣ ହେଉଛନ୍ତି ହୋଡିଂ ବ୍ୟବସାୟୀ। ଯେଉଁମାନେ ଜାଣିଶୁଣି ବଜାରକୁ ପିଆଜ ଆଣୁ ନାହାନ୍ତି। କିନ୍ତୁ ବଜାରକୁ ସରକାରୀ ପିଆଜ ଆସିବା ସହିତ ପିଆଜର ମୂଲ୍ୟ ମଧ୍ୟ ହ୍ରାସ ପାଇବ। ଏହି ପରିପ୍ରେକ୍ଷୀରେ, 'କାନ୍ଦା ଏକ୍ସପ୍ରେସ' ନାମକ ଏକ ସ୍ୱତନ୍ତ୍ର ଟ୍ରେନ୍ ମହାରାଷ୍ଟ୍ରର ଲାସାଲଗାଓଁ ରେଳ ଷ୍ଟେସନରୁ ବାହାରି ୨୦ ଅକ୍ଟୋବର ରବିବାର ଦିନ ଦିଲ୍ଲୀର କିଶାନଗଞ୍ଜ ରେଳ ଷ୍ଟେସନରେ ପହଞ୍ଚିବ। ସରକାର ଆଶା କରୁଛନ୍ତି ଯେ ଏହି ଯୋଗାଣ ଦିଲ୍ଲୀ-ନ୍ୟାସନାଲ କ୍ୟାପିଟାଲ୍ ରିଜିଅନ୍ (ଏନସିଆର)ରେ ମୂଲ୍ୟ ସ୍ଥିର କରିବାରେ ସହାୟକ ହେବ, ଯେଉଁଠାରେ ବଫର ଷ୍ଟକ ପିଆଜ ବର୍ତ୍ତମାନ କିଲୋଗ୍ରାମ ପିଛା ୩୫ଟଙ୍କା ମୂଲ୍ୟରେ ବିକ୍ରି ହେଉଛି। ବର୍ତ୍ତମାନ ଦେଶର ବିଭିନ୍ନ ସହରରେ ପିଆଜର ଖୁଚୁରା ମୂଲ୍ୟ ୭୫ କିଲୋଗ୍ରାମରେ ପହଞ୍ଚିଛି। ଆସାମ, ନାଗାଲାଣ୍ଡ ଏବଂ ମଣିପୁର ସମେତ ଲକ୍ଷ୍ନୌ, ବାରାଣସୀ ଏବଂ ଉତ୍ତର-ପୂର୍ବ ରାଜ୍ୟରେ ମଧ୍ୟ ସମାନ ବ୍ୟବସ୍ଥା କରାଯିବ ବୋଲି ସରକାର କହିଛନ୍ତି। କ୍ଷତି ହ୍ରାସ କରିବା ପାଇଁ 'ସିଲ୍ କଣ୍ଟେନର' ପରିବହନ ପାଇଁ ସରକାର ଲଜିଷ୍ଟିକ୍ କମ୍ପାନୀ କନକୋର୍ଡ ସହିତ ମଧ୍ୟ ଆଲୋଚନା କରୁଛନ୍ତି।

ହୋଲସେଲ ମୂଲ୍ୟ ହ୍ରାସ କରିବାକୁ ବର୍ତ୍ତମାନର ବଜାର ହାରରେ ପିଆଜ ନିଲାମ ହେବ। ଏହି ପରିପ୍ରେକ୍ଷୀରେ ନାଶିକରୁ ଦିଲ୍ଲୀକୁ ରେଳ ଯୋଗେ ଗୋଟିଏ ଟ୍ରେନ୍ (୫୬ ଟ୍ରକ୍ ସହ ସମାନ) ପରିବହନ ମୂଲ୍ୟ ୭୦.୨୦ ଲକ୍ଷ ଟଙ୍କା ହୋଇଥିବାବେଳେ ସଡ଼କ ଦ୍ୱାରା ଏଥିରେ ୮୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ତେଣୁ ଟ୍ରେନରେ ପିଆଜ ପରିବହନ ଦ୍ୱାରା ୧୩.୮୦ ଲକ୍ଷ ଟଙ୍କା ସଞ୍ଚୟ ହେଉଛି ବୋଲି ସରକାର କହିଛନ୍ତି।

ବିମାନକୁ ବୋମା ଧମକ ସପ୍ତାହରେ ୭୦ 'ହୋକ୍ସ କଲ୍'

ନୂଆଦିଲ୍ଲୀ,୨୦।୧୦: ଗତ ଏକ ସପ୍ତାହ ମଧ୍ୟରେ ଅନେକ ଭାରତୀୟ ବିମାନକୁ ବୋମା ଧମକ ମିଳିଥିବା ବେଳେ କେବଳ ୨୪ ଘଣ୍ଟା ମଧ୍ୟରେ ୧୦ରୁ ଅଧିକ ବିମାନକୁ ଧମକ ମିଳିଛି। ଏହା ସହ ସପ୍ତାହ ମଧ୍ୟରେ ୭୦ଟି ହୋକ୍ସ କଲ୍ ମିଳିଛି। ଇଣ୍ଡିଗୋ ଏବଂ ଆକାସାର ପାଞ୍ଚ-ପାଞ୍ଚଟି ବିମାନକୁ ଧମକ ମିଳିଥିବା ବେଳେ ଭିସ୍ତାରାର ୩ଟି ବିମାନ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସର ଗୋଟିଏ ବିମାନକୁ ମଧ୍ୟ ଟାର୍ଗେଟ କରାଯାଇଥିଲା।

ଶନିବାର ସକାଳେ ଭିସ୍ତାରା ଏୟାରଲାଇନ୍ସର ତିନୋଟି ଆନ୍ତର୍ଜାତୀୟ ବିମାନକୁ ବୋମା ଧମକ ଆସିଥିଲା। ଯାଞ୍ଚ ପରେ ସେପରି କୌଣସି ସନ୍ଦେହଜନକ ସାମଗ୍ରୀ ମିଳିନଥିଲା। ଦିଲ୍ଲୀରୁ ଲଣ୍ଡନ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଉଡ଼ାଣ ଭରିବାକୁ ଥିବା ଭିସ୍ତାରା ବିମାନକୁ ଫ୍ରାଙ୍କଫର୍ଟକୁ ପଠାଯାଇଥିଲା ଏବଂ କୌଣସି ବିପଦ ନାହିଁ ବୋଲି ଜଣାପଡ଼ିବା ପରେ ବିମାନଟି ସେଠାରୁ ଯାତ୍ରା ଆରମ୍ଭ କରିଥିଲା। ଦିଲ୍ଲୀ-ଲଣ୍ଡନ ଭିସ୍ତାରା ବିମାନ ରାତି ପ୍ରାୟ ୧୨.୪୦ (ଭାରତୀୟ ସମୟ) ରେ ଫ୍ରାଙ୍କଫୋର୍ଟ ବିମାନବନ୍ଦରରେ ନିରାପଦରେ ଅବତରଣ କରିଥିଲା ବୋଲି ସୂଚନା ରହିଛି। ଅଧିକାରୀଙ୍କ କହିବା ଅନୁଯାୟୀ, ଦୁବାଇରୁ ଜୟପୁର ପର୍ଯ୍ୟନ୍ତ ଏକ ଏୟାର ଇଣ୍ଡିଆ ଏକ୍ସପ୍ରେସ ୧୮୯ ଜଣ ଯାତ୍ରୀଙ୍କୁ ନେଇ ଯିବାକୁ ପ୍ରସ୍ତୁତ ଥିବା ବେଳେ ଇମେଲ ମାଧ୍ୟମରେ ବୋମା ଧମକ ମିଳିଥିଲା। ବିମାନଟି ସକାଳ ରାତି ୧.୨୦ ରେ ଅବତରଣ କଲା ଏବଂ ଯାଞ୍ଚ ପରେ କୌଣସି ସନ୍ଦେହଜନକ ସାମଗ୍ରୀ ମିଳିନାହିଁ।

ପୋଷ୍ଟଅଫିସର ମାସିକ ଆୟ ଯୋଜନାରେ ସୁଧ ମିଳିବ ୧ ଲକ୍ଷ

नूआदिल्ली,२०।१०: सबु लोक येउँमाने चाकिरी वा व्यवसाय करन्ति सेमाने सञ्चयकु बहुत गुरुत्व दिअन्ति । एथिपाइँ अनेक लोक विभिन्न स्थानरे विनियोग करन्ति। केहि केहि सेयार बजाररे विनियोग करन्ति । केहि म्युचुआल् फण्डरे विनियोग करन्ति । तेणु केहि केहि विभिन्न योजनारे विनियोग करन्ति । अनेक लोक डाकघर योजनारे विनियोग करन्ति । डाक विभागर एपरि एक योजना हेउछि पोष्ट अफिस् मासिक आय योजना । विनियोग करिबा परे येउँथिरे आपण भल सुध मध्य पाइथा'न्ति । एहि योजनारे विनियोग करिबा परे आपण बार्षिक १ लक्ष टङ्का पर्य्यन्त सुध पाइपारिबे। आपण एहार फाइदा किपरि नेइपारिबे ? एहि योजनारे आपण किपरि विनियोग करिपारिबे ताहा आमे आपणङ्कु कहिबु । अनेक लोक सञ्चय पाइँ डाकघरर विभिन्न योजनारे विनियोग करन्ति । यदि आपण पोष्ट अफिस् मासिक सञ्चय आय योजनारे विनियोग करन्ति, तेबे आपण बार्षिक १ लक्षरु अधिक सुध पाइपारिबे । पोष्ट अफिसरे मासिक सञ्चय आय योजनारे, आपण बार्षिक ୭.୪% सुध पाइबे । एथिरे एक आकाउण्ट खोलिले आपण सर्वाधिक ୯ लक्ष टङ्का जमा करिपारिबे । यदि आपण एक मिळित आकाउण्ट् खोलन्ति तेबे आपण एथिरे ୧୫ लक्ष टङ्का पर्य्यन्त जमा करिपारिबे । यदि आपण बार्षिक ୭.୪% सुध हारारे ୧୫ लक्ष टङ्का जमा करन्ति, तेबे आपण बर्षकु ୧ लक्ष ୧୧ हजार टङ्का पर्य्यन्त सुध पाइपारिबे । पोष्ट अफिस् मासिक आय योजनारे विनियोग करिबाकु हेले आपणङ्कु प्रथमे डाक विभागरे आपणङ्कर सञ्चय खाता खोलिबाकु पडिब । एहा परे आपणङ्कु जातीय सञ्चय मासिक आय आकाउण्ट पाइँ फर्म दाखल करिबाकु पडिब । एहा सहित, आपणङ्कु नगद किम्वा चेक् माध्यमरे फर्म सहित आकाउण्टरे राशि जमा करिबाकु पडिब ।

ମହଙ୍ଗା ହୋଇପାରେ ଦାମୀ ଘଡ଼ି ଓ ଜୋତା

ନୂଆଦିଲ୍ଲୀ,୨୦।୧୦: ଜିଏସଟି ହାରକୁ ନେଇ ଗଠିତ ମନ୍ତ୍ରୀ ଗୋଷ୍ଠୀ (ଜିଓଏମ୍) ଶନିବାର ୨୦ ଲିଟର ପାଣି ବୋତଲ, ସାଇକେଲ୍ ଏବଂ ଅଭ୍ୟାସ ନୋଟବୁକ୍ ଉପରେ ଟିକସ ହାର ୧୮%ରୁ ୫%କୁ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ଏହାବ୍ୟତୀତ ସ୍ୱାସ୍ଥ୍ୟବୀମା ଉପରେ ଜିଏସଟି କମାଇବାକୁ ସୁପାରିଶ କରାଯାଇଛି ।

ସେପଟେ ଜିଓଏମ୍ ଦାମୀ ଘଡ଼ି ଓ ଜୋତା ଉପରେ ଟିକସ ବଢ଼ାଇବାକୁ ପରାମର୍ଶ ଦେଇଛି ବୋଲି ଜଣେ ଅଧିକାରୀ କହିଛନ୍ତି। ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଏସଟି ହାରକୁ ନେଇ ଜିଓଏମର ନିଷ୍ପତ୍ତି ଦ୍ୱାରା ୨୨,୦୦୦ କୋଟି ଟଙ୍କାର ରାଜସ୍ୱ ଲାଭ ହେବ ବୋଲି ଆଶା କରାଯାଉଛି । ୨୦ ଲିଟର କିମ୍ବା ତା'ଠାରୁ ଅଧିକ ମୂଲ୍ୟର ପାଣି ବୋତଲ ଉପରେ ଜିଏସଟି ୧୮%ରୁ ୫%କୁ ହ୍ରାସ କରିବାକୁ ମନ୍ତ୍ରୀ ଗୋଷ୍ଠୀ ସୁପାରିସ କରିଛି।

ଏହାବ୍ୟତୀତ ଅଭ୍ୟାସ ନୋଟବୁକ୍ ଉପରେ ଜିଏସ୍ ଟି ୧୨%ରୁ ୫%କୁ ହ୍ରାସ କରିବାକୁ ସୁପାରିସ କରାଯାଇଥିଲା। ସେହିପରି ୧୦ ହଜାର ଟଙ୍କାରୁ କମ୍ ମୂଲ୍ୟର ସାଇକେଲ ଉପରେ ଜିଏସଟି ୧୨%ରୁ ୫%କୁ ହ୍ରାସ କରିବାକୁ ପରାମର୍ଶ ଦିଆଯାଇଛି। ଜିଏସଟି କାଉନସିଲ ଏହି ସୁପାରିସ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଉତ୍ତରପ୍ରଦେଶ ଅର୍ଥମନ୍ତ୍ରୀ ସୁରେଶ କୁମାର ଖାନ୍ନା, ରାଜସ୍ଥାନ ସ୍ୱାସ୍ଥ୍ୟ ସେବା ମନ୍ତ୍ରୀ ଗଜେନ୍ଦ୍ର ସିଂହ, କର୍ଣ୍ଣାଟକ ରାଜସ୍ୱ ମନ୍ତ୍ରୀ କ୍ରିଷ୍ଣା ବାଇରେ ଗୌଡ଼ା ଏବଂ କେରଳ ଅର୍ଥମନ୍ତ୍ରୀ କେଏନ୍ ବାଲଗୋପାଳଙ୍କୁ ନେଇ ଗଠିତ ୬ ଜଣିଆ ଜିଏସଟି ପ୍ୟାନେଲ ୧୫,୦୦୦ ଟଙ୍କାରୁ ଅଧିକ ମୂଲ୍ୟର ଜୋତା ଏବଂ ୨୫,୦ ଟଙ୍କାରୁ ଅଧିକ ମୂଲ୍ୟର ହାତଘଡ଼ି ଉପରେ ଜିଏସଟି ୧୮%ରୁ ୨୮%କୁ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ।

ଇଲେକ୍ଟ୍ରିକ ବାଇକ ମୂଲ୍ୟରେ ମିଳିଯିବ ମହିନ୍ଦ୍ରା ସ୍କର୍ପିଓ

ନୂଆଦିଲ୍ଲୀ,୨୦।୧୦: ପ୍ୟାରିସ୍ ମୋଟର ସୋ'ରେ ରେନଲ୍ଟ ୪ଟି ଇ-ଟେକ୍ ଇଲେକ୍ଟ୍ରିକ୍ କାର୍ ଉପସ୍ଥାପନ କରିଛି। କେବଳ ରେନଲ୍ଟର ଇଲେକ୍ଟ୍ରିକ୍ କାର୍ ନୁହେଁ, ଅନ୍ୟାନ୍ୟ ଉତ୍ପାଦ ମଧ୍ୟ ଅଟୋ ଇଣ୍ଡଷ୍ଟ୍ରିର ଦୃଷ୍ଟି ଆକର୍ଷଣ କରିଛି। ଏହି ମୋଟର ଶୋ'ରେ ରେନଲ୍ଟ ହେରିଟେଜ୍ ସ୍ପିରିଟ୍ ସ୍ୱାମବୁର୍ ମଧ୍ୟ ପ୍ରଦର୍ଶନ କରିଥିଲା, ଯାହା ଏକ ଇଲେକ୍ଟ୍ରିକ ମୋଟରସାଇକେଲ୍। ଏହି ଇଭିର ମୂଲ୍ୟ ହେଉଛି ୨୩୩୪୦ ୟୁରୋ ଅର୍ଥାତ ପ୍ରାୟ ୨୧.୨ ଲକ୍ଷ ଟଙ୍କା। ଭାରତରେ ଉପଲବ୍ଧ ମହିନ୍ଦ୍ରା ସ୍କର୍ପିଓ ଏନର ମୂଲ୍ୟ ଏହି ଇଭି ଠାରୁ କମ୍। ସ୍କର୍ପିଓର ଏକ୍ସ ଶୋ'ରୁମ୍ ମୂଲ୍ୟ ୧୩.୮୫ ଲକ୍ଷରୁ ଆରମ୍ଭ ହୋଇ ୨୪.୫୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯାଏ। ଫ୍ରେଞ୍ଚ ଷ୍ଟାର୍ଟ ଅପ୍ କମ୍ପାନୀ ଆଟେଲିର୍ସ ହେରିଟେଜ୍ ପକ୍ଷରୁ ଏହି ଇଲେକ୍ଟ୍ରିକ୍ ମୋଟରସାଇକେଲ୍ ପ୍ରସ୍ତୁତ କରାଯାଇଛି। ଏହି ଇଲେକ୍ଟ୍ରିକ ମୋଟରସାଇକେଲର ମୂଲ୍ୟ ଭାରତରେ ଉପଲବ୍ଧ ଇଭି ତୁଳନାରେ ବହୁତ ଅଧିକ। କିନ୍ତୁ ଏହି ବାଇକ୍ ବିଷୟରେ ବିଶେଷ କଥା ହେଉଛି ଏହି ବାଇକ୍ ସଂପୂର୍ଣ୍ଣ ଭାବେ ହାତରେ ତିଆରି ହୋଇଛି। ଏହି ବାଇକର କେବଳ ସୀମିତ ମଡେଲଗୁଡିକ ବଜାରକୁ ଅଣାଯାଇଛି। ଏହି ବାଇକ୍ ପାଇଁ କମ୍ପାନୀ ବୁକିଂ ମଧ୍ୟ ଆରମ୍ଭ କରିଛି। ଏହି ରେନଲ୍ଟ ମୋଟରସାଇକେଲରେ ୪.୮ କିଲୋୱାଟ ବ୍ୟାଟେରୀ ପ୍ୟାକ୍ ଅଛି। ଏହି ବାଇକରେ ସ୍ଥାପିତ ଇଲେକ୍ଟ୍ରିକ୍ ମୋଟର ୧୦ ବିଏଚପି ପାୱାର ଏବଂ ପିକ ଟର୍କ ୨୮୦ ଏନଏମ ପ୍ରଦାନ କରିଥାଏ। କମ୍ପାନୀ ଦାବି କରିଛି ଯେ ଏହି ଇଲେକ୍ଟ୍ରିକ୍ ମୋଟରସାଇକେଲ୍ ସିଙ୍ଗଲ୍ ଚାର୍ଜିଂରେ ୧୧୦ କିଲୋମିଟର ଦୂରତା ଯାଇଥାଏ।

ଶସ୍ତାରେ ବୁକ୍ କରିପାରିବେ ଟ୍ରେନ-ବସ୍ ଟିକେଟ୍

ନୂଆଦିଲ୍ଲୀ,୨୦।୧୦: ଯଦି ଆପଣ ସବୁବେଳେ ଯାତ୍ରା କରିବାକୁ ପସନ୍ଦ କରୁଛନ୍ତି, ଆପଣଙ୍କ ପାଇଁ ଖୁସି ଖବର। ଶିଳ୍ପପତି ଗୌତମ ଆଦାନୀଙ୍କ କମ୍ପାନୀ ଦ୍ୱାରା ଏକ ଏପରି ଆପ୍ ଲଞ୍ଚ ହୋଇଛି ଯାହାଦ୍ୱାରା ଆପଣ ଶସ୍ତାରେ ଟ୍ରେନ୍, ବସ୍ ଓ ବିମାନ ଟିକେଟ୍ ବୁକିଂ କରିପାରିବେ। ଏଥିପାଇଁ ଆପଣଙ୍କୁ କୌଣସି ପ୍ରିମିୟମ ଚାର୍ଜ ଦେବାକୁ ପଡିବନାହିଁ। ଏହି ଆପ୍‌ର ନାଁ ହେଉଛି ଆଦାନୀ ୱିନ୍ସ ଆପ୍। ଏଥିରେ ଆପଣ ଟିକେଟ୍ ବୁକିଂ କରିବା ସହ ବିଭିନ୍ନ ଅଫର୍‌ର ମଧ୍ୟ ଫାଇଦା ଉଠାଇପାରିବେ। ଆଉ ଯାତ୍ରାବେଳେ ଖାଦ୍ୟ ଅର୍ଡର କରି ମଧ୍ୟ ଖାଇପାରିବେ। ଆଦାନୀ ୱିନ୍ସ ଆପ୍‌କୁ ଆଣ୍ଡ୍ରଏଡ କିମ୍ବା ଆଇଓଏସରେ ମଧ୍ୟ ଡାଉନ୍‌ଲୋଡ କରିପାରିବେ।

ଫସିଲେ ପ୍ରଯୋଜିକା ଏକତା କପୁର

ମୁମ୍ବାଇ,୨୦।୧୦: ଫସିଲେ ପ୍ରଯୋଜିକା ଏକତା କପୁର ଏବଂ ତାଙ୍କ ମା' ଶୋଭା କପୁର। ଦୁହିଁଙ୍କ ବିରୋଧରେ ରୁଜୁ ହେଲା ଏତଲା। ଉଭୟ ମା' ଓ ଝିଅଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଲେ ଯୁବକ। ଓଟିଟି ପ୍ଲାଟଫର୍ମ 'ଅଲ୍ଟ ବାଲାଜୀ'ରେ ପ୍ରସାରିତ ହୋଇଥିବା ୱେବ୍ ସିରିଜ୍ 'ଗନ୍ଦୀ ବାତ'ର ସିଜିନ-୬କୁ ନେଇ ପୋକସୋ ଆକ୍ଟ ଅନୁଯାୟୀ ଏକତା କପୁର ଏବଂ ଶୋଭା କପୁରଙ୍କ ବିରୋଧରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ନିର୍ମାତା ଏକତା କପୁର ଏବଂ ତାଙ୍କ ମା' ଶୋଭା କପୁର 'ଗନ୍ଦୀ ବାତ'ର ସିଜିନ-୬ର ଏକ ଅଧ୍ୟାୟରେ ନାବାଳିକାଙ୍କ ଅଶ୍ଳୀଳ ଦୃଶ୍ୟ ଦେଖାଇଥିଲେ। ଫେବ୍ରୁଆରି ୨୦୨୧ରୁ ଏପ୍ରିଲ ୨୦୨୧ ମଧ୍ୟରେ 'ଅଲ୍ଟ ବାଲାଜୀ'ରେ ପ୍ରସାରିତ ହୋଇଥିବା ଏହି ସିରିଜରେ ନାବାଳିକାମାନଙ୍କ ଅଶ୍ଳୀଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହା ସହ ସିଗାରେଟ୍ ବିଜ୍ଞାପନ ବ୍ୟବହାର କରି ମହାପୁରୁଷ ଏବଂ ସାଧୁମାନଙ୍କୁ ଅପମାନିତ କରାଯାଇଥିଲା। ଏଭଳି ବିବାଦୀୟ ଅଭିଯୋଗ ଉପରେ ଏପର୍ଯ୍ୟନ୍ତ ଏକତା ବା ତାଙ୍କ ମା'ଙ୍କ ପ୍ରତିକ୍ରିୟା ଆସିନାହିଁ।

କ୍ରିଷ୍ଣା ବିକାଶ ଗ୍ରୁପର ପ୍ରଚେଷ୍ଟାରେ ଯୋଗ ଅଲମ୍ପିଆଡ ୨୦୨୪

ଭୁବନେଶ୍ୱର,୨୦।୧୦(ସଂଚାର ବ୍ୟୁରୋ): କ୍ରିଷ୍ଣା ବିକାଶ ଗ୍ରୁପର ପ୍ରଚେଷ୍ଟାରେ ଏଆଇପିଏଚ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜ୍ୟ ହିମାଳୟ ଯୋଗ ଅଲମ୍ପିଆଡ ୨୦୨୪ ଉଦଘାଟିତ ହୋଇଯାଇଛି।ଭୁବନେଶ୍ୱର ରେ ଥିବା ବିଶ୍ୱବିଦ୍ୟାଳୟର ମୁଖ୍ୟ ବ୍ରାଞ୍ଚ ରେ ଏହି ପ୍ରତିଯୋଗିତା କୁ ଅୟୋଜନ କରାଯାଇଥିଲା। ଏହି ଅବସରରେ ଆଜିର କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡ଼ ସମରେନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିବା ବେଳେ ଯୋଗବିଭାଗର ଡିନ୍ ପ୍ରଫେସର ଡ଼ ଦିନେଶ ପ୍ରସାଦ ସ୍ୱାଇଁ, ଯୋଗ ଶିକ୍ଷକ ସୁନିଲ କୁମାର ମହାକୁଡ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଏଆଇପିଏଚ ବିଶ୍ୱବିଦ୍ୟାଳୟରେ ପ୍ରଥମ ବର୍ଷ ଯୋଗ ଶିକ୍ଷା କୋର୍ସ ଚାଲୁଥିବାରୁ ଏଭଳି ଏକ ଯୋଗ ସମୃଦ୍ଧିତ ପ୍ରତିଯୋଗିତା କୁ ଆୟୋଜନ କରାଯାଇଛି। ଛାତ୍ରଛାତ୍ରୀ ମାନଙ୍କ ଭିତରେ ଯୋଗ ପ୍ରତି ଆଗ୍ରହ ସୃଷ୍ଟି କରାଇବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। ଭାରତୀୟ ସଂସ୍କୃତିର ପ୍ରଚାର ଓ ପ୍ରସାର ତଥା ରୋଜଗାର କ୍ଷମ କରିବା ଏହି ଯୋଗ କାର୍ଯ୍ୟ କର୍ମରେ ଆଲୋକପାତ କରାଯାଇଥିଲା। ଯୋଗ ଶିକ୍ଷା କେବଳ ଆସନ ପ୍ରାଣାୟମ ମଧ୍ୟରେ ସୀମିତ ନୁହେଁ। ଏଥିରେ ଉଚ୍ଚ ଶିକ୍ଷା ଲାଭକରି ଜଣେ ନିଜକୁ ସୁସ୍ଥ ରଖିବା ସହିତ ପରିବାର ଓ ସମାଜର କଲ୍ୟାଣ କରିପାରିବ।। ଏତଦ୍ ବ୍ୟତୀତ, ଏଥିରେ ଉଚ୍ଚଶିକ୍ଷା ଲାଭକଲେ ରାଜ୍ୟରେ, ରାଜ୍ୟ ବାହାରେ ଏବଂ ବିଦେଶରେ ମଧ୍ୟ ଅନେକ କଲେଜ ଓ ବିଶ୍ୱବିଦ୍ୟାଳୟ ରେ ଉଚ୍ଚପଦବିରେ ଅଧିଷ୍ଠିତ ହେବାର ସୁଯୋଗ ରହିଛି ବୋଲି ପ୍ରକାଶ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ କଲେଜ ଓ ବିଶ୍ୱବିଦ୍ୟାଳୟର ୧୦୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଯୋଗ ପ୍ରତିଯୋଗିତାରେ ଯୋଗ ସମୃଦ୍ଧିତ ୮ ଟି ଆସନରେ ପ୍ରତିଯୋଗୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇଥିଲା। ମୁଖ୍ୟ ଆସନ ଭିତରୁ ଗରୁଡ଼ା ଆସନ, କୋଣା ଆସନ, ହସ୍ତପାଦ ଆସନ, ସଲଭା ଆସାନ ଓ ଚକ୍ରାସନ ରେ ନିଜର ପାରଦର୍ଶିତା ଦେଖାଇଥିଲେ ଭାଗ ନେଇଥିବା ଛାତ୍ରଛାତ୍ରୀ।ଯୋଗ ଶିକ

ସିନାପାଲି କସେଇପାଣିର ଦିଲୀପ ଜ୍ୟୋତି ଓପିଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ

ନୂଆପଡ଼ା, ୨୦।୧୦ (ସଂଚାର ବ୍ୟୁରୋ): ନୂଆପଡା ଜିଲ୍ଲା ସିନାପାଲି କୁସୁମଜୋର ଗ୍ରାମପଞ୍ଚାୟତର କସେଇପାଣି ଗ୍ରାମ ନିବାସୀ ଦିଲୀପ ଜ୍ୟୋତି ଓପିଏସସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଓଡ଼ିଶା ୪୬୭ରେଙ୍କରେ ଉତ୍ତୀର୍ଣ୍ଣ ହୋଇ ଥିବା ନେଇ ବିଭିନ୍ନ ମହଲ ରେ ଶୁଭେଚ୍ଛା ଜଣାଇଛନ୍ତି। ସିନାପାଲି କୁସୁମଜୋର ଗ୍ରାମପଞ୍ଚାୟତ ର କସେଇପାଣି ଗ୍ରାମ ନିବାସୀ କୁଶଳ ସିଂ ଜ୍ୟୋତି ଏବଂ କୁମାରୀ ଜ୍ୟୋତି ଙ୍କ ସନ୍ତାନ ଅଟନ୍ତି। ତାଙ୍କ ମାମୁଁ ତ୍ରିନାଥ ନିଆଁଲଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ନିଜ ଦୃଢ଼ ମନୋବଳ ଏବଂ ଲକ୍ଷ ସାଧିତ ପାଇଁ ସଙ୍କଳ୍ପବଦ୍ଧ ଅଟନ୍ତି। ସେ ଏସିଏସ ଓ ଦାୟିତ୍ୱ ନିର୍ବାହ କରିଛନ୍ତି। ଶିକ୍ଷା ପ୍ରତି ତାଙ୍କ ଅଧିକ ରୁଚି ଥିବା କାରଣରୁ ଗତ ଥର ମଧ୍ୟ ଓପିଏସସି ପରୀକ୍ଷାରେ ପାସ ହୋଇଥିଲେ।

ଓଏଏସ୍ ପରୀକ୍ଷାରେ ହରପ୍ରିୟାଙ୍କ ସଫଳତା

କାକଟପୁର/ଅସ୍ତରଙ୍ଗ, ୨୦।୧୦ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁରର ଝିଅ ହରପ୍ରିୟା ମଲ୍ଲିକ (୨୮)ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ହାସଲ କରି ଅଂଚଳ ପାଇଁ ଗର୍ବ ଆଣିପାରିଛନ୍ତି। ଶନିବାର ଓଡିଶା ପ୍ରଶାସନିକ ସେବା ପରୀକ୍ଷାର ଫଳାଫଳ ପ୍ରକାଶିତ ହେବା ପରେ ରାଜ୍ୟରେ ମୋଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୮୩ଜଣ କୃତ କାର୍ଯ୍ୟ ହୋଇଥିବା ବେଳେ କାକଟପୁର ବ୍ଲକ କାକଟପୁର କନ୍ଦଳପୁର ଅଂଚଳର ବିଜୟ କୁମାର ମଲ୍ଲିକ ଓ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ମେନକା ମଲ୍ଲିକଙ୍କ ଝିଅ ହରପ୍ରିୟା କୃତକାର୍ଯ୍ୟ ହେବା ସହ ୪୯୩ ନମ୍ବର ସ୍ଥାନରେ ରହିଛନ୍ତି। ବିନା କୋଚିଂରେ ଘର ନିକଟରେ ପିଲାଙ୍କୁ ପାଠ ପଢାଇବା ସହ ନିଜେ ପ୍ରତିଦିନ ୮ରୁ ୧୦ଘଣ୍ଟା ପରିଶ୍ରମ କରି ୩ୟ ଥରରେ ସଫଳତା ହାସଲ କରିଛନ୍ତି। ମା'ଙ୍କ ଲକ୍ଷ୍ୟ ଥିଲା ଝିଅ ଓଏଏସ ହେଉ। ମା'ଙ୍କ ଲକ୍ଷ୍ୟକୁ ପୁରଣ ପାଇଁ କଠିନ ପରିଶ୍ରମ କରି ପାଠ ପଢୁଥିଲେ ହରପ୍ରିୟା। ତାଙ୍କର ଏହି ସଫଳତା ପଛରେ ଭଗବାନଙ୍କ ଆଶୀର୍ବାଦ ଏବଂ ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢାଇଥିବା ଗୁରୁଜୀ ସରୋଜ କୁମାର ସ୍ୱାଇଁ, ପିତା ମାତା ଙ୍କ ସହ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପ୍ରେରଣା ଯୋଗୁଁ ସମ୍ଭବ ହୋଇ ପାରିଛି ବୋଲି ନିଜ ପ୍ରତିକ୍ରିୟାରେ ହରପ୍ରିୟା ପ୍ରକାଶ କରିଛନ୍ତି। ତାଙ୍କର ଏହି ସଫଳତା ଖବର ପ୍ରଚାରିତ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ସୁଅ ଛୁଟିଥିବା ବେଳେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଶୁଭେଚ୍ଛା ଜଣାଇଥିବା ବେଳେ କାକଟପୁର ଅଂଚଳରେ ଆନନ୍ଦର ଲହରୀ ଖେଳି ଯାଇଛି।

ଓଏଏସ୍ ୩୬ନମ୍ବର ରାଙ୍କ୍‌ରେ ଯାଜପୁରର ନିତ୍ୟରଞ୍ଜନ ସାମଲ

ଯାଜପୁର, ୨୦।୧୦ (ସଂଚାର ବ୍ୟୁରୋ): ପ୍ରକାଶ ପାଇଲା ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଫଳ । ଏଥିରେ ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ମହାବୀର ନଗରର ନିରଞ୍ଜନ ସାମଲ ଓ କଲ୍ପନା ପ୍ରଧାନଙ୍କ ପୁଅ ନିତ୍ୟରଞ୍ଜନ ସାମଲ ସାରା ରାଜ୍ୟରେ ୩୬ ନମ୍ବର ରାଙ୍କ ରେ ରହିଛନ୍ତି । ପ୍ରଥମ ଉଦ୍ୟମରେ ସେ ଏହି ସଫଳତା ଅର୍ଜନ କରିଛନ୍ତି ଯାହା ତାଙ୍କ ପରିବାର ରେ ଖୁସିର ଲହର ଖେଳିଯାଇଛି । ନିତ୍ୟରଞ୍ଜନଙ୍କ ବାପା ଜଣେ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ହୋଇଥିବା ବେଳେ ମା ଜଣେ ପ୍ରାଇମେରୀ ସ୍କୁଲ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ପିଲାଟି ବେଳୁ ସେ ଜଣେ ମେଧାବୀ ଛାତ୍ର ଭାବରେ ନିଜ ବିଦ୍ୟାଳୟ ଓ ସାଙ୍ଗ ସାଥିରେ ବେଶ ଆଦର ପାଇଥିଲେ । ଓଡିଆ ମିଡିଅମ ରୁ ପ୍ରାଥମିକ ଶିକ୍ଷା କେନ୍ଦ୍ରୀୟ ବିଦ୍ୟାଳୟରେ ଉଚ୍ଚ ଶିକ୍ଷା ରେଭେନସା ରୁ ଡିଗ୍ରୀ ହାସଲ ପରେ ସେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ । ଦିନକୁ ୫/୬ ଘଣ୍ଟା ସେ ପାଠ ପଢୁଥିଲେ । ସେ ତାଙ୍କର ଏହି ସଫଳତା ପାଇଁ ବାପା ମା ଓ ଶିକ୍ଷକଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି ।

ଓଏଏସ ପରୀକ୍ଷାରେ ଚିରଞ୍ଜୀବ୍‌ଙ୍କ ସଫଳତା

କାକଟପୁର/ଅସ୍ତରଙ୍ଗ, ୨୦।୧୦ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ର ପୁଅ ଚିରଞ୍ଜୀବ୍ ସାହୁ (୨୫)ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ହାସଲ କରି ଅଂଚଳ ପାଇଁ ଗର୍ବ ଆଣି ପାରିଛନ୍ତି। ଶନିବାର ଓଡିଶା ପ୍ରଶାସନିକ ସେବା ପରୀକ୍ଷାର ଫଳାଫଳ ପ୍ରକାଶିତ ହେବା ପରେ ରାଜ୍ୟରେ ମୋଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୮୩ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ସାହୁ ଓ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଗୁନପ୍ରିୟା ସ୍ୱାଇଁ ଙ୍କ ପୁଅ ଚିରଞ୍ଜିବ୍ କୃତକାର୍ଯ୍ୟ ହେବା ସହ ୪୯ନମ୍ବର ସ୍ଥାନରେ ରହିଛନ୍ତି। ସିଭିଲ ଇଞ୍ଜିନିୟର ପଢୁଥିବା ଚିରଞ୍ଜୀବ୍ ୧ମ ଥରରେ ଏହି ସଫଳତା ହାସଲ କରିଛନ୍ତି। ଶ୍ରୀ ସାହୁ ପ୍ରତିଦିନ ଏହି ପରୀକ୍ଷା ପାଇଁ ୭ରୁ ୮ଘଣ୍ଟା ପରିଶ୍ରମ କରୁଥିଲେ ବୋଲି କହିଛନ୍ତି। ରାଜ୍ୟର ଗରିବଗୁରୁବା ଙ୍କ ସେବା କରିବା ଲାଗି ସେ ଓଡିଶା ପ୍ରଶାସନିକ ସେବା ଅଧିକାରୀ ହେବାର ଲକ୍ଷ୍ୟ ରଖି ଓଏଏସ ପରୀକ୍ଷା ଦେଇଥିଲେ। ତାଙ୍କର ଏହି ସଫଳତା ପଛରେ ଭଗବାନ ଙ୍କ ଆଶୀର୍ବାଦ ଏବଂ ନିଜର ପିତାମାତା, ଶିକ୍ଷକ, ଶିକ୍ଷୟତ୍ରୀ ଙ୍କ ପ୍ରେରଣା ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ନିଜ ପ୍ରତିକ୍ରିୟା ରେ ଚିରଞ୍ଜୀବ୍ ପ୍ରକାଶ କରିଛନ୍ତି। ତାଙ୍କର ଏହି ସଫଳତା ଖବର ପ୍ରଚାରିତ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ସୁଅ ଛୁଟିଥିବା ବେଳେ ଅସ୍ତରଙ୍ଗ ପୂର୍ବତନ ସମିତି ସଭ୍ୟ ଦିବାକର ଛାଟୋଇ ଶୁଭେଚ୍ଛା ଜଣାଇଥିଲେ, ଚିରଞ୍ଜୀବ୍‌ଙ୍କ ସଫଳତା ରେ ଅସ୍ତରଙ୍ଗ ଅଂଚଳରେ ଆନନ୍ଦର ଲହରୀ ଖେଳିଯାଇଛି।

କଣାସରୁ ପ୍ରିୟଙ୍କା ଓ ସୁଦର୍ଶନ ଓଡ଼ିଶା ସିଭିଲି ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ

କଣାସ, ୨୦।୧୦ (ସଂଚାର ବ୍ୟୁରୋ): କଣାସ ବ୍ଲକ ହରଷପଡ଼ା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ପ୍ରିୟଙ୍କା ପ୍ରିୟଦର୍ଶିନୀ ବିଶ୍ୱାଳ। ୨୦୨୨-୨୩ ଓଡ଼ିଶା ସିଭିଲି ସର୍ଭିସ୍ ପରୀକ୍ଷାରେ ୨୨ନମ୍ବର ରାଙ୍କରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସେ ୨୦୨୧-୨୨ ଓଡ଼ିଶା ସିଭିଲି ସର୍ଭିସ୍ ପରୀକ୍ଷାରେ ୧୧୭ନମ୍ବର ରାଙ୍କରେ ଉତ୍ତୀର୍ଣ୍ଣ ହୋଇଥିବାରୁ ପୁନଶ୍ଚ ପରୀକ୍ଷା ଦେଇଥିଲେ। ତାଙ୍କର ପିତା ବିଦ୍ୟାଧର ବିଶ୍ୱାଳ ଜଣେ ପ୍ରାଥମିକ ଶିକ୍ଷକ ଓ ମାତା ମିନତୀ ବିଶ୍ୱାଳ ଜଣେ ସମାଜସେବୀ ଅଟନ୍ତି। ସେ ମାଧ୍ୟମିକ ଶିକ୍ଷା ଠାରୁ ଇଂଜିନିୟଂରି ପର୍ଯ୍ୟନ୍ତ କୃତିତ୍ୱର ସହିତ ଉତିନ୍ନ ହୋଇଥିଲେ।

ସେହିପରି କଉଡିଖଣି ଗ୍ରାମରେ ଜନ୍ମଗ୍ରହଣ କରିଥିବା ସୁଦର୍ଶନ ବେହେରା ୨୦୨୨-୨୩ ଓ.ପି.ଏସ୍.ସି ପରୀକ୍ଷା ୫୩୯ ରାଙ୍କରେ ଉତିନ୍ନ ହୋଇଥିବା ଜଣାପଡ଼ିଛି।ସୁଦର୍ଶନ ରେଳ ବିଭାଗରେ ଚାକିରୀ କରି ଓଡ଼ିଶା ସିଭିଲି ସର୍ଭିସ୍ ପରୀକ୍ଷା ଦେଇଥିଲି। ପରୀକ୍ଷାରେ ଉତିନ୍ନ ହୋଇଥିବା ଖବର ତାଙ୍କ ଗ୍ରାମ କଉଡିଖଣିରେ ପହଞ୍ଚିବା ପରେ ଆନନ୍ଦର ଲହରୀ ଖେଳି ଯାଇଛି।

ଅଳ୍ପ ବୟସରୁ ବଡ଼ ସ୍ୱପ୍ନ

ବିନା ପ୍ରଶିକ୍ଷଣରେ ସାଉଣ୍ଡ ଉପରେ କରୁଛନ୍ତି ରିସର୍ଚ୍ଚ

ଆଗଧାଡ଼ିର ସାଉଣ୍ଡ ଇଞ୍ଜିନିୟର ହେବାକୁ ଲକ୍ଷ୍ୟ

ଯାଜପୁର, ୨୦।୧୦ (ସଂଚାର ବ୍ୟୁରୋ) : କଥାରେ ଅଛି ତୁଳସୀ ଦୁଇ ପତ୍ରରୁ ବାସେ । ପ୍ରତିଭା ଯାହା ପାଖରେ ଥାଏ ତାହା ଆପେ ଆପେ ବାହାରକୁ ପରିପ୍ରକାଶ ହୋଇଉଠେ । ଆମେ କହୁଛୁ ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ରାମେଶ୍ୱର ଗ୍ରାମର ଅଭିଷେକ ମୁଦୁଲିଙ୍କ କଥା। ଅଳ୍ପ ବୟସରୁ ସ୍ପିକରରୁ ବାହାରୁଥିବା ଶବ୍ଦ କିପରି ଆମକୁ ଆହୁରି ଶୃତିମଧୁର ହୋଇପାରିବ ତାହା ଉପରେ ଅନୁସନ୍ଧାନ କରି ନୂଆ ଉଦ୍ଭାବନରେ ଲାଗିଛନ୍ତି । ଯାହା ସଫଳ ହେଲେ ସାଉଣ୍ଡ ଇଞ୍ଜିନିୟରିଂ ରେ ଏକ ନୂଆ ଉଦ୍ଭାବନ ହେବ।

ଯାଜପୁର ପୌରାଞ୍ଚଳ ରାମେଶ୍ୱର ଗ୍ରାମର ସୁବାସ ଚନ୍ଦ୍ର ମୁଦୁଲି ଓ ତୃପ୍ତିମୟୀ ମୁଦୁଲିଙ୍କ ଏକମାତ୍ର ପୁଅ ଅଭିଷେକ ସ୍ଥାନୀୟ ଅଞ୍ଚଳରେ ବହୁ ପ୍ରଶଂସା ସାଉଁଟୁଛନ୍ତି । ଘରେ ଆମେ ବ୍ୟବହାର କରୁଥିବା ସାଉଣ୍ଡ ସିଷ୍ଟମକୁ ନେଇ ସେ ନୂଆ ନୂଆ ଅନୁସନ୍ଧାନ କରୁଛନ୍ତି । ମୁଖ୍ୟ କଥା ହେଲା ଯୁକ୍ତ ଦୁଇରେ ପଢୁଥିବା ଅଭିଷେକ ଏଥିପାଇଁ କୌଣସି ବୃତିଗତ ତାଲିମ ନେଇନାହାନ୍ତି ହେଲେ ସେ ସାଉଣ୍ଡ ସିଷ୍ଟମକୁ ନେଇ ଏଭଳି କାର୍ଯ୍ୟ କରୁଛନ୍ତି ଯାହାକୁ ସମସ୍ତେ ପ୍ରଶଂସା କରୁଛନ୍ତି । ଅଭିଷେକଙ୍କ ବାପା ଜଣେ ବ୍ୟବସାୟୀ ହୋଇଥିବା ବେଳେ ମା ଜଣେ ଗୃହିଣୀ। ପୁଅକୁ ସବୁ କ୍ଷେତ୍ରରେ ଉଭୟ ସହଯୋଗ କରନ୍ତି । ଅଭିଷେକଙ୍କ ଜେଜେ ପିତାମ୍ବର ମୁଦୁଲି ପେଷାରେ ଜଣେ ଟେଣ୍ଟ ହାଉସ ମାଲିକ। ଘରେ ସେ ପିଲାବେଳୁ ମାଇକ, ସାଉଣ୍ଡ ବକ୍ସ, ଲାଇଟ ଏସବୁ ଦେଖି ଏଥିପ୍ରତି ତାଙ୍କର ଆଗ୍ରହ ବଢ଼ିଥିବା ପରିବାର ଲୋକ କୁହନ୍ତି । ସେ କୁହନ୍ତି ପିଲାଟି ବେଳେ ସେ ଘରେ ପଡିଥିବା ପୁରୁଣା ଭଙ୍ଗା ସାଉଣ୍ଡ ମେସିନ ସ୍ପିକର ସବୁ ଖୋଲିକି ଦେଖନ୍ତି । ଆଖପାଖ ଅଞ୍ଚଳରେ ଯେଉଁଠି ବି ମେଲୋଡ଼ି କିମ୍ବା ମ୍ୟୁଜିକ ବ୍ୟାଣ୍ଡ କାର୍ଯ୍ୟକ୍ରମ ହୁଏ ସେଠାରେ ସେ ଯାଇ ପହଞ୍ଚିଯାନ୍ତି। ଷଷ୍ଠ ଶ୍ରେଣୀରେ ପାଠ ପଢୁଥିବା ସମୟରେ ବିନା କାହା ସହଯୋଗରେ ସେ ପ୍ରଥମେ ପୁରୁଣା ମେସିନରୁ ସମସ୍ତ ବସ୍ତୁ ଖୋଲି ନିଜେ ଏକ ସାଉଣ୍ଡ ସ୍ପିକର ବକ୍ସ ତିଆରି କରିବାରେ ସକ୍ଷମ ହୋଇଥିଲେ। ଯାହା ଦେଖି ପରିବାର ଲୋକ ବହୁତ ଆଶ୍ଚର୍ଯ୍ୟ ହୋଇଥିଲେ । ସେବେଠୁ ସେ ସାଉଣ୍ଡ ସିଷ୍ଟମ କୁ ନେଇ ନୂଆ ନୂଆ ଉଦ୍ଭାବନ ଜାରି ରଖିଛନ୍ତି ।

ଆମେ ଘରେ ବ୍ୟବହାର କରୁଥିବା ହୋମ ଥିଏଟର ବା ଘରୋଇ ମ୍ୟୁଜିକ ସିଷ୍ଟମର ଥ୍ରୀ-ୱେ ଫ୍ରାଁକୁଏନ୍ସି ଉପରେ ଅଭିଷେକ ଏବେ କାର୍ଯ୍ୟ କରୁଛନ୍ତି। ଯଦି ଏହା ଉପରେ ସେ ପୂର୍ଣ୍ଣସକ୍ଷମ ହୁଅନ୍ତି, ସାରା ଭାରତରେ ସେ ପ୍ରଥମ ବ୍ୟକ୍ତି ଭାବରେ ଏହା କରିବାରେ ଗଣା ହେବେ। ତାଙ୍କର ସାଉଣ୍ଡ ଉପରେ ଏପରି ପାରଦର୍ଶିତା ହୋଇଗଲାଣି ଯେ, ସେ ମ୍ୟୁଜିକ ସାଉଣ୍ଡ ଶୁଣିବା ମାତ୍ରେ କହିପାରନ୍ତି କେଉଁଠି କଣ ତ୍ରୁଟି ରହିଛି। ତାଙ୍କର ଏହି କାମ ପଛରେ ତାଙ୍କ ଅଜା ପୁରୁଷୋତ୍ତମ ସାହୁଙ୍କର ମଧ୍ୟ ବଡ଼ ହାତ ରହିଥିବା ଅଭିଷେକ କୁହନ୍ତି । ସାଉଣ୍ଡ ଉପରେ ଯେଉଁଠି ବି ପ୍ରଦର୍ଶନୀ ମେଳା କିମ୍ବା କିଛି ଅଧିକ ଜାଣିବାକୁ ଯିବାକୁ ହୁଏ ସେ ଅଜାଙ୍କ ସହଯୋଗ ଲୋଡ଼ନ୍ତି ବୋଲି କହିଛନ୍ତି। ଅଭିଷେକଙ୍କୁ ତାଙ୍କର ଏହି କାମରେ କଟକର ସାଗର ସଂଗମ ମ୍ୟୁଜିକ ଷ୍ଟୁଡିଓର ସାଉଣ୍ଡ ଇଞ୍ଜିନିୟର ରଞ୍ଜନ କୁମାର ସାହୁ ଏବଂ ମାଲିକ ମହମ୍ମଦ ଆବିଦ ସବୁବେଳେ ସହଯୋଗ କରନ୍ତି ଓ ପ୍ରେରଣା ଦିଅନ୍ତି । ଆଗକୁ ସେ ଏହାରି ଉପରେ ଅଧିକ ଅଧ୍ୟୟନ କରିବେ ଓ ସାଉଣ୍ଡ ଇଞ୍ଜିନିୟରିଂରେ ନିଜର କ୍ୟାରିୟର କରି ଭାରତରେ ମ୍ୟୁଜିକ ସାଉଣ୍ଡ କ୍ଷେତ୍ରରେରେ ନୂଆ ବିପ୍ଳବ ଆଣିବେ ବୋଲି ସ୍ୱପ୍ନ ରଖିଥିବା କହିଛନ୍ତି।

ଗାଁ ସାଥୀ ପରିବର୍ତ୍ତନ ପାଇଁ ଦାବି

ପାଟଣାଗଡ, ୨୦।୧୦ (ସଂଚାର ବ୍ୟୁରୋ): ସରକାର ଶ୍ରମିକମାନଙ୍କ ଆର୍ଥିକ ସ୍ଥିତିର ସୁଧାର ଆଣିବା ପାଇଁ ମନରେଗା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଶ୍ରମିକମାନେ କାମ କରି ପାରିଶ୍ରମିକ ଟଙ୍କା ପାଇ ପାରିବେ । ମନରେଗା କାର୍ଯ୍ୟ ପାଇଁ ନିୟୋଜିତ ଗାଁ ସାଥୀମାନଙ୍କର ମନମୁଖୀ କାର୍ଯ୍ୟ ସକାଶେ ଶ୍ରମିକମାନେ କାମ ନ ପାଇ ଆର୍ଥିକ ଅସୁବିଧା ଦେଇ ଗତି କରୁଛନ୍ତି। ଏପରି ଏକ ଅଭିଯୋଗ ଆଣିଛନ୍ତି ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ଭାଲୁଡୁଙ୍ଗୁରି ଗ୍ରାମର ଶ୍ରମିକମାନେ। ଗାଁ ସାଥୀ ଅରୁଣ ସାହୁଙ୍କ ମନମୁଖୀ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ତାଙ୍କୁ ପରିବର୍ତ୍ତନ କରାଯାଉ ବୋଲି ଖପ୍ରାଖୋଲ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ପତ୍ର ଦେଇଛନ୍ତି ଶ୍ରମିକମାନେ।

ସେମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଗାଁ ସାଥୀ ଅରୁଣ ସାହୁଙ୍କୁ ମନରେଗା ଯୋଜନାରେ କାମ କରିବାକୁ ତାଙ୍କର ଜବକାର୍ଡ, ଆଧାର କାର୍ଡ ଓ ବ୍ୟାଙ୍କ ପାସ ବହିର ନକଲ ଦେଇଥିଲେ। ଗତ ୧୮/୧୦/୨୦୨୪ ତାରିଖ ଶୁକ୍ରବାର ଦିନ କାମ କରିବାକୁ ଯାଇ ସେହି ଦିନକର କାର୍ଯ୍ୟ ଶେଷ କରିଥିଲେ ମଧ୍ୟ ସେହି ସମୟରେ ଗାଁ ସାଥୀ କାର୍ଯ୍ୟସ୍ଥଳୀକୁ ଯାଇ କାମ କରିବାକୁ ମନା କରିଥିଲେ । ଗାଁ ସାଥି ନିଜର ସଂପର୍କୀୟମାନଙ୍କୁ କାମ ଦେବା ତଥା କାମ ନ କରି ନିଜ ଲୋକଙ୍କ ନାମରେ ଟଙ୍କା ପକାଇବା କଥା ଉଲ୍ଲେଖ କରିଛନ୍ତି । ତାଙ୍କର କହିବା କଥାହେଲା ଆମେ ଗରିବ ଖଟିଖିଆ ଲୋକ, କାମ କରିବାକୁ ମାଗିଲେ ଗାଁ ସାଥୀ କରିବାକୁ ଦେଉନାହାନ୍ତି ଅଥଚ ଜଣେ କାମନକରି ଘରେ ବସି ଟଙ୍କା ପାଉଛି। ଏସବୁ କାର୍ଯ୍ୟ ଗାଁ ସାଥୀଙ୍କ ଯୋଗୁ ହେଉଛି। ତେଣୁ ଏହା ଉପରେ ତଦନ୍ତ କରି ଆମର ଦିନକର ମଜୁରୀ ମିଳିବା ସହିତ ଗାଁ ସାଥି ଅରୁଣ ସାହୁଙ୍କୁ ପରିବର୍ତ୍ତନ କରାଯାଉ ବୋଲି ଅଭିଯୋଗ ଆଣିଛନ୍ତି ।

ଉଦ୍‌ଯାପିତ ହେଲା ଧନ୍ଦାମୂଳକ ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା, ୨୦।୧୦ (ସଂଚାର ବ୍ୟୁରୋ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ରାଇଡ୍ ପକ୍ଷରୁ ଏକ ତୃଣମୂଳସ୍ତରୀୟ ଧନ୍ଦାମୂଳକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏହି ଉପଲକ୍ଷେ ନାବାର୍ଡର ଜିଲ୍ଲା ଉନ୍ନୟନ ପରିଚାଳକ ସ୍ମିତା ଏନ୍. ବଡଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଓରମାସର ମୁଖ୍ୟ ନିର୍ବାହୀ ଅଧିକାରୀ ନିରୋଜ ଜେନା, ମାର୍ଶାଘାଇ ବ୍ଲକ ମିଶନଶକ୍ତି ବିପିସି ବିକାଶ ମହାନ୍ତି, ମେହେନ୍ଦିନଗର କାନାରା ବ୍ୟାଙ୍କର ଶାଖା ପରିଚାଳକ, ମେହେନ୍ଦିନଗର ଏମ୍‌ବିକେ, ମାର୍ଶାଘାଇ ବିଭିଓ ଡା. ଗୌତମ କାମିଲା, ସିସିସିବିର ସମ୍ପାଦକ ଦୁର୍ଗାମାଧବ ନନ୍ଦ ପ୍ରମୁଖ ଯୋଗଦେଇ ଧନ୍ଦାମୂଳକ ପ୍ରଶିକ୍ଷଣ ପ୍ରାପ୍ତ କରିଥିବା ମହିଳା ଗୋଚାଷୀମାନଙ୍କୁ ବିଭିନ୍ନ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୨୦ରୁ ଉର୍ଦ୍ଧ୍ୱ ମହିଳା ଗୋଚାଷୀ ଯୋଗଦେଇ ନାବାର୍ଡ ପକ୍ଷରୁ ସେମାନଙ୍କୁ ପ୍ରଦାନ କରାଯାଇଥିବା ଜୀବିକା ରକ୍ଷା ପ୍ରଶିକ୍ଷଣରୁ ସେମାନଙ୍କୁ ମିଳିଥିବା ସୁଫଳ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ରାଇଡ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ କିଶୋର କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏଥିସହିତ ପ୍ରଶିକ୍ଷଣ ପ୍ରାପ୍ତ ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟାମାନେ ଦୁଗ୍ଧରୁ ପ୍ରସ୍ତୁତ ଦହି, ଛେନା, ମିଠାଦହି, ପେଡା,ରସାବଳୀ, ଛେନାପୋଡ, ଛେନାମୁଆ, ପନିର ଓ ଦେଶୀ ଗୁଆଘିଅ ପ୍ରଭୃତିକୁ କିଭଳି ଆଲୁମିନିୟମ୍ ଜରିରେ ପ୍ୟାକ୍ କରି ପରେ ନାବାର୍ଡ ପ୍ରଦତ୍ତ ଷ୍ଟୋଟ ବ୍ୟାଗ୍‌ରେ ଭର୍ତ୍ତି କରି ତାକୁ ବଜାରକୁ ବିକ୍ରୟ ପାଇଁ ପଠାଉଛନ୍ତି ସେ ସମ୍ପର୍କରେ ଖୋଲାଯାଇଥିବା ଷ୍ଟଲ୍‌ରେ ପ୍ରଦର୍ଶନ ପୂର୍ବକ ଅତିଥିମାନଙ୍କୁ ବୁଝାଇଥିଲେ । ଏହାପରେ ପ୍ରଶିକ୍ଷାର୍ଥୀମାନେ ପ୍ରତିଷ୍ଠା କରିଥିବା ଏକ ଦୁଗ୍ଧଜାତ ଦ୍ରବ୍ୟ ୟୁନିଟ ଓ ମାର୍କେଟିଙ୍ଗ ଷ୍ଟଲକୁ ମଧ୍ୟ ଅତିଥିମାନେ ବୁଲି ଦେଖିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ସଫଳତାର ସହିତ ପ୍ରଶିକ୍ଷଣ ପୂର୍ବକ ସ୍ୱାବଲମ୍ବି କରିପାରିଥିବାରୁ ନାବାର୍ଡ ଏବଂ ରାଇଡ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଅତିଥି ଓ ଗ୍ରାମବାସୀମାନେ ଧନ୍ୟବାଦ ଅର୍ପଣ କରିଥିଲେ ।

**ସୋରଡ଼ା ନିର୍ବାଚନ ମଣ୍ଡଳୀ ବେଲଗୁଣ୍ଡା ଓ ସୋରଡ଼ା ବ୍